# ଜୟମାଲ୍ୟ

ସା

ମା

ଜି

କ

ନା

ଟ

କ

ନାଟ୍ୟକାର—ଶ୍ରୀ ଭଞ୍ଜକିଶୋର ପଟ୍ଟନାୟକ ବି. ଏ.

ପ୍ରକାଶିକା—ଶ୍ରୀମତୀ ସରୋଜିନୀ ପଟ୍ଟନାୟକ

ଦ୍ୱିତୀୟ ମୁଦ୍ରଣ—୧୦୦୦, ୧୯୫୮

ମୂଲ୍ୟ—ଟ୧।୶/

ଅଭିନୟ ପ୍ରଦର୍ଶନ ନାଟ୍ୟକାରଙ୍କ ଅନୁମତି ସାପେକ୍ଷ

—ପ୍ରାପ୍ତିସ୍ଥାନ—

ଇଉନିଭରସିଟି ବୁକ୍ ଷ୍ଟୋର୍

ବାଙ୍କାବଜାର, କଟକ—୨

ଲାଇବ୍ରେରୀ
ନଂ ୩୦୫

ବାବୁଲ ଓ ମାମୁନ ହାତରେ—

'ବାପା'

# ଅନ୍ନପୂର୍ଣ୍ଣା ଥିଏଟର୍‌ର୍ସ 'ଏ' ଗ୍ରୁପ୍ କର୍ତ୍ତୃକ
# ପ୍ରଥମ ଥର ପାଇଁ ଅଭିନୀତ

ଭୂମିକାରେ:—

ବ୍ରଜ—ଦୁଃଖୀରାମ
ମନୋଜ—ରଘୁନାଥ
ଅଜିତ୍ — ବିଷ୍ଣୁପ୍ରସାଦ
ବସନ୍ତ —ଲକ୍ଷ୍ମୀନାରାୟଣ
ପ୍ରକାଶ—ମାଷ୍ଟର ମାଣିଆ
ଗଣପତି — ଗଣେଶ୍ୱର
ଦୀନବନ୍ଧୁ— ବୃନ୍ଦାବନ(ବୁଲ୍‌ବୁଲ୍)
ହରି —ନିକୁଞ୍ଜ
କନେଷ୍ଟବଲ—ଈଶ୍ୱର
ଦରବାନ୍—ଘନବନ୍ଧୁ
ଭିକ୍ଷୁକ — ପ୍ରଭୁରାମ
ଭଦ୍ରଲୋକ—ହରି
ଶିପ୍ରା — ପୂର୍ଣ୍ଣିମା
ରଞ୍ଜନା — ରାଧାରାଣୀ
ଗୀତା — ସୁନ୍ଦରମଣି
ପାର୍ବତୀ—ଇନ୍ଦୁଲତା
କୁନ — ନିର୍ମଳା (ବୁଚି)

ସଂଗଠନରେ: —

ପ୍ରଯୋଜକ — ସୋମନାଥ ଦାଶ
ମ୍ୟାନେଜର — ବାଞ୍ଛାନିଧି ମହାନ୍ତି
ସତ୍ତ୍ୱାଧିକାରୀ — ବାଞ୍ଛାନିଧି ମହାରଣା
ଆୟୋଜକ — ଗଣେଶ୍ୱର ରଥ
ଅଧ୍ୟକ୍ଷ — ମା: ରାମଚନ୍ଦ୍ର ମାଣିଆ
ସଙ୍ଗୀତ ଓ ସ୍ୱର ଯୋଜନା—
କିଶୋର କବି ଶ୍ୟାମସୁନ୍ଦର ଦାଶ
ସଙ୍ଗୀତ ପରିଚାଳନା—
ହରିହର ପଣ୍ଡା
ପ୍ରଚାର ବିଭାଗ—ରାଜକିଶୋର
ମଞ୍ଚ ନିର୍ଦ୍ଦେଶନା— ବୃନ୍ଦାବନ
ଆଲୋକ — ବ୍ରଜ ଓ [illegible]
ଆବହ ସଙ୍ଗୀତ — ହରିହର
ପ୍ରଭୁରାମ
ରୂପସଜ୍ଜା — ଗୋଦାବରୀ
ସ୍ମାରକ — ମାନୁ
ନୃତ୍ୟ ପରିଚାଳନା-ସନ୍ଧ୍ୟାନାରାୟଣ
ନୃତ୍ୟରେ — ହେମମାଳା

ରଚନା—ଶ୍ରୀ ଭଞ୍ଜକିଶୋର ପଟ୍ଟନାୟକ ବି.ଏ.

ପରିଚାଳନା — ଦୁଃଖୀରାମ ସ୍ୱାଇଁ

## ଦ୍ୱି' ପଦ—

—ରୋମ ପରି ସାମ୍ରାଜ୍ୟ ମଧ୍ୟ କାଳକ୍ରମେ ଭୂଷୁଡ଼ି ପଡ଼ିଛି, କାହିଁ ମରି ଶୋଇଛି କୋଉଠି ଶିଳ୍ପୀର ସାଧନା ? ଚନ୍ଦ୍ର ତାରାଙ୍କ ପରି ସ୍ୱଚ୍ଛ, ସୁନ୍ଦର ହୋଇ ସବୁଦିନେ ସାଧନା ଏ ସୃଷ୍ଟି ଭିତରେ ଜୀଇ ରହିଛି ।

× × × ×

—ଏକ ଦୁଃସ୍ଥ କଳାକାର ଜୀବନର ସକରୁଣ ଇତିହାସକୁ କେନ୍ଦ୍ରକରି 'ଜୟମାଲ୍ୟ' ନାଟକର ସୃଷ୍ଟି । କଳାକାର ତା'ର ଜୀବନର ପ୍ରତି ପଦେ କ୍ଷତ ବିକ୍ଷତ ହୋଇଛି, ମାତ୍ର ଅବସ୍ଥାର ରଥଚକ୍ର ତଳେ ନିଷ୍ପେଷିତ ହୋଇ ମଧ୍ୟ ସେ ତାର ସାଧନାକୁହିଁ ଚିରଦିନ ଉଚ୍ଚ ଆସନ ଦେଇ ଆସିଛି; ଅର୍ଥକୁ ନୁହେଁ । ଏହାହିଁ ଏହି ନାଟକର ମୂଳଭିତ୍ତି !

—ମୋର 'ଜୟମାଲ୍ୟ' ନାଟକ ରଚନା ଦିଗରେ ଶ୍ରୀଯୁକ୍ତ କାର୍ତ୍ତିକ କୁମାର ଘୋଷ ଯଥେଷ୍ଟ ସହାୟତା କରିଅଛନ୍ତି । ପଦେ ପଦେ ତାଙ୍କର ମୂଲ୍ୟବାନ ପରାମର୍ଶ ଏ ନାଟକକୁ ରଚନା ଏବଂ ଅଭିନୟ ଉଭୟ ଦିଗରୁ ସାଫଲ୍ୟମଣ୍ଡିତ କରିଅଛି । ତେଣୁ ତାଙ୍କଠାରେ ମୁଁ ଚିରଋଣୀ ! ଅନ୍ଧଦୃଷ୍ଟି ଥିଏଟର ଏ' ଗ୍ରୁପ 'ଜୟମାଲ୍ୟ' ନାଟକକୁ ଗୌରବୋଜ୍ଜ୍ୱଳ କରି ସେ

ଦେଶର ଭାଇ ଭଉଣୀମାନଙ୍କ ନିକଟରେ ଯଥାଯଥ ଭାବରେ ପରିବେଷଣ କରିଥିବାରୁ ଉକ୍ତ ଗ୍ରୁପର କର୍ମକର୍ତ୍ତା, ଦିଗ୍‌ଦର୍ଶକ ଏବଂ କଳାକୁଶଳୀ ଶିଳ୍ପୀମାନଙ୍କୁ ଧନ୍ୟବାଦ ଦେଉଛି । ନାଟକରେ ସଙ୍ଗୀତ ସମାବେଶ ଏବଂ ସ୍ୱର ସଂଯୋଜନା କରିଥିବାରୁ କିଶୋର କବି ଶ୍ୟାମସୁନ୍ଦରଙ୍କ ନିକଟରେ ମଧ୍ୟ ମୁଁ ଋଣୀ । ପରିଶେଷରେ ତରୁଣ ଶିଳ୍ପୀ ଦୁଃଖୀରାମ ସ୍ୱାଇଁ ଏ ନାଟକର ନିର୍ଦ୍ଦେଶକ ଭାବେ ଦର୍ଶକମାନଙ୍କଠାରୁ ତାଙ୍କର ପରିକଳ୍ପନାର ଯଥାର୍ଥ ଗୌରବ ହାସଲ କରି ପାରିଥିବାରୁ ମୁଁ କେବଳ ଆନନ୍ଦ ପ୍ରକାଶ କରି ନିଶ୍ଚିନ୍ତ ହେଉନାହିଁ, ଭବିଷ୍ୟତରେ ତାଙ୍କର ଏଇ ଖ୍ୟାତି ଯେପରି ଉତ୍ତରୋତ୍ତର ବୃଦ୍ଧି ଲାଭ କରିବ—ସେଇ ଆଶୀର୍ବାଦ ମଧ୍ୟ କରୁଛି ।

ଅକ୍ଷୟତୃତୀୟା, ସୂତାହାଟ<br>
ତା ୧୩-୫-୧୯୫୬ } —ଭଞ୍ଜକିଶୋର—

# ପ୍ରଥମ ଅଙ୍କ

## —ପ୍ରଥମ ଦୃଶ୍ୟ—

[ବ୍ରଜର ଘର—ପରଦା ଉଠିଲା ପରେ ଦେଖାଗଲା ସାଧାରଣ କୋଠରୀଟିଏ—ଟେବୁଲ ଉପରେ ଖଣ୍ଡିଏ ଚେକ ରଖାଯାଇଛି। ବସନ୍ତ ରହିଛି ବ୍ରଜ ଆଡ଼େ—ବ୍ରଜ ପଦଚାରଣ କରୁ କରୁ ଘରର ଗୋଟିଏ କୋଣରେ ଅଟକି ଯାଇଛି]

ବ୍ରଜ—ଚେକ ! ଟଙ୍କା ! ( ହସି ଉଠିଲେ ଜୋରରେ ), ଏ ଟଙ୍କା ଆଜି ଉଠେଇ ନେ ବସନ୍ତ, ଅନେକ ଭାବଚିନ୍ତା ଦେଖିଲି ନିଜକୁ ମୁଁ ଟଙ୍କା ପାଖରେ କେବେହେଲେ ଶ୍ରେଷ୍ଠ କରି ଦେଇ ପାରିବନି !

ବସନ୍ତ—ବ୍ରଜ···!

ବ୍ରଜ—ସାଧନାକୁ ମୁଁ କେବେ ହେଲେ ଶ୍ରେଷ୍ଠ ଆସନ ଦେଇ ପାରିବିନି ବସନ୍ତ ! ଟଙ୍କା ଦେଇ ଦୁନିଆରେ ସବୁ କରି ହୁଏ କିନ୍ତୁ ସାଧନାରେ ସିଦ୍ଧି ଲାଭ ହୁଏ ନା !

ବସନ୍ତ—କିନ୍ତୁ ଏ ଟଙ୍କା ତୋର କେତେ ଦରକାର ବୁଝୁଚୁ ନିଶ୍ଚୟ ?

ବ୍ରଜ—ଅନେକ ଅଦରକାରୀ ଜିନିଷକୁ ବି ମଣିଷ କାମରେ ଲଗେଇ ପାରୁଚି ବସନ୍ତ, 'ଅର୍ଥ' ବଡ଼ ନହେଁ, ବଡ଼ ହଉଚି 'ସାଧନା' !

ବସନ୍ତ—କିନ୍ତୁ···ଦାରିଦ୍ର୍ୟ ?

ବ୍ରଜ—ତୁ ତାହେଲେ ମତେ ଆଘାତ ଦବା ମତଲବରେ ଏଠିକି ଆସିଛୁ, ନା ?

ବସନ୍ତ—ଏ ଦୁଇଶ ଟଙ୍କାର ଚେକ ଖଣ୍ଡିକ ତୋର ବିଶେଷ ଦରକାରରେ ଆସିବ ବ୍ରଜ !

ବ୍ରଜ—ଟଙ୍କା ମୋର କୌଣସି ଦିନ ନ ଥିଲା, ଆଜି ବି ନାହିଁ—ଖେଳିବା ପାଇଁ ଏ ଘରେ ଅଛି ଖାଲି ଗୋଟାଏ ବିରାଟ ଉପହାସ ! ପିଲାଦିନୁଁ ତୁ ତ ମତେ ଜାଣିଚୁ, ବସନ୍ତ, ଭଗବାନଙ୍କ ଛଡ଼ା ଅନ୍ୟ କାହାର ଦାନକୁ ହାତ ପାତି ନେବାରେ ମୋର ସବୁଦିନେ ବିରାଗ !

ବସନ୍ତ—କିନ୍ତୁ ପରିବାର ପ୍ରତି ତୋର ତ ପୁଣି କିଛି କର୍ତ୍ତବ୍ୟ ଅଛି ?

ବ୍ରଜ—ମୋ ପରିବାର ଉପରେ ତୋର ଅଗାଧ ମମତା; ସେଥିପାଇଁ ମୁଁ ତତେ ଧନ୍ୟବାଦ ଦେଉଛି ! କିନ୍ତୁ···

ବସନ୍ତ—ନବୁ ନାହିଁ ତାହେଲେ···?

ବ୍ରଜ—ନା— !

ବସନ୍ତ—ବେଶ, ମୁଁ ତାହେଲେ ଆସୁଚି ।

ବ୍ରଜ—ରହ, ଗୀ' ଟିକିଏ ପିଇ ଦେଇ ଯିବୁ । ଶିପ୍ରାର ହାତ ତିଆରି ଗୀ'···ତୁ ତ ଜାଣୁ··· ଗୁଣ୍ଡି ଦେଇ ଆଜିକାଲି କି ସୁନ୍ଦର ଗୀ ତିଆରି କରି ପାରୁଛି ଶିପ୍ରା···ଆଉ କେହି କୋଧହୁଏ ପାରନ୍ତା ନାହିଁ—

ବସନ୍ତ—ଏଇ ଅଭିମାନ ତତେ ଖାଇଚି ବ୍ରଜ ! ତୋ ନିଜ ଜୀବନର ଦାମ୍ ତୁ ଆଦୌ ବୁଝି ପାରିଲୁନି !

ବ୍ରଜ—ମୋ ସାଧାନର ମୂଲ୍ୟ ବା କିଏ ବୁଝୁଛି ବସନ୍ତ ? ଏତେ ପାଖରେ ଥାଇ ଶିପ୍ରା ବି ହୁଏତ ଜାଣେନା—(ବସନ୍ତ

[library stamp] ନଂ. ୩୦୬



ଚାଲିଯାଉଥିଲେ ) ଆରେ ଚେକ୍ ଖଣ୍ଡକ ଟେବୁଲ ଉପରେ ଛାଡ଼ିଗଲୁ ଯେ—କଣ ଥୋପ ନା ପଗଳା ବସନ୍ତ ? (ଫେରି ଆସି ବସନ୍ତ ସେ ଚେକ୍ ଖଣ୍ଡିକ ନେଇ ଚାଲିଗଲେ ) ଟଙ୍କା···ହା—ହା—ହା—! (ବସନ୍ତର ଯିବା ବାଟକୁ ଚାହିଁ ହସି ଉଠିଲେ)

ଶିପ୍ରା—(ଏତିକି ବେଳେ ପ୍ରବେଶ କରି ) ଖାଲି ହସୁଚ ?

ବ୍ରଜ—ତୁମେ ଟିକଏ ହସିବ ଶିପ୍ରା ?

ଶିପ୍ରା—କାହିଁକି ? (ବ୍ରଜର ଫଟା ସାର୍ଟ ଖଣ୍ଡି ସିଲେଇ କରୁ କରୁ )

ବ୍ରଜ—( ସେଇ ସାର୍ଟକୁ ଇଙ୍ଗିତ କରି ) ତୁମର ଏଇ ଦାରିଦ୍ର୍ୟକୁ ବସନ୍ତ କେମିତି ଉପହାସ କରିଗଲା ଦେଖିଲ ? ପରିବାର ପ୍ରତି ମୋର କୁଆଡ଼େ ଅଛି ଯଥେଷ୍ଟ ଦାୟିତ୍ୱ, ଯଥେଷ୍ଟ କର୍ତ୍ତବ୍ୟ !···

ଶିପ୍ରା—ଏ ସବୁ କଥା ତୁମେ କହୁଚ କାହିଁକି ?

ବ୍ରଜ—ମୁଁ କହୁନି ଶିପ୍ରା, ସଂସାର କହୁଛି । ଦୁଇଶ ଟଙ୍କାର ସେ ଚେକ୍ ଖଣ୍ଡିକ ହୋଇଥିଲେ ତୁମର ଆଜିକାର ମାନ ହୁଏତ ବଞ୍ଚି ଯାଇଥାନ୍ତା ! ଖଣ୍ଡେ ଜର୍ଜେଟ ବା ଅନ୍ତକରେ ଖଣ୍ଡେ ଶାନ୍ତିପୁରୀ ଶାଢ଼ୀ ଆଉ ଗୋଟାଏ ଦୁଇଟା ଦାମୀ ଜିନିଷ ନେଇ ଅଜିତ୍ ବାବୁଙ୍କ ଭଉଣୀ ହିସାବରେ ତୁମକୁ ମନ ସାଜି ନ ଥାନ୍ତା ସେଠି···ମାନେ, ତାଙ୍କ ଘରେ—

ଶିପ୍ରା—କାହିଁକି, ଇମିତି ଗଲେ କ'ଣ ଚଳିବ ନାହିଁ ?

ବ୍ରଜ—ଦରିଦ୍ର କଳାକାରର ସ୍ତ୍ରୀ ଲକ୍ଷପତିର ମଖମଲ ଉଆସରେ ! ତୁମେ ମତେ ହସେଇଲ ଶିପ୍ରା—

ଶିପ୍ରା—ମୁଁ ଯିବି । ଆମ ଭାଇ ଭଉଣୀଙ୍କ ଭିତରେ ତୁମେ କେବେ ତଫାତ୍ ଦେଖୁଛ ନା·····

ବ୍ରଜ—(ହସି) ମୁଁ ବାଧା ଦେଉନି ଶିପ୍ରା, ମୁଁ ଖାଲି ତୁମକୁ ଏତିକି ଚେତେଇ ଦେବାକୁ ଚାହେଁ, ତିନି ବର୍ଷ ତଳର ଶିପ୍ରା ହୋଇ ତୁମେ ଆଜି ସେଠିକି ଯାଉନ, ତୁମେ ଯାଉଛ ଜଣେ ନିଃସ୍ୱ କଳାକାରର ସ୍ତ୍ରୀ ସାଜି ଆଉ ତୁମ ସଙ୍ଗେ ସଙ୍ଗେ ଯାଉଛି ତୁମର ଦାରିଦ୍ର୍ୟ ! ସେଠି ତୁମ ସମ୍ମାନ ଯଦି ନଷ୍ଟ ହୁଏ, ସହି ପାରିବ ଶିପ୍ରା ? ତା'ଠୁଁ ମୁଁ ତ ବରଂ କହିବି ନ ଯିବା ଭଲ । ତୁମର ଦାରିଦ୍ର୍ୟର ରୂପ ଦେଖୁଚ ତ ! ତୁମ ସ୍ୱାମୀଙ୍କର ଫଟା ସାର୍ଟ ଖଣ୍ଡିକ ତୁମେ ସିଲେଇ କରୁଚ··· ସେଇ ତମର ପରିଚୟ !

ଶିପ୍ରା—ଘଡ଼ିକେ ଘଡ଼ିକେ କାହିଁକି ଇମିତି ଆଘାତ ଦେଉ କହିବ ?

ବ୍ରଜ—ଏତିକି ଆଘାତ ତୁମେ ସହିବାକୁ ରାଜି ନୁହଁ, ସେଠି ତୁମ ଭାଇଙ୍କ ଘରେ ଅପଘାତ କେମିତି ସହିବ ଶିପ୍ରା ?

ଶିପ୍ରା—ବୁଝିଚି ! (ଅଭିମାନରେ)

ବ୍ରଜ—ବୁଝିଚ ଯଦି, ମୋର କହିବା କଥା—ତୁମେ ଯାଅନା । ଦକ୍ଷ ଯଜ୍ଞରେ ସତୀଙ୍କ ଅବସ୍ଥା କଣ ହେଲା ଜାଣିଚ ତ ?

ଶିପ୍ରା—ଜାଣେ । ମହାଦେବ କିନ୍ତୁ ସତୀଙ୍କୁ ବାଧା ଦେଇ ନ'ଥିଲେ !

ବ୍ରଜ—ଅହଙ୍କାରର ଶାସ୍ତିବିଧାନ କରିବାକୁ ସେ ମହାଦେବଙ୍କର ଶକ୍ତି ଥିଲା; କିନ୍ତୁ କଲମ ଛଡ଼ା ଏ ମହାଦେବଙ୍କର ଅନ୍ୟ କୌଣସି ସମ୍ବଳ ନାହିଁ । ତା'ଛଡ଼ା, ସେ ମହାଦେବ ଦ୍ୱିତୀୟ ଉମାଙ୍କୁ ପାଇ ସନ୍ତୁଷ୍ଟ ହୋଇଥିଲେ, କିନ୍ତୁ ଏ ମହାଦେବ ତୁମ ପରେ ଆଉ କୌଣସି ଉମାଙ୍କୁ ଗ୍ରହଣ କରି ପାରିବେ କିମ୍ବା ଭଲ ପାଇ ପାରିବେ···ଏ କଥା କଣ ତୁମେ ଆଶା କରୁଚ ? ( ଉଭୟେ ନୀରବ ) ହଁ, ମତେ ସାର୍ଟ ଟିକିଏ କରି ଦେଇ ପାରିବ ?

ପ୍ରଥମ ଦୃଶ୍ୟ

ଶିପ୍ରା—ହଁ ସବୁ ଯାଇଚ । ଦୋକାନରୁ ନେଇଆସ, ମୁଁ କରି ଦେଉଛି !

ବ୍ରଜ—( ସେହି ସାର୍ଟ ଖଣ୍ଡିକ ନେଇ ପିନ୍ଧିଲେ ) ଆଗୁ ମୁଁ ନେଇ ଆସୁଚ । (ପ୍ରସ୍ଥାନ)

କ୍ଷୀର—(ଆସିଛି) ମା !

ଶିପ୍ରା—କଅଣ କ୍ଷୀର ?

କ୍ଷୀର—ସବୁ କାମ ତ ସରିଲା, ମୁଁ ଏବେ ଯାଉଚ ।

ଶିପ୍ରା—ବାବୁଙ୍କ ଲୁଗାରେ ସାବୁନ ଦେଇ ଶୁଖେଇ ଦେଇଚୁ ତ !

କ୍ଷୀର—ହଁ ମା, ବାସନ ମାଜ କୁଣ୍ଡରେ ବି ପାଣି ଭରନ୍ତି କରି ଦେଇଚ !

ଶିପ୍ରା—ହଉ, ତୁ ଯା—

କ୍ଷୀର—ମା, ତମେ ପୁଣି ଆଜି ସିନ୍‌ ?

ଶିପ୍ରା—ହଁ, ମୁଁ ଯଦି ଯାଏ ବାବୁଙ୍କ ଖବର ଭୁ ଟିକଏ ବୁଝୁଥିବୁଟି ! ନହେଲେ ବାବୁଟି ତୋର ଯେମିତି ବମ୍ ବମ୍ ଭୋଳାନାଥ !

କ୍ଷୀର—(ହସି)ମଲା, ତମେ ଏମିତି କେତେଦିନ ରହିବ କି ? ହଉ, ମୁଁ ଯାଉଚ—(ପ୍ରସ୍ଥାନ)

ବସନ୍ତ—(ଫେରିଲେ) ଶିପ୍ରା ଦେବି !

ଶିପ୍ରା—(ଧୀର ସ୍ୱରରେ) ବସନ୍ତ ।

ବସନ୍ତ—ତୁମେ ଟିକଏ ଚେଷ୍ଟା କଲେ ବ୍ରଜ ଦୁଏତ ଟଂକାଟା ନେଇ ଯାଆନ୍ତା—ଅଥଚ ଏଇ ଟଂକା ସକାଶେ ତାକୁ ବିଶେଷ କଷ୍ଟ କରିବାକୁ ପଡ଼ୁନ—

ଶିପ୍ରା—କଷ୍ଟ କରିବାର ନ ଥାଇ ଯୋଉ ଟଂକା ହାତକୁ ଆସେ, ସେ ଟଂକା ନ ନବା ବରଂ ଭଲ ବସନ୍ତ ବାବୁ !

ବସନ୍ତ—ବାଃ, ଶାସ୍ତ୍ର ତ ବେଶ୍ ପଢ଼ି ଶିଖିଚ ! ହଁ, ଶୁଆର ମୁକ୍ତି, ଶାସ୍ତ୍ରର ବି ମୁକ୍ତି !

ଶିପ୍ରା—ଏଇ···ଏତିକ ଟଂକା ପାଇଲେ ଅଭାବ କଣ ଘୁଞ୍ଚିବ ବସନ୍ତ ବାବୁ ?

ବସନ୍ତ—ଅଭାବ ନ ଘୁଞ୍ଚୁ ଭାବନା ତ ଟିକଏ ଘୁଞ୍ଚିବ । ତୁମେ ଆଜ ବାପ ଘରକୁ ବାହାରିଚ, ଅଥଚ ବ୍ରଜ ହାତରେ କିଛି ନାହିଁ !

ଶିପ୍ରା—ସେଥିପାଇଁ ତ ଯିବା ବନ୍ଦ ହେଲା—

ବସନ୍ତ—ବନ୍ଦ ହେଲା ! ଅଜିତ୍ ବାବୁ ଯଦି ନିଜେ ଆସନ୍ତି ?

ଶିପ୍ରା—ଭାଇ ଆସିଲେ ତାଙ୍କୁ କପେ ଗୁଡ଼ ଚା' ଦେଇ ଦେବ । ତା' ହେଲେ ସେ ଠିକ୍ ବୁଝିବେ, ତାଙ୍କ ଭଉଣୀ ଯିବା ଭଳି ଅବସ୍ଥାରେ ନାହିଁ !

ବ୍ରଜ—(ପ୍ରବେଶି) ଚା' ଟିକେ ପିଇ ଯିବାକୁ ବସନ୍ତଙ୍କୁ ପୁଣି ଥରେ ରାସ୍ତା ଉପରୁ ଧରି ଆଣିଲି । (ଶିପ୍ରାକୁ ଚା' ପାକେଟ୍ ଦେଇ) ବସିଯା ବସନ୍ତ, ବସିଯା ଟିକଏ—ଦୁଇ ମିନିଟ୍ ଲାଗିବ ପାଣି ସିଝିବାକୁ । ଶିପ୍ରା, ଟିକଏ ଅଦା ଆଉ ତେଜପତ୍ର ଦେଇଥିବ ବସନ୍ତ ପାଇଁ । (ଶିପ୍ରା ଚାଲିଗଲେ ଭିତରକୁ) କିରେ କଣ ଗୁଡ଼ାଏ ଭାବୁଚୁ ବୋଧହୁଏ ?

ବସନ୍ତ—ତୋରି କଥା ମୁଁ ଭାବୁଚି ବ୍ରଜ, ଜୀବନଟା ସାରା ତୁ କ'ଣ ଇମିତି experiment କରି କଟେଇ ଦବୁ ?

ବ୍ରଜ—କେତେଟା ଦିନ ପାଇଁ ସଂସାରକୁ ଆସିଥାଇଁ, ତା' ଭିତରେ experiment କରୁକରୁ ଜୀବନଟା ଯଦି ଯାଏ ଦୁଃଖ କରିବାର କ'ଣ ଅଛି ! ସହରର ଜଣେ ନାମଜାଦା ଧନିକର ଭଉଣୀ ମୋର ସ୍ତ୍ରୀ···ଏ କଣ life ରେ କମ କଡ଼ା experment !

ବସନ୍ତ—ବେକାର୍ ଜୀବନରେ ଦାମୀ କଥା କହି ବଞ୍ଚିବା କେବଳ ତଟେଇ ପୋଷାଏ !

ବ୍ରଜ—ଶସ୍ତା ଆଦର୍ଶର ଲମ୍ବା କଥା ଶୁଣେଇ ଯେତେବେଳେ ଜନ୍ମ ମୂଲ୍ୟ ନାହିଁ, ଦାମୀ କଥା ଶୁଣେଇ ମରିବାର ସୌଭାଗ୍ୟ ମୁଁ ଛାଡ଼ିଦେବି କାହିଁକି ! ଧରିନେ, ସେ ବି ଗୋଟାଏ experiment ବୋଲି—!

ବସନ୍ତ—ତୁ ହୁଏତ ମରିବୁ···କିନ୍ତୁ ତୋର ସ୍ତ୍ରୀ ?

ବ୍ରଜ—ସ୍ୱାମୀର ଯେଉଁଠି ସ୍ଥାନ ନାହିଁ, ସ୍ତ୍ରୀର ପ୍ରଶ୍ନ ସେଠି ଉଠୁଛି କେଉଁଠି ବସନ୍ତ ?

ବସନ୍ତ—ସ୍ୱାର୍ଥପର ! (ଏତିକିବେଳେ ଶିପ୍ରା ଚା' ନେଇ ଆସିଲା ।)

ବ୍ରଜ—ଦିଅ ଶିପ୍ରା, ବସନ୍ତକୁ ଆଗେ ଦିଅ । ମିଠା ସେ ବେଶୀ ସହ୍ୟ କରି ପାରେ ନା—ଗୁଡ଼ର ପରିମାଣ ଟିକିଏ ଅଳ୍ପ ଦେଇଛ ତ ?

ଶିପ୍ରା—ଲୁଣର ପରିମାଣ ବେଶୀ ଦେଇଛି, ମିଠା ମୋଟେ ଭୁଲି ହବନି ! ( ପ୍ରସ୍ଥାନ )

ବସନ୍ତ—( ଶିପ୍ରା ଚାଲି ଯାଉଥିଲା ବେଳେ ) ଶିପ୍ରା ଦେବି ! ଏ ଲୋକଟାକୁ ତୁମେ ଆଉ ଶାସନରେ ରଖି ପାରିଲ ନାହିଁ ମୋଟେ—( ବ୍ରଜକୁ ଚାହିଁ )

ବ୍ରଜ—ଯେଉଁମାନେ submissive ଶାସନର ଚାବୁକ୍ ସେମାନଙ୍କ ହାତରେ ନ ରହିବାହିଁ ସୁଖର କଥା ! ( ଚା' ପିଇ ସାରି )

ବସନ୍ତ—ତାହେଲେ ଏଥର ଉଠେଁ—ବ୍ରଜ, ତୁ ତାହେଲେ ଶେଷ ପର୍ଯ୍ୟନ୍ତ ତୋ ମତ ବଦଳେଇବୁନି ?

ବ୍ରଜ—ସବୁବେଳେ ମତ ବଦଳେଇ ବଦଳେଇ ଚାଲିଲେ ସଣା ଭିତରୁ ବାଜେ ମାର୍କା ପୋଡ଼ଅା ଭଳି ଖାଲି ବାହାରି ଆସିବାକୁ ହବ ବସନ୍ତ, ଦାମ୍ ମୋଟେ ବଢ଼ିବ ନାହିଁ !

ବସନ୍ତ—ଦାମ୍ ବଢ଼େଇବାକୁ ତୁ ଏଇ ବେକାର୍ ବୃତ୍ତି ଧରିଚୁ, ନା ?

ବ୍ରଜ — ମନେ କର ନେ, ଇଏ ବି ଗୋଟାଏ ଅଦ୍ଭୁତ experiment
ଯୁକ୍ତି କରି କିଛି ଲାଭ ନାହିଁ, ବିଶେଷତଃ ଯୁକ୍ତି ଯଦି ଏଇ
ପ୍ରକାରର ହୁଏ । କଥା ଖାଲି ବଢ଼ି ଚାଲିବ ଅଥଚ ଯଥାର୍ଥତା
କିଛି ରହିବ ନାହିଁ ! ମୋଟ ଉପରେ ମୋ ସକାଶେ ମୁଣ୍ଡ
ଖେଳେଇ ତୁ ଭୁଲ କରୁଚୁ !

ବସନ୍ତ — କଣ କହୁଚୁ ତୁ ବ୍ରଜ !

ବ୍ରଜ—ପ୍ରିୟ ଅସତ୍ୟ ନୁହେଁ, ଅପ୍ରିୟ ସତ୍ୟ ! Good night !

ବସନ୍ତ—ବ୍ରଜ ! please—ଆଜି ଥରେ ଶେଷଥର ପାଇଁ ଟିକଏ
ଭାବ ।

ବ୍ରଜ — ବସନ୍ତ, ତୁ ମୋର ଅତି ଆପଣାର ବନ୍ଧୁ । ସେଥିପାଇଁ ମୋ
ସ୍ତ୍ରୀ ହାତରୁ ଚା' ପିଇବାର ଅଧିକାର ପର୍ଯ୍ୟନ୍ତ ମୁଁ ତତେ
ଦେଇଚି ! ମାତ୍ର ଶିପ୍ରାର ଆନନ୍ଦ ପାଇଁ ତୁ ଯଦି ଆଜି ମତେ
ଘୁର କେତେଟା ଟଂକା ନବାକୁ ବାଧ କରୁ, ତାହେଲେ
ତୋ ଉପରେ ମୋର କମିତି ଧାରଣା ହବ କହିଲୁ !

ବସନ୍ତ—ବେଶ, ତୋ ଧାରଣା ନେଇ ତୁ ନିଶ୍ଚିନ୍ତ ରହ । ତତେ
ବିବ୍ରତ କରିବା ପାଇଁ ମୁଁ ଆଉ କେବେ ଆସିବି ନାହିଁ !
good night ! ( ପ୍ରସ୍ଥାନ )

ଶିପ୍ରା—( ପ୍ରବେଶି ) ଘରକୁ ଜଣେ ବନ୍ଧୁଙ୍କୁ ଚା' ପିଇବାକୁ ନିମନ୍ତ୍ରଣ
କରି ଏମିତି ଅପମାନ ଦବାର ଉଦ୍ଦେଶ୍ୟ ମୁଁ ବୁଝି ପାରିଲି
ନାହିଁ !

ବ୍ରଜ—ଅପମାନ ! କାହାକୁ···ବସନ୍ତକୁ ?

ଶିପ୍ରା—ନା, ମତେ ! କି ଅପରାଧ ମୁଁ କରିଚି କହି ପାରିବ ?

ବ୍ରଜ—ତିନିବର୍ଷ ତଳର କଥା ମନେ ପକାଅ ଶିପ୍ରା, ବସନ୍ତ ସହିତ
ଆଜି ମୋ ସହିତ ତୁମର ଅବାଧ ମିଳାମିଶା ଥିଲା ।

ଶିପ୍ରା—ତାଙ୍କ ହେତୁ ଲି ତୁମକୁ ବିବାହ କରିବା କ'ଣ ମୋର ଅଗାଧ ମୂର୍ଖତା ବୋଲି କହୁଚ ?

ବ୍ରଜ—ଶି—ପ୍ରା— ! !

ଶିପ୍ରା—କଳ୍ପନାର ସଂସାର ଗଢ଼ିବି ବୋଲି ମୁଁ ତୁମକୁ ବିବାହ କରିଥିଲି, ସେଇଥିପାଇଁ କ'ଣ ତୁମେ ଆଜ ଇଏ ନିଷ୍ଠୁର ପ୍ରତିଦାନ ଦେଲ ?

ବ୍ରଜ—ଧୀରେ ଶିପ୍ରା, ମଣିଷର ମନ ଭିତରର ପରିଚୟ ପାଇବାକୁ ଚେଷ୍ଟା କର ! ବସନ୍ତ ମତେ ଦରିଦ୍ର ବୋଲି ଉପହାସ କରିଗଲା···ତମେ କଣ ମତେ ଅପଦାର୍ଥ ବୋଲି କହୁଚ ?

ଶିପ୍ରା—ଉଃ ! ବନ୍ଦ କର—

ବ୍ରଜ—ଭାଂଗି ପଡ଼ନାଇଁ ଶିପ୍ରା ! ତୁମ ପରି ମୁଁ ବି ସେଦିନ କଳ୍ପନାର ସଂସାର ଗଢ଼ିଥିଲି । ତୁମର ସେ ସ୍ୱପ୍ନ ଭାଂଗି ଯାଇଚି—ମୋର କିନ୍ତୁ ଭାଂଗିନି ! ଏବେ ବି ମୁଁ ସେଇ ସ୍ୱପ୍ନ ଦେଖୁଚି··· ସାଧନାର ମୂଲ୍ୟ ବହୁତ ବେଶୀ, ତାର ପାଦରେ ବେଡ଼ି ନାହିଁ, ବନ୍ଧନ ନାହିଁ, ଅଛି ସଫଳତାର ଜୟମାଲ୍ୟ ! ( ଅଜିତ୍ ବାବୁ ଆସିଛନ୍ତି । ବେଶଭୂଷାରେ ଧନର ଆଭିଜାତ୍ୟ )

ଅଜିତ୍—ଶିପ୍ର

ଶିପ୍ରା—ଭାଇ !

ଅଜିତ୍—ଆରେ ଏ ପର୍ଯ୍ୟନ୍ତ ତୁ ପ୍ରସ୍ତୁତ ହେଇନୁ ! ଯା, ଜଲ୍‌ଦି ବାହାରି ପଡ଼ ।

ଶିପ୍ରା—ଭାଇ, ଯଦି ମୁଁ ନ ଯାଏଁ ?

ଅଜିତ୍—ବ୍ରଜ ବାବୁଙ୍କର ଆପତ୍ତି ବୋଧହୁଏ···

ବ୍ରଜ—ନା, ନା, ଆପଣ ନଜେ ଆସିଛନ୍ତି । ଶିପ୍ରା, ତୁମର ଯିବା ଉଚିତ ।

ଅଜତ୍—ଉଚିତ କଣ, ନଶ୍ଚୟ ଯିବ ।

ବ୍ରଜ—ଆଅ ଶିପ୍ରା—

ଶିପ୍ରା—ଚାଲ ଭାଇ !

ଅଜତ—କ'ଣ ଇମିତି ଯିବୁ ? (ବସ୍ମିତ ଭଙ୍ଗୀ)

ଶିପ୍ରା—(ନଜର ସାଧାରଣ ବେଶକୁ ଚାହିଁ ଅଜତ୍ ବାବୁଙ୍କର ଇଂଗିତ ସେ ବୁଝି ପାରଲେ । ମାତ୍ର କଥା ବଦଳାଇ) car ଆସିଛି ତ ?

ଅଜତ୍—ହଁ, ଆ—(ଶିପ୍ରାକୁ ନେଇ ଚାଲଗଲେ)

ବ୍ରଜ—ଜୀବନଟାଇ' ତ ଖାଲି experimentର ଇନ୍ଦ୍ରଜାଲ !

(ଅର୍ଥପୂର୍ଣ୍ଣ ହାସ୍ୟ)

---

## —ଦ୍ୱିତୀୟ ଦୃଶ୍ୟ—

[ ସହରର ଏକ ରାସ୍ତା—ପୋଲିସ୍ କନେଷ୍ଟବଲ ଗଣପତିବାବୁଙ୍କୁ ବେଲ୍ ନ ଥିବାରୁ ସାଇକେଲ ସହିତ ଚାଲାଣ କରିବାକୁ ଉଦ୍ୟତ । ]

କନେଷ୍ଟବଲ—ଆସନ୍ତୁ ବାବୁ, ଥାନାକୁ ଆସନ୍ତୁ—

ଗଣପତି—କିଛି ପରବାୟ ନାହିଁ—ଚାଲ ଥାନାରେ ମତେ ନ ଚିହ୍ନିଛି କିଏ ? ଜଲଧର ବାବୁ ଜାଣନ୍ତି, ଇନ୍ଦ୍ରଜିତ ବାବୁ ଜାଣନ୍ତି, ଆଉ ସୁରେଶ ବ ମୋତେ ବେଶ ଚହ୍ନେ । ଦୁହେଁ ସାଙ୍ଗହୋଇ ଫୁଟବଲ ଖେଳୁଥିଲୁ—corner kickରେ ସୁରେଶଟା କି accurate ! ଠିକ୍ ବଲ ଆଣି ମୁଣ୍ଡ ଉପରେ ପକେଇ ଦବ ।

କନ—ହଉ ବାବୁ ବୁଲନ୍ତୁ—

ଗଣ—କିଛି ପରବାହ୍ୟ ନାହିଁ, ଯିବାକୁ ମୁଁ କଣ ମନା କରୁଚି। ସେଠିକି ଗଲେ ତ ଥାନା ବାଲାଙ୍କଠୁ ଓଲ୍‌ଟି ଗୋ' ସିଗ୍ରେଟ ମିଳିବ ! ତେବେ କଥା କଣ କି ମିଷ୍ଟର ! ଗୋଟାଏ ଖୁବ ବଡ଼ କାମରେ ଯାଉଚି—ବିଳମ୍ବ ହେଲେ ହଜାରେ ପାଞ୍ଚଶ ହାତରୁ ଖସି ଯାଇ ପାରେ।

କନ—ତା ହେଲେ ଆପଣଙ୍କ ନାଁ ଆଉ ଠିକଣା ଦେଇଯାନ୍ତୁ। ମୁଁ ସାଇକେଲ ଛାଡ଼ିଦେବି।

(ଏତିକିବେଳେ ପାନଦୋକାନୀ ହରି ଆସି ରାସ୍ତା କଡ଼ରେ ଛିଡ଼ାହେଲା)

ଗଣ—ମୋ ନାଁ କିଏ ନ ଜାଣେ ଯେ ତୁମେ ମତେ ନାଁ ପଚାରୁଛ··· ଆଉ ମୁଁ ଫେର୍ ତୁମକୁ ନାଁ କହିବି ! ତୁମ ବଡ଼ ସାହେବ ବି ଜାଣନ୍ତି ଯେ ! କଲେକ୍‌ଟର କଣ, କମିଶନର୍ କଣ, ଗଭର୍ଣ୍ଣର କଣ, କାହା ସାଙ୍ଗରେ ଆଉ ହାତ ନ ମିଳେଇ ଛାଡ଼ିଚି ! ତମ ଭଳିଆ ଲୋକ ଖାଲି ସେଠି ସଲାମ ବଜେଇ ବଜେଇ ପଛକୁ ହଟିଯାନ୍ତି। ପ୍ରକାଶ ଚୌଧୁରୀ Esqr— Book Publishers and Brothers Limited କୁ କିଏ ନ ଜାଣେ ଯେ ତୁମେ ଫେର୍ ନାଁ ପଚାରୁଚ ! ହୋଃ— କିଛି ପରବାହ୍ୟ ନାହିଁ !

କନ—ପ୍ରକାଶ ଚୌଧୁରୀ···( କାଗଜ କଲମରେ ଲେଖିବା )

ଗଣ—ହୁଁ, ହୁଁ, ଶ୍ରୀଯୁକ୍ତ Esqr—ତା ପଛକୁ Book Publishers and Brothers Limited—ଲେଖ କିଏ ମନାକରୁଛି— Publishers of ମାଦଳ ପାଞ୍ଜି, ଓଡ଼ିଶାରେ ଆତ୍ମ ସୃଷ୍ଟ, ହିନ୍ଦୁ ଧର୍ମର ବିବାହ ପଦ୍ଧତି, ଲେଖ—(ପ୍ରସ୍ଥାନୋଦ୍ୟତ)

କନ—ହୋ ବାବୁ, ଶୁଣ···

ଗଣ—ନେହେରୁଙ୍କ ଭାରତ ଆବିଷ୍କାରଠୁଁ ଆମେରିକା ଆବିଷ୍କାର-ପର୍ଯ୍ୟନ୍ତ ସବୁ ଛାପି ଦେଇଚୁ, ଛାପି ଦେଇଚୁ ଗାନ୍ଧୀବାଦ୍‌ର ଶବ୍ଦ ଶବ୍ଦ ପତ୍ରିକା—ଓଡ଼ିଶାରେ ନ ଜାଣେ କିଏ ପ୍ରକାଶ ଚୌଧୁରୀ Book publishers Esqr ଙ୍କୁ ? ଯାଅ, ଯାଅ, କିଛି ପରବାୟ ନାହିଁ । କିଏ, ହରି କି'ରେ ?

ହରି—ବାବୁ, ସେ ବାକି ପଇସାଗୁଡ଼ାକ ଆଉ ଦେଲ ନାହିଁ ?

ଗଣ—ହଁ, ପାଞ୍ଚଆଇନରେ ପଢ଼ିଚ, ଏତିକିବେଳେ ବାକୀ ପଇସା ନ ମାଗିଲେ କମିତି ହବ ! ହଜୁରେ ହରିଆ, ତୋଠୁଁ ଆଉ ବାକି ନ ଖାଇଲେ—

ହରି—ହଜୁ, ନ ଖାଇଲେ ନାହିଁ, ବାକୀ ପଇସା ଆଗ କାଢ଼ିଲ ।

ଗଣ—ଦେଇଦେବି—ଅଧୁଧର, କିଛି ପରବାୟ ନାହିଁ ! ଚ୍ଛଲବଟି ପୁଲିସ ଭାଇ, ଥାନାକୁ ଚାଲିଲ···ମୁଁ ଆଗ ସେଠୁଁ ଗୁ' ସିଗ୍ରେଟ୍ ଖାଇ ଆସେ । ଜଲନ୍ଧର ବାବୁ ଅଛନ୍ତି ଟି ?

କନ—ଟାଉନ୍ ଥାନାରେ ତ ଜଲନ୍ଧର ବାବୁ କେହିଁ ନାହାନ୍ତି ।

ଗଣ—ମୋ ଫୁଟବଲ ସାଙ୍ଗ—ମହେଶ୍···ମାନେ ସୁରେଶ୍ ତ ନିଶ୍ଚୟ ଥିବ ! ନ ହେଲେ ଇନସ୍‌ପେକ୍ଟର କାମପାଳ କେଉଁଠି ?

କନ—ନାହିଁ ବାବୁ, ଏ ଥାନାରେ ତ କେହି ନାହାନ୍ତି ! ଏଇଲେ ଥାନା ଅଫିସର୍ ନିବାରଣ ବାବୁ ଅଛନ୍ତି ।

ଗଣ—ଓହୋଃ ଅକାରଣ ମିଶ୍ରଙ୍କ ସାନପୁଅ ନିବାରଣବାବୁ ! I see ! ତାଙ୍କ ସାଙ୍ଗରେ ଦେଖାଟାଏ ହବା ନିହାତି ଦରକାର ! ଆସ, ଆସ···ଗୁଡ଼ ହୋ ସାଇକଲ୍ ! ମୁଁ ଭଣ ଦେରି ହୋଇଛି ଯେ କୁଆଡ଼େ ଖସି ପଳାଇଚ ! ହେଃ—

କନ—(ଚିଡ଼ି ଯାଇ) ଇମିତି କ'ଣ କହୁଚ କି'ହେ ବାବୁ ! ଆସ୍ତେ କ୍ଲେକ ତୁମେ—

ହରି—ଖାସା ଲୋକ ସେ ଗଣପତି ବାବୁ !

ଗଣ—( ସ୍ୱଗରେ ) ହରିଆ ! ଆଚ୍ଛା କିଛି ପରବାୟ ନାହିଁ !

କନ—ଆସ ବାବୁ ! ଡେରି ହଉଛି ।

ଗଣ—ଡେରି ଯଦି ହଉଛି, ଜଲଦି ଚାଲିଯାଅ । ମୁଁ ଟିକିଏ ସାମ୍ନା ଦୋକାନରୁ ଚା' ପିଏ, ତାପରେ ଯିବି । ଆଗରେ ତୁମେ ଚାଲ, ନ ହେଲେ ଆସ, କପେ ଚା' ପିଇ ଦେଇ ଯିବ ! ସେଠି ଧାର ମିଳିବ ଯେ—ସେ ଚାହା ଦୋକାନୀ ଏ ପାନ ଦୋକାନୀ ହରିଆ ଭଳିଆ ଛୋଟଲୋକ ନୁହେଁ—ଭାରି ଉଚ୍ଚ ମିଜାଜ୍ !

କନ—ବାବୁ, ତୁମେ କଣ ପାଗଳା ହେଇଚ !

ଗଣ—କଣ କହିଲ ! ପାଗଳ । ହଉ, ହଉ, ଗରମ ହବାର କଣ ଅଛି ଶ୍ରୀଯୁକ୍ତ ପ୍ରକାଶ ଚୌଧୁରୀ Esqr – Book Publishers & Brothers Limited ତୁମର ଏଇ ବ୍ୟବହାର କଥା କାଲିକୟ ପତ୍ରିକାରେ ଛାପିବେ । ସାଇକେଲରେ ବେଲ୍ ନାହିଁ ତ କି ମହାଭାରତ ଇମିତି ଅଶୁଦ୍ଧ ହେଇ ଯାଇଚି—ମୁଁ ତ ସଫା ସଫା କହୁଚି ପହିଲା ପରେ ଲଗେଇ ନେବି ।

ହରି—ପହିଲା ପରେ ମୋ ବାକି ପଇସା ନ ଦେଲେ ଫେଣ ବାବୁ ଦେଖିବ ! (ପ୍ରସ୍ଥାନ)

ଗଣ—ଦେଖୁଚ···ଦେଖୁଚ···? ତୁମେ ପରା ପୋଲିସ ଅଫିସର ? ଦେଖିଲ ତୁମର ଆଗରେ ମୋ ଇଜ୍ଜତ କେମିତି ନେଇଗଲା ! କିଛି ପରବାୟ ନାହିଁ—ସାଙ୍ଗେ ସାଙ୍ଗେ ମୁଁ ତାର ପ୍ରତିକାର

କରୁଛ ! ( କହୁ କହୁ ସାଇକେଲ ଚଢ଼ି ହଠାତ୍ ଚଲାଇଗଲେ )

କନ—ହୋ—ବାବୁ ! ବାବୁ—

ଗଣ—( ଦୂରରୁ କଣ୍ଠ ଶୁଭିଲା ) କିଛି ପରବାୟ ନାହିଁ !

---

## —ତୃତୀୟ ଦୃଶ୍ୟ—

[ ମନୋଜର ଘର । ପରଦା ଉଠିଲା ପରେ ଦେଖାଗଲା ରୁଗ୍ଣ ପିଲାଟିକୁ ଧୀରେ ଧୀରେ ଆଉଁସି ଶୁଆଇ ପକାଉଛନ୍ତି ଗୀତା । କୁନ ଆସିଛି । ]

କୁନ—ନୂଆବୋଉ ! ନୂଆବୋଉ ! (ଭିତରୁ ଡାକ ଡାକ ଆସିଲା)

ଗୀତା—ଆସ୍ତେ କୁନ, ଟିକଏ ନିଦ ହୋଇ ଯାଇଚି ।

କୁନ—ଆସ, ଗୋସେଇଁ ପର ଛୁଡ଼ା ହେଇଚନ୍ତି—

ଗୀତା—ଗୋସେଇଁଙ୍କୁ ମୋର ଦଣ୍ଡବତ ଜଣେଇ ଦିଅ କୁନ, ପିଲାକୁ ଛାଡ଼ି ମୁଁ ଏଇକ୍ଷଣି ଯାଇ ପାରିବନି ।

କୁନ—ବାଃ ଭଲ ତ ବୁଦ୍ଧି ତମର ନୂଆବୋଉ । ଦଣ୍ଡବତଟା କାହା ହାତରେ ପଠେଇ ନ ଦେଇ ନିଜେ ଯାଇଁ ଜଣେଇ ଆସିଲେ ହବ ନାହିଁ ? ଘରର ବୋହୂ । ଗୋସେଇଁଙ୍କ ଗୋଡ଼ ଧୋଇ ଦେଲେ ତୁମର ମାନ କଣ କମିଯିବ ?

ଗୀତା—ଗୋଡ଼ ଧୋଇଲେ କ୍ଷତି ନାହିଁ, ହେଲେ ଗୋଡ଼ଧୁଆ ପାଣି ମୁଁ ପିଇ ପାରିବ ନାହିଁ ।

କୁନ—ଏଁ, କଣ, କହୁଚ ନୂଆବୋଉ ! ଗୋସେଇଁ ଶୁଣିଲେ କ'ଣ ଭାବିବେ ? ହଉ, ଭଲ କଥା । ମୁଁ ଯାଉଚି ବୋଉକୁ ସେଇ କଥା କହି ଦେବି । (ପ୍ରସ୍ଥାନ)

ନେପଥ୍ୟେ— ମୁଁ କଲ୍ୟାଣ କରି ଯାଉଚି ବୋହୂକୁ କହିଦେବ !
( ଗୋସେଇଁଙ୍କର କଣ୍ଠସ୍ୱର ଲିଭିଗଲା । ପାର୍ବତୀ ଓ କୁନ ଆସିଲେ ଆଗ ପଛ ହୋଇ )

ପାର୍ବତୀ—ଏଇଟା କେମିତିକା କଥାହେଲା ବୋହୂ ! ଗୋସେଇଁ ମହାପ୍ରଭୁ ଆସିଥିଲେ କେତେ ଭାଗ୍ୟର କଥା ! ତାଙ୍କୁ ଇମିତି ବେଖାତିରି କରି କହିବାଟା···ତୁ ବି ଗୋଟାଏ କ ଝିଅ କୁନ, ତାଙ୍କର ଆଗରେ ବୋହୂରାଣୀଙ୍କ ଜବାବଟା ଡଗ ଡଗ କରି ଗାଇଗଲୁ !

ଗୀତା— କୁନଙ୍କର କିଛି ଦୋଷ ନାହିଁ ବୋଉ !

ପାର୍ବତୀ—ତାହେଲେ ଦୋଷଟା କଣ ମୋର ? ହଁ ଲୋ ମା, ବୋଝ ହେଇଚୁ—ପାଠ ପଢୁଆ—ପାଠୋଇ ବୋହୂ—ଗୋସେଇ ମାହାପ୍ରଭୁଙ୍କୁ ଅପମାନ ନ ହେଇ ହବୁ ଆଉ କାହାକୁ ! ଗୋଡ଼ଟା ଆସି ଧୋଇ ଦେଇଥିଲେ କଣ ତୋର ଏମିତି ହୋଇ ଯାଉଥିଲା ଯେ ! ହଉଁ ଦେବତାଙ୍କଠିଁ ତ ଭକତି ନାହିଁ, ପିଲା ଛୁଆଙ୍କ ହିତ ଭଲ ହବ କୋଉଠୁ ? ହଁ, କର୍ମ ନେଇ ଭୋଗ—

କୁନ—ଶୁଣିଲୁଟି ବୋଉ, ଗୋସେଇଁ ଓଲଟି କଲ୍ୟାଣ କରିଗଲେ ।

ପାର୍ବତୀ—ସେ କଣ ଇମିତି ଅମଣିଷ ହୋଇଛନ୍ତି ! ହଉ, ପୁଅ ତ ଶୋଇଚି···ତୁ ଆସିଲୁ । ଦୁଆର ଘର ପଡ଼ିଚି, ସଞ୍ଜ ବଳା ହେଇନି, ଚୁଲିକି ନିଆଁ ଯାଇନି—ଆ, କାମ ସରିଲେ କୁନ ବେଳାବେଳି ଗଣ୍ଡାଏ ଖାଇବ ! ଆଲୋ ମା, ମୋର ଲମ୍ବେଇ ବସିବାକୁ ଆଉ ବେଳ ନାହିଁ ।

ଗୀତା—ଚାଲ ମୁଁ ଯାଉଚି—

ପାର୍ବତୀ—ହଁ ଆ—(ପ୍ରସ୍ଥାନ )

305

କୁନ—ମଲା, ହାତୀରେ ନା ଘୋଡ଼ାରେ ଆସିବ ମ ! (ଚାଲିଗଲେ)

ଗୀତା—(ଦୀର୍ଘ ନିଶ୍ୱାସ ପକାଇ, ପୁଅକୁ ଲୁଗା ଘୋଡ଼ାଇ ଚାଲିଗଲେ । ଆସିଛନ୍ତି ମନୋଜ । ପଲଙ୍କ ପାଖକୁ ଯାଇ )

ମନୋଜ—ବୁଢ଼ା···ବୁଢ଼ା ରେ !

ପାର୍ବତୀ—(ଫେରିଲେ) ସେ ଆଗ ବୁଢ଼ା ଆଉ କଣ ଅଛି କି'ରେ ? ଖାଲି ହାଡ଼ ଦି'ଖଣ୍ଡ ଯେତିକି ଦେଖୁଚୁ ! ମା' ସିନା ପିଲାର ତତ୍ତ୍ୱ ନେଲେ ହୁଏ—ପିଲା ଖୁଏଁ ପିଲା ଗଡ଼ୁଥିବ, ମା ବସି ବସି ବହି ପଢ଼ୁଥିବେ—ଗପ ଯୋଡ଼ୁଥିବେ । ଏଇ ଦେଖୁନୁ ସଞ୍ଜବେଳଟାରେ ତାକୁ ଏକା ପକେଇ ଦେଇ—

ମନୋଜ—ବୋଉ, ତୋ ଦେହ କିମିତି ଅଛି ଆଗେ କହିଲୁ ।

ପାର୍ବତୀ—ମୋ ଦେହ କଥା କଣ ପଚାରୁଚୁ ମନୁ ? ଖାଇବା ପିଇବା ଚୋଉ କଥାରେ ଠିକଣା ଅଛି ! କଏ ଦେଲେ ଦେଲା, ନ ଦେଲେ ନାଇଁ, ତୋରି ଚିନ୍ତାରେ ମୁଁ ଆସି ମଲିଣି । ତୁ ତ ତାକୁ ଜାଣି ଶୁଣି ବାହା ହେଇଚୁ, ସେଇ ସକାଳେ ଚୋଉ କଥାରେ ମୁଁ ଛିଃ କି ଚୁଁ କହେନା । କୁନାର ଦେହ ସହେ ନା, କେତେବେଳେ କେମିତି ପଡ଼େ କହିଦେଲି ତ ଲାଗିଲା ପାଲା । ତୁ ତ ଆସିଲୁଣି, ସବୁ ବୁଝ୍ ଏଥର—

ମନୋଜ—ମୁଁ ଖାଲି ଚାରି ପାଞ୍ଚ ଘଣ୍ଟା ପାଇଁ ଆସିଛି ବୋଉ ! ରାତାରାତି ମତେ ଏଠୁଁ ଚାଲିଯିବାକୁ ହବ । ବୁଝାବୁଝି କରିବାକୁ ବେଳ ନାଇଁ—

ପାର୍ବତୀ—କାଇଁ କରେ ?

ମନୋଜ—ପୋଲିସବାଲା ମତେ ତଲାସ୍ କରୁଚନ୍ତି ବୋଉ ।

ପାର୍ବତୀ—କରେ···କାଇଁକି ?

ମନୋଜ—ଆଉ କିଛି ପଚାର ନା । ଗୀତା··· !

ପାର୍ବତୀ—ବୋହୂକୁ ଡାକଦେବ ? ହଉ, ଡାକ ଦଉଚି । ଆଲୋ ବୋହୂ ! ବୋହୂ ! କୁଆଡ଼େ ଗଲୁ କ'ଲୋ ? ସେ ଜଣ ପାଖରେ କୋଉଠିଥିବ ! ଦେଖେଁ—ତୁ ବୁଢ଼ା ପାଖରେ ବସ । ରୋଗା ପିଲାଟା, ଦଣ୍ଡେ ଛାଡ଼ିପିବାକୁ ମନ ହୁଏନ ମୋର । ଆଉ କୁନାଟା ତ ପିଲାକୁ ଚୋର ଜାଣ ବଞ୍ଚେଇଚି । ତାର ପିଲାପିଲ କଷ୍ଟ ନାଇଁ ବୋଲି ସ୍ୱା ଉପରେ ତାର କେଡ଼େ ମାୟା— ! ଆଲୋ ବୋହୂ ଜବାବ୍ ଦେ'ମ କୋଉଠ ଅଛୁ—(ପ୍ରସ୍ଥାନ)

କୁନ—(ଦୌଡ଼ି ଆସିଛି) କିଏ ? ଭାଇ !

ମନୋଜ—ହଁ କୁନା, ମୁଁ !

କୁନା—ଇମିତି ମଠେଇ, ଅଳସେଇ ନୂଆବୋଉଟାଏ କାହିଁକି ଆଣୁଥିଲ ମ' ଭାଇ ?

ମନୋଜ—ମଠେଇ !

କୁନା—ଇମିତି ହଟ ଦେଖୁଥିବ ଯେ ଫେର ପାଞ୍ଚ ପ୍ରଦରେ ପଦେ ଜବାବ ଦବନ ସେ !

ମନୋଜ—କାଇଁ ମୋ କଥା ତ କଷ୍ଟ ପଚ୍ଚରିଲୁନ, କୁନ ?

କୁନ—ସତେ ତମେ କୋଉଠୁ···କୋଉଦିନ ଆସିଲ ମ' ଭାଇ ?

ମନୋଜ—(ହସି) ବୋଉ କହୁଥିଲା ଏ ବୁଢ଼ା ଉପରେ ତୋର କୁଆଡ଼େ ଭାରି ମାୟା—

କୁନ—ହୁଁ, ତା' ବ ନୂଆବୋଉ ଆଖିରେ ଯାଏ ନା—

ମନୋଜ—ମୋ ଖବର ଶୁଣିବୁ ପରା ! (ଗୀତାର ପ୍ରବେଶ) ଜେଲ ଯିବା ଆଗରୁ ମୁଁ ତୁମମାନଙ୍କୁ ଦେଖି ଯିବାକୁ ଆସିଚି ! କାଲି ସକାଳୁ ଫେର ପୋଲିସ ହାତରେ ଆତ୍ମସମର୍ପଣ କ କଲା ଯାଏ ମୋର ଗତି ମୁକ୍ତି ନାଇଁ !

କୁନ—ଆଲୋ ବୋଉ ! ବୋଉ ମ—ଶୁଣିଲୁଣି, ଭାଇ କୋଉଠି କଣ କରି ଆସିଚି ଯେ କାଲି ସକାଳୁ ତାକୁ ଜେହଲ ହବ !

( ପ୍ରସ୍ଥାନ )

ଗୀତା—ଜେଲ ହବ ?

ମନୋଜ—କମ୍ବା କଳାପାଣି ହବ, ସେ କଥା ହାକମର କଲମ ବୁଝିବ । ମୁଁ ଖାଲି ଟିକଏ ଦେଖା କରିବାକୁ ସମୟ ନେଇ ଆସିଚି !

ଗୀତା—କଣ ହେଇଚି ମତେ ଲୁଚାଅ ନାହିଁ ।

ମନୋଜ—ଶାସନ ନାଁରେ ଯଥେଚ୍ଛାଚାର କରେ ଯୋଉ ସରକାର, ତା ବିରୁଦ୍ଧରେ ଲଢ଼େଇ କରି ସେଥିରେ ଯଦି ଜୀବନ ଯାଏ, ତାକୁଇଁ ମୁଁ ସର୍ବଶ୍ରେଷ୍ଠ ସୌଭାଗ୍ୟ ବୋଲି କହିବି ।

ଗୀତା—ଚିଠିରେ ଯାହା ଲେଖିଥିଲ, ସେଇଆ ତାହେଲେ ସତ ହେଲା ?

ମନୋଜ—ମିଛର ଆଶ୍ରୟ ନେଇ ମୁଁ ହୁଏତ ପୋଲିସକୁ ଫାଙ୍କି ଦେଇ ପାରିଥାନ୍ତି; କିନ୍ତୁ ମୋର ସଂସ୍କାର ମତେ ବାଧା ଦେଲା । ଆଇନ ଆଖିରେ ମୁଁ ନିଜକୁ ମିଥ୍ୟାବାଦୀ ବୋଲି ଉପସ୍ଥାପିତ କରି ପାରିଲି ନାହିଁ । ସେଥିପାଇଁ ଦୁଃଖ କରିବା ଉଚିତ ନୁହେଁ ଗୀତା, ଜେଲର ସ୍ୱପ୍ନ ନେଇ ମୁଁ ଜୀବନ ଆରମ୍ଭ କରିଥିଲି—ବାପା ମରିଗଲା ପରେ କଲେଜରୁ ଯୋଉଦିନ ତଡ଼ା ଖାଇ ପ୍ରଥମ ଯୁବ ସୈନିକ ହିସାବରେ ମୁଁ ପାର୍ଟିରେ ନାଁ ଲେଖାଇଥିଲି, ସେଇଦିନ ମୁଁ ଜାଣିଥିଲି··· ବିବାହ କରି ମୁଁ ଭୁଲ କରିଚି !

ଗୀତା—ସେ କଥା ତୁମେ ଭାବୁଚ କାହିଁକି ? କେବେହେଲେ ମୁଁ ତ ତୁମକୁ ଦୋଷ ଦେଇନି । ଆଜି ବି ନୁହେଁ ।

ମନୋଜ—କିନ୍ତୁ ଆଜ ଘରକୁ ଆସି ଯାହା ଶୁଣିଲି ସେ ସବୁ କଣ ମିଛ ?
ଗୀତା—କ'ଣ ଶୁଣିଲ ?
ମନୋଜ—ଘରର ବୋହୂ ଅଯୋଗ୍ୟା ହେଲେ ଯାହା ସାଧାରଣତଃ ଶୁଣା ଯାଇଥାଏ ।
ଗୀତା—ବିଶ୍ବାସ କଲ ?
ମନୋଜ—ଗୀତା !
ଗୀତା—ନା, ସେଇ ବିଶ୍ବାସ ନେଇ ତୁମେ ଯାଅ—ତା'ହେଲେ ଜେଲ ଭିତରେ ଗୀତାକୁ ଭୁଲିବାକୁ ଚେଷ୍ଟା କରି ପାରିବ !
ମନୋଜ—(ହାତ ଧରି ପକାଇ ଆବେଗରେ) ମଧୁରାତିର ପ୍ରଥମ ଲଗ୍ନରେ ଯେଉଁ ବିଶ୍ବାସ ତୁମଠି ମୋର ଥିଲା, ସେ ବିଶ୍ବାସ ଆଜି ବି ମୋର ଶିଥିଳ ହୋଇନି । ସେ ଆଶ୍ବାସନା ନେଇ କାଲି ସକାଳୁ ଆରମ୍ଭ ହବ ମୋର ଜେଲଯାତ୍ରା ନୁହେଁ, ଜୟଯାତ୍ରା !
ପାର୍ବତୀ—(ଅସ୍ତବ୍ୟସ୍ତ ହୋଇ ପଶି ଆସିଲେ) ଗୋସେଇଁ ମହାପ୍ରଭୁଙ୍କୁ ଡକେଇ ପଠେଇବି ମନୁ ?
ମନୋଜ—କାହିଁକି ବୋଉ ? ମୋର ଜୟଯାତ୍ରା କେମିତି ସଫଳ ହବ ଏଇ କଲ୍ୟାଣ କରିବାକୁ ?
ପାର୍ବତୀ—ତାଙ୍କର କଲ୍ୟାଣରେ ସବୁ ଋଷ୍ଟ କଟିଯିବ ବାପା !
ମନୋଜ—ସେ କ୍ଷମତା ମହାପ୍ରଭୁଙ୍କର ନାହିଁ ବୋଉ, ଅଦୃଷ୍ଟ ଉପରେ ହାତ କାହାର ନାହିଁ !
ପାର୍ବତୀ—ତା' ବୋଲି ଗୋସେଇଁ ମାହାପ୍ରଭୁ—କୁଳ ପୁରୋହିତ—ତାଙ୍କୁ ବୋହୂ ଦଣ୍ଡବତ କରି ଗୋଡ଼ଟା ଧୋଇ ଦେଇଥିଲେ କଣ ମାରି ହୋଇ ଯାଇଥାନ୍ତା—ଭଲ ଟିକଏ ପଢ଼ିଛି—!

ମନୋଜ—ଦେଖ ବୋଉ, କାହାରି ଧର୍ମ ବିଶ୍ୱାସ ଉପରେ ହାତ ଦେଇ କିଛି ଲାଭ ନାହିଁ । ସବୁ ଗୋଟାଏ ଆଡ଼େ ହେଲେ ମଣିଷର ମନ ଗୋଟାଏ ଆଡ଼େ । ମନ ଉପରେ ପ୍ରଭୁତ୍ୱ କରିବାର କ୍ଷମତା କୌଣସି ମହାପ୍ରଭୁଙ୍କର ନାହିଁ !

ପାର୍ବତୀ—ହଁ, ତମେମାନେ ତ ସବୁ ସେଇପ୍ରା କହିବରେ ! କାଲି ହେଇଚି ସେଇପ୍ରା—ହଉ, କାଲି ଦିନକ ରହି ପାରିବୁନି ? କାଲି କୁନାର ଯାଆ ଆଉ ସବୁ କିଏ ଆମ ଘରକୁ ବୁଲି ଆସୁଛନ୍ତି—ଏଇଷିଣିକା ଭାରି ଜଗର ପୁଅକୁ ଏଠୁ ନବାକୁ । ଶାଶୁଟାର ଗୋଟାଏ ସ୍ୱାଗ, ସେମାନେ ଆସିବେ, ତୁ ରହିଲେ ଭଲ ହୁଅନ୍ତା ।

ମନୋଜ—ମୁଁ ରହିଲେ ବି ପୋଲିସ ମତେ ରଖେଇ ଦେବନି । ତୁ ତ ଅଛୁ ବନ୍ଧୁଚର୍ଚ୍ଚା କରିବୁ—ମୁଁ ଥାଇ ଆଉ ଅଧିକା କଣ ହବ ।

ପାର୍ବତୀ—ମନୁ, ଇମିତି କଣ ତୁ କହୁଚୁ କ'ରେ !

ମନୋଜ—ଖିଅ ଟାଣିଲେ ରାମ-ବନବାସ, ବଂଧୁ ଚର୍ଚ୍ଚା କରିବାକୁ ବେଳ କାହିଁ ବୋଉ ? ହଉ ଯା, ମୋ ପାଇଁ କଣ ଗଣ୍ଡାଏ ଖାଇବାକୁ ଆଣ । କେବେ ପୁଣି ତୋ ହାତରୁ ଖାଇବାର ସୁଯୋଗ ମିଳିବ କି ନାହିଁ—

ପାର୍ବତୀ—ଆଁ'ଲୋ କୁନା, ଭାଇ ପାଇଁ କଣ ଗଣ୍ଡାଏ ଖାଇବାକୁ ଆଣିଲୁ ମା, ଆଚ୍ଛା ଥା, ଥା, ମୁଁ ଯାଉଚି—[ପ୍ରସ୍ଥାନ]

ମନୋଜ—ଥରକୁ ଥର ତୁମ ବିରୁଦ୍ଧରେ ଗୋଟାଏ ଗୋଟାଏ ନୂଆ ଅଭିଯୋଗ । ସବୁ ମୁଁ ବୁଝୁଚି ଗୀତା, କିଛି କରିବାର ଉପାୟ ନାହିଁ । ଦୁନିଆର ଏଇ ସବୁ ଦାଉ ସମ୍ଭାଳି ତୁମେ ଯଦି ନିଜକୁ ଠିକ୍ ବାଟରେ ଚଳେଇ ପାରିବ—ସେଇ ହବ

ମୋର ସ୍ୱପ୍ନ ସାର୍ଥକତାର ସୋପାନ । ମୁଁ କନ୍ଦୁଧନ ପାଇଁ ଭୁଲ ଯାଉଛି, ହେଲେ ବୁଢ଼ା ରହିଲା । (ପିଲାକୁ ସ୍ନେହ କରି) ତୁମରି ହାତରେ ଦେଇଗଲି ତାର ଶିଶୁ ଜୀବନର ଭାର । ( ଆଖିରେ ଲୁହ )

ଗୀତା—ଆଜ ରାତିଟା ବି ରହିବ ନାହିଁ ?

ମନୋଜ—ଗୋଟିଏ ରାତିର ସାଥି ତ ଆମେ ନୋହୁଁ ଗୀତା, ଜନ୍ମ ଜନ୍ମାନ୍ତରର ସାଥି ଆମେ, ଚିରଦିନର ସାଥି । ବାହାରର ବନ୍ଧନ କାଟି ନ ଥାଉ ପଛକେ, ମାଟିର ଏ ପିଣ୍ଡ ଭିତରେ ବଞ୍ଚି ରହୁ ଆମର ପରିପୂର୍ଣ୍ଣ ମମତା, ବଞ୍ଚି ରହୁ ଆମର ପୃଥିବୀ ! (ଗୀତାକୁ ଆଲିଙ୍ଗନ କଲେ )

---

## —ଚତୁର୍ଥ ଦୃଶ୍ୟ—

[ ମନୋଜର ଘର ଅଗଣା—ଦୀନବନ୍ଧୁ ଓ ପାର୍ବତୀ କଥାବାର୍ତ୍ତା କରୁଥିଲେ । ଦୀନବନ୍ଧୁ ହାତରେ ସାତୋଟି ଟଙ୍କା ]

ଦୀନୁ—ଏଇ ସାତଟଙ୍କା ହବ ନାହିଁ ମ ଅପା ! ଗୋସେଇଁ ମହାପ୍ରଭୁ କଳ୍ପତରୁ ଖଣ୍ଡେ ଆଠହାତି ଦେଢ଼ଣ ନହାତି ଦରକାର । ନକୁଳରେ ଦେଢଣ ଖଣ୍ଡକ କଣ ପାଞ୍ଚଟଙ୍କା ପଡ଼ିବ ନ ?

ପାର୍ବତୀ—ହଉ ଆଗ ତୁ ସେତିକରେ ଯୋଗାଡ଼ କର ।

ଦୀନୁ—ଆଲୋ, ତୁ କେମିତିକା କଥା କହୁଚୁ ବା ଅପା ! ରକ୍ତଚନ୍ଦନ, କର୍ପୂରମାଳ, ଧୂପଦାନ, ମାଠିଆ, ଖପରା, ଟଗୋଟାଗୁଆ, ଘିଅ, ନବାତ···କେତେ କଥା ଦରକାର । ଏତିକିରେ କ ଯୋଗାଡ଼ କରିବ ଯେ— ! ସେଥିରେ ପୁଣି କଳାତୁଳସୀ ମୂଳ, ସୁତାଖିଅ—ବାର ବଗଦ୍ ଗୋସେଇଁଙ୍କର ।

ପାର୍ବଣୀ—ଗୋସେଇଁ କହଚନ୍ତି ନା ଭୁ ତୋ ମନକୁ କହୁଚୁ ବା !

ଧାନ—ମିଛ ମଣୁଚୁ କି ଅପା ? ହଉ, ମିଛ ସତ ପରେ ବୁଝିବୁ ନାଇଁ କି ! ଗୋଟାଏ ମଣିଷକୁ ଏକଦମ ସିଆଡ଼େ ସିଆଡ଼େ ଅଟକେଇ ରଖିବା କ'ଣ ସହଜ କଥା ହେଇଚ ! ଗୋସେଇଁ କହିଚନ୍ତି ଇମିତି ପୂଜା ସେ କରିବେ ଯେ ମନୁଭାଇ ଆଉ କଳାପାଣିରୁ ଫେରିବନି—ସିଆଡ଼େ ସିଆଡ଼େ…

ପାର୍ବଣୀ—ଚୁପ୍ ଡଲୁ, କେଡ଼େ ପାଟି କରୁଚୁ ବା ? ସେ ମଙ୍ଗନମୁହିଁ ଟୋକା ଯଦି ଏଇନେ ଶୁଣି ପକେଇବ—

ଧାନୁ—ତାଙ୍କର ସକାଶେ ତ ଏତେ କଥା, ଶୁଣନ୍ତୁ ।

ପାର୍ବଣୀ—ଓହୋଃ ହୋ…ତୋର ଯୋଉ ବୁଦ୍ଧି ।

ଧାନୁ—ସତରେ ଅପା, ମୁଁ ଏକା ଭାରି ନିବୁର୍ଦ୍ଧି ଆଚେ । ଏ ଯାକେ ଅସଲ କଥା ତତେ କହିବାକୁ ମନେ ନାଇଁ । ଗୋସେଇଁ ମତେ ଆଉ କଣ କହିଛନ୍ତି ଶୁଣିବୁ ? ନାଇଁ…ଥାଉ । ମତେ ନିୟମ ଦେଇ କହିଚନ୍ତି କଥାଟା ଯେମିତି ଦ'କାନରୁ ଚୁରିକାନ ନ ହୁଏ ।

ପାର୍ବଣୀ—କି କଥା ?

ଧାନୁ—ନାଇଁ ଅପା, ମୁଁ ପରା ନିୟମ କରିଚି !

ପାର୍ବଣୀ—ହଇରେ, ମତେ କହିବୁନି ?

ଧାନୁ—ନାଇଁ, କଥା କଅଣ କି…ଗୋସେଇଁ କହିଚନ୍ତି, ଏ ପୂଜା ପଛକୁ ଆଉ ଗୋଟିଏ ଏମିତି ପୂଜା ସେ କରିବେ ଯେ—ନୂଆବୋଉ ତାଙ୍କ ପିଲାକୁ ନେଇ ଘର ଛାଡ଼ି ପଳେଇବାକୁ ବାଟ ପାଇବେ ନାଇଁ । ହେଇଟି ଅପା, ତତେ ମୋ ରାଣ, ଏ କଥା କାହାରି ଆଗରେ କହିବୁ ନାଇଁଟି ! ମତେ ସେ

କାନେ କାନେ ଶିଖେଇଚନ୍ତି ଦ' କାନରୁ ଗୁରୁଜ୍ଞାନ ଯେମିତି ନ ହୁଏ ।

ପାର୍ବତୀ—ହଉ, ତୁ ଯା—ଗୋସେଇଁଙ୍କି କହିବୁ ସଞ୍ଜବେଳକୁ ଆମ ଘର ଆଡ଼େ ଆସିବେ ।

ଧାନୁ—କହିବି, ତୁ ଆଗ ଟଙ୍କା ଦେଲୁ ।

ପାର୍ବତୀ—ଆଜ ନାଇଁ ପଛ, ଏତିକରେ କାମ ଚଳେଇ ଥା'—

ଧାନୁ—କେମିତିକା କଥା ତୁ କହୁଚୁ ବା ଅପା ! ଏକା ଆଠହାତି ବେଡ଼ଣ ଖଣ୍ଡିକ ପଛ ପାଞ୍ଚ ଟଙ୍କା କ ଛଅ ଟଙ୍କା ପଡ଼ିବ—ନକୁଛରେ ଆଜ ପାଞ୍ଚୁଟା ଟଙ୍କା ଦେଇଥା' । ଗୋସେଇଁ କହିଚନ୍ତି, ଟଙ୍କା ଦବା ଯେତିକ ଯେତିକ କମ୍ କରିବୁ, ମନ୍ତ୍ରଭିତର କଳାପାଣି ଯିବା ସେତିକ ସେତିକ କମ୍ ହେଇଯିବ ।

ପାର୍ବତୀ—ଜମାରୁ ନାଇଁ । ତୁ ଯା' ଗୋସେଇଁଙ୍କି କହିବୁ, ପଛକୁ ସେ ଆସିବେ । ସେ ହାରାମଜାଦା ପରା ସେଦିନ ତାଙ୍କୁ ବେଖାତିର କରିଥେଲା, ଆଜ ତାଙ୍କ ଗୋଡ଼ତଳେ ନ ପକେଇଚି ଯଦି—

ଧାନୁ—ମଲା, ତୁ କାଇଁକି ସେ କଥାକୁ ଏମିତି ଗଣ୍ଠି କରି ଧରିଚୁ ବା ? ନୂଆବୋଉ ତାଙ୍କ କର୍ମ ଭୋଗିବେ, ତୋର କଣ ଅଛି ! ଉପରେ ଚିହ୍ନା ନ ପଡ଼ି ଭିତରେ ଭିତରେ ଚେର କାଟି ଦେଲେ ତ ଗଲା—

କୁନ—(ଡାକ ଡାକ ଭିତରୁ ଆସିଛି) ବୋଉ. ଲୋ ବୋଉ—!

ଧାନୁ—ହେଇ ଲୋ ଅପା, କୁନଆ ଆଇଲାଣି ! କୁନଆ, କୁନଆ, ଆ···ଆ···ଆମେ ସବୁ ଏଇଠି ଅଛୁ ।

କୁନ— ବେଶ ! (ପ୍ରବେଶି) ଶୋଇଲା ଘରେ ନୂଆବୋଉ ଲୁଚେଇ ଲୁଚେଇ କଣ ସବୁ ଲେଖୁଚି—ଗୋଟାଏ ଚିଠି'ଫିଠି ହବ କି କଣ ? ମୁଁ ଗଲାଠୁଁ ତକିଆ ତଳେ ଲୁଚେଇ ଦେଲା—

ଧାନୁ—ଚିଠି ?

ପାର୍ବତୀ—କୋଉଠିକି ଲେଖୁଚି ?

ଧାନୁ—ମନୁଭାଇ ପାଖକୁ ଲେଖୁଥିବେ ।

କୁନ—ମଟର କଣ ଦେଖେଇଲା ! ମୁଁ ପଶି ଗଲାଠୁଁ ମୁହଁଟାକୁ ଇମିତି ଭୁରୁକୁଞ୍ଚା କରି ପକେଇଲା ଯେ ପଳେଇ ଆସିବାକୁ ବାଟ ସହିଲା ନାହିଁ । ମତେ ଲାଗୁଚି ବଡ଼ ଭାଇ କଡ଼କି ଲେଖୁଚି କି କ'ଣ ?

ପାର୍ବତୀ— କି ଭାଇ ଲୋ ? ଭାଇ ହେଇଥିଲେ ଭଣଜା ଏକୋଇଶିଆକୁ ସୂତା ଖିଏ ପାଇଲା ନାହିଁ । ବର୍ଷକେ ଥରେ ବନ୍ଧୁ ଦୁଆରେ ପାଦ ପଡ଼ୁ ନ ଥାନ୍ତା ! ହା—ଇ ! ଭଉଣୀ ଯେମିତି, ଭାଇ ସେମିତି ! ଛି, ଛି, ଛି ! ଚିଠି ଲେଖୁଚି ତାକୁ ଲାଜ ମାଡୁନି ! ଦେଖେଁ କଣ କରୁଚି !

ଧାନୁ—ଠଙ୍କା ଦେଇ ଗଲୁନି କି ଅପା ?

ପାର୍ବତୀ—କହିଲି ପରା ତତେ ! ରହ···ମୁଁ ଆସେ । (ପ୍ରସ୍ଥାନ)

କୁନ—ଧାନୁ ଭାଇ, ଠଙ୍କା କଅଣ କରିବୁ କି ?

ଧାନୁ—ଖବରଦାର କୁନଆ, ଗୋସେଇଁଙ୍କ ଆଗରେ ନିୟମ ପକେଇଚି, ସେ କଥା କାହ୍ଣି ପଚ୍ଛର ନା !

କୁନ—କ'ଣ କହ !

ଧାନୁ—ହଁ ହୁଁ, କାହ୍ଣି କହିବ ନି ।

କୁନ—ମଲା, ଇମିତି ଗୋଟାଏ କି ଢଙ୍ଗ ମ' ତୋର ! ଧାନୁଭାଇ କହ ନା—ମୋ ରାଣ, ତତେ ବଡ଼ ଗୋସେଇଁଙ୍କ ରାଣ !

ଧାନୁ—ସେତେ ଗଣ ପକେଇଲେ···ରୁକୁଣାରଥ ଉଣ୍ଟୁ ଅଣେଲେଉଁଠା ! ମୁଁ କଣ ଆଜ ନିଏ ହେଇଚି କି ମୋଠୁଁ କଥା ଆଦାୟ କରିନବୁ । କୁନିଆ, ସେ କଥା ହେଇ ପାରିବନି···

କୁନ—ହଉ (ଅଭିମାନରେ) ତୋ କଥା ଜଣା ପଡ଼ିଲା ଯେ । ଉପରେ ସିନା ଖାଲି 'କୁନିଆ' 'କୁନିଆ' ହଉ, ନାଇଁ ତ ପେଟ ଭିତରେ କାହିଁରୁ କଣ କପଟ !

ଧାନୁ—(ବ୍ୟସ୍ତ ହୋଇ) ଆରେ, ଗୋସେଇଁ ପରା ମନା କରିଛନ୍ତି, କଥା ଯେମିତି ଦି' କାନରୁ ତିନି କାନ ନ ହୁଏ—

କୁନ—ମୁଁ କାହାରି ଆଗରେ କହିବି ନାଇଁ ମ'—

ଧାନୁ—(ନିମ୍ନ ସ୍ୱରରେ) ଗୋସେଇଁ ଇମିତି ଗୋଟେ ପୂଜା କରିବେ ଯେ ମନୁଭାଇ ଆଜ କଳାପାଣିରୁ ଫେରିବେନି କି ଏ ଘର ମାଡ଼ିବେନି ! ତା ପଛକୁ ଫେର ଆଜ ଗୋଟେ ପୂଜା ଅଛି—

କୁନ—ଓଃ···ଏଇ ! ଘରି ତ କଥା – (ଚାଲିଗଲା)

ଧାନୁ—ଏଁ, କଥାଟାକୁ କଣ ଏକଦମ୍ ଉଡ଼େଇ ଦେଇଗଲା—

ଗୀତା—(ପ୍ରବେଶି) କି' କଥା କହୋ ଧାନୁବାବୁ ?

ଧାନୁ—ନାଇଁ କିଛି ନାଇଁ ନୂଆବୋଉ ! ତୁମେ ପରା କଣ ଚିଠି ଲେଖୁଥିଲ ?

ଗୀତା—କାଇଁକି, କ'ଣ କହିବ କି ?

ଧାନୁ— ନା, ଗୋସେଇଁଙ୍କର କୋଟି କୋଟି ଆଜ୍ଞା, ମୁଁ କିଛି କହିବି ନାଇଁ—

ଗୀତା—ନୂଆବୋଉଠେଇଁ ତମର ଏତେ କପଟ ! ବିଶ୍ୱାସ ହେଉନି ନା ?

ଘାନୁ—ରାମ ବୋଲ । ମାଇକିନିଆ ଜାତିକୁ ପେର ବିଶ୍ୱାସ । ଯେ କରେ ତା ବଂଶ ଓଲୁ । ଥେବେ ଥେବେ, ଇମିତି ଦେଲ ଉଣ୍ଡି ପଦେ ହାଣିଦେବେ ଯେ ବଂଶ ନପାଚ । ହୁଁ—

ଗୀତା—କେଇ ଚ୍ଚେଟ ଏଯାଏ ଖାଇଲଣି ?

ଘାନୁ—ଦୂରେଇ ରହେ ଯେ ନୂଆବୋଉ ! ପୁଅ ବିହ ଭଲ ଅଛୁ ତ ! ଗୁଲ ତାକୁ ଟିକିଏ ଦେଖିଆସେ । ମନୁଭାଇ ତ କଲାପାଣି ଗଲ···ମୁଁ ତୁମ ଖବର ଟିକିଏ ଟିକିଏ ନ ବୁଝିଲେ କାଲ ସକାଳେ ତୁମେ ମୋତେ କ'ଣ କହିବ !

ଗୀତା—ମୋ ଠେଇ ତୁମର ଭାରି ମାୟା ନା ?

ଘାନୁ—ମାୟା କଥା କାଇଁକି ପଚ୍ଛରୁଚ ନୂଆବୋଉ ! ମନୁଭାଇ ଯେତେବେଳେ ସମସ୍ତଙ୍କ କଥାକୁ ଆଡେଇ ଦେଇ ତୁମକୁ ବାହାହୋଇ ପଡ଼ିଲା, ମୁଁ ପରା ମନୁଭାଇକି ଆଗ ସାବାସ୍ ଦେଇଥିଲ । ବାହା ହେବତ ତମରି ଭଳିଆ ଝିଅକୁ ବାହା ହବ ! ହୁଁ !

ଗୀତା—( ହସି ) କୋଉଠୁ ଗୋଟିଏ ବାହା ହୋଇ ପଡ଼ୁନ ?

ଘାନୁ—ନକୁଛିଲେ ପାଞ୍ଚଶ, ସାତଶ, ହଜାରେ ଦରକାର—ଏତକ ମୁଁ ପାଇବି କୋଉଠୁ !

ଗୀତା—ମନ ଅଛି ତା ହେଲେ ?

ଘାନୁ—ମନ ନାଇଁ କଣ ନୂଆବୋଉ ! ମରଦ ପୁଅ, ବାହା ହବାକୁ ମନ ନାଇଁ ? ତମରି ଯୋଉ କଥା—

ଗୀତା—ଏହିକ୍ଷଣି ପରା ଅବିଶ୍ୱାସ ବୋଲି କହୁଥିଲ !

ଘାନୁ—କିଏ···ମୁଁ କହୁଥେଲି ! ଭୁଲ କହୁଥେଲି ! ନୂଆବୋଉ, ତୁମେ ଯେତେବେଳେ ଆଦର ଯତ୍ନ କର, ମୋର ଖାଲି ମୋ ମା' କଥା ମନେ ପଡ଼ିଯାଏ ! ସେ ବଞ୍ଚିଥିଲେ ମୋ

ମୁଣ୍ଡ କଣ ବିଗିଡ଼ି ଖାଇଥାନ୍ତା ! ବିଚରା ବହୁତ ଆଶା କରିଥିଲା ସେ ନୂଆବୋଉ—! ( ଆଖି ଛଳ ଛଳ )

ୀତା—( ସମ ବେଦନାର ଅଶ୍ରୁ ) ଧାନବନ୍ଧୁ !

ାନୁ—ଛୁଡ଼ ନୂଆବୋଉ ! ସବୁ ଗୋଳମାଳ, ଦୁନିଆ ଗୋଳମାଳ; ନ ହେଲେ ମନୁଷ୍ୟର ଭଲଆ ଲୋକ ପଛରେ ଏମାନେ ଏତେ ପାଞ୍ଚ କରୁଥାନ୍ତେ !

ୀତା—ପାଞ୍ଚ ।

ାନୁ—ନୁହେଁ ? ଏଇ ଠକା ଦେଖ, ସାତଠକା ! ହୋମ ହବ, ଯଣା ହବ, ପୂଜା ହବ···ଇମିତି କାମ ହବ ଯେ ମନୁଷ୍ୟ ଆଉ ଘରକୁ ଫେରିବ ନ' !

ତା—ଏ ମଙ୍ଗଳ କିଏ ପାଞ୍ଚୁଛି ଧାନୁ ?

ନୁ—କିଏ ଆଉ ? ମା', ମା' !

ତା—ବୋଉ ?

ନୁ—ହଁ, ସାବତ ବୋଉ ! ନ ହେଲେ କୋଉ ମା ପୁଅର ଇମିତି ମଙ୍ଗଳ ପାଞ୍ଚିବ !

ତା—ଧାନୁ !

ନୁ—ମଲା, ମଲା, ତମକୁ ତ କ'ଣ କହୁଁ କହୁଁ ଅସଲ କଥା କହି ପକେଇଲିଣି ! ନାଇଁ ନାଇଁ, ନୂଆବୋଉ, ସବୁ ମିଛ, କଞ୍ଚାମିଛ ।

ତା—ମିଛ !

ନୁ—ହଁ ନୂଆବୋଉ ! ସବୁ ମିଛ ହେଇଯାଉ । ମୋ ରାଣ, ନୂଆବୋଉ, ଏ କଥା ଯେମିତି ଦି' କାନରୁ ତିନିକାନ ନ ହୁଏ—

ତା—ମୋର ଗୋଟାଏ କାମ କରିବ ଧାନୁ ?

ଧାନୁ—କ'ଣ ? ( ଗୀତା ଚିଠି ଦେଲେ )
ଗୀତା—ଏ ଚିଠିଖଣ୍ଡିକ ଟିକଏ ଡାକଘରେ ପକେଇ ଦବ !
ଧାନୁ—ହଉ, ତୁମେ ଯାଅ—ମୁଁ ଯାଉଛି ! (ଯାଉଁ ଯାଉଁ ଫେ
ଆସି) ହଁ ଦେଖ ନୂଆବୋଉ, ତମ ମନକୁ କେତେବେ
ହେଲେ ଚହଲେଇ ଦବ ନାହିଁଟି ! ଘୁଡି ଠାଣ କରଥିବେ
ଗଡ଼ ତୁମେ ଜିତିବ !

ଗୀତା—ଏ ଶିକ୍ଷା ତୁମକୁ କିଏ ଦେଉଛି ଧାନବନ୍ଧୁ ?
ଧାନୁ—ଧାନର ବନ୍ଧୁ…ଧାନବନ୍ଧୁ ! (ନିଷ୍କ୍ରାନ୍ତ)
ଗୀତା—ଧାନବନ୍ଧୁ !

ପର୍ବତୀ—(ଆସିଛନ୍ତି) ସେଠି କଣ ହେଉଚ କ'ଲେ ? ଘର
ବୋହୂ, ପରପୁଅ ହାତରେ ଚିଠଉ ଦବାକୁ ତତେ ଲ
ମାଡ଼ୁଲାନ ଟିକଏ ।

ଗୀତା—ବୋଉ !
ପାର୍ବତୀ—ହଉ, ତୋ ପୁଅର କଣ ହଉଚ ଦେଖିବୁ ଆ—
ଗୀତା—ବୁଢ଼ାର କଣ ହେଲା—(କାନ୍ଦ କାନ୍ଦ ବାଘୁଣୀ ପ
ଦୌଡ଼ିଗଲେ)

ପାର୍ବତୀ—କଞ୍ଚା ଡାହାଣୀ ତୁ ସମସ୍ତିଙ୍କି ଖାଇବୁ ଲେ
ଆହା—ହା—

## —ପଞ୍ଚମ ଦୃଶ୍ୟ—

[ ଅଜତ୍ ବାବୁଙ୍କ ଘର—ପରଦା ଉଠିଲା ପରେ ଦେଖାଗଲା କକ୍ଷଟିର ଅପରୂପ ସାଜସଜ୍ଜା ଭିତରେ ପିଆନୋ ପାଖରେ ବସି ଗୀତ ଗାଉଥିଲେ ରଞ୍ଜନା ଦେବୀ—ସାମନାରେ ବସି ଶୁଣୁଥିଲେ ଅଜତ ବାବୁ ]

—ରଞ୍ଜନାର ଗୀତ—

ଗୃହଦୀପ,···ମଧୁର ମଧୁର ଲାଗେ—
ମଧୁର ମଧୁର ଏ ଉଚ୍ଛୁଳା ବୁକେ
କେତେ ଅକୁହା ପିୟାସା ଜାଗେ ।
ଓ···ସାଥି, ଶୁଭ୍ର ସୋହାଗ ଟୋପି ଟୋପି ଝରେ,
(ତାର) ଉଜୁଡ଼ା ଗୁଚ୍ଛ ତଳେ ବେଦନା ଲହରେ,
ଲୁଟେଇ ମମତା ପରଶେ ଯେବେ ଗୋ,
ରଜନୀଗନ୍ଧା ଅଙ୍ଗେ । ୧ ।
ଓ···ସାଥି, କ ହୁଏ ନ ଜାଣେ ମରମ ଗହନେ-
ଛନ ଛନ ନୟନ ତନ୍ଦ୍ରା ନ ମାନେ
ପୁଲକ ଜୁଆର ସାଗ ଯଉବନ ଜୁଗେ
ଝରୋଖା ଚକୋରୀ ସବୁଜ ଗହଳ ତଳେ
କେବେ ଦୂରେ···ଦୂରେ···
ଛପି ଛପି ସ୍ବପ୍ନରେ କ ମାଗେ ଗୋ,
···ଅନୁରାଗେ । ୨ ।

ଅଜତ୍—( ଗୀତାନ୍ତେ ) ବାଃ, ବେଶ ଭାବପୂର୍ଣ୍ଣ ତୁମର ଗୀତ, ରଂଜନା !

ରଂଜନା—ଖୁବ ସୁନ୍ଦର···ନା ?

ଅଜୟ—ସୁନ୍ଦର ! ସୃଷ୍ଟିର ପ୍ରଥମ କାଳରୁ ଆଜ ପର୍ଯ୍ୟନ୍ତ ସବୁ ଯୁଗର ମୂର୍ଚ୍ଛନା ଯେମିତି ପୂର ରହିଛି ତୁମ ଗୀତରେ ! ହଉ, ଏଥର ମୁଁ ଉଠେ— ( ଉଠି ଯିବାକୁ ବାହାରିଲେ )

ରଂଜନା—ଶୁଣ,—ଟିକଏ ଜଲଦି ଫେରିବ !

ଅଜୟ—ନିଶ୍ଚୟ ଆସିବ । ( ଚାଲିଗଲେ ବାହାରୁ ଶୁଭିଲା, "ଡ୍ରାଇଭର ! ଗାଡ଼ି—" )

ରଜଂନା—(ଭିତରୁ ଶିପ୍ରାକୁ ଓହ୍ଲାଇ ଆସିବାର ଦେଖି) ସେ ଶାଢ଼ୀ ଖଣ୍ଡିକ ବଦଳିନା ଟି ?

ଶିପ୍ରା—କ'ଣ ଦରକାର ନୂଆବୋଉ ?

ରଂଜନା—Don't be silly ଶିପ୍ରା, ଏ ଶାଢ଼ୀ ତୁମେ ବଦଳାଇ ଆ[illegible]

ଶିପ୍ରା—ସିନେମା ଦେଖିବାକୁ ମୁଁ ଯିବିନି, ନୂଆବୋଉ ! ତୁମେ ଯାଅ, ମୋ ମୁଣ୍ଡଟା ଟିକଏ···

ରଂଜନା—ଆଃ ଏ କି ପାଗଳାମି ଶିପ୍ରା, ତିନଟା ଟିକେଟ୍ ଆସି ଯାଇଛି ଯେ—

ଶିପ୍ରା—ଗଲେ ଏଇ ଖଣ୍ଡିକ ପିନ୍ଧି ଯିବାକୁ ମୁଁ ରାଜି ଅଛି ।

ରଂଜନା—ମାନେ ? ତୁମ ଭାଇଙ୍କ ମାନ୍ ତୁମେ ତଳେ ପକାଇବାକୁ ରାଜି !

ଶିପ୍ରା—କିନ୍ତୁ ମୋର ନିଜର ମାନ୍ ମୁଁ ତ ତଳେ ପକାଇ ପାରିବିନି ନୂଆବୋଉ !

ରଂଜନା—କି ଆଶ୍ଚର୍ଯ୍ୟ ! ତୁମେ ଜଣେ Gazetted Officerଙ୍କ ଭଉଣୀ ହିସାବରେ ସିନେମାକୁ ଯିବାକୁ ରାଜି ନୁହଁ ?

ଶିପ୍ରା—ମୁଁ ରାଜି ନୂଆବୋଉ, ଜଣେ ଦରିଦ୍ର କଳାକାରର ସ୍ତ୍ରୀ ହିସାବରେ ଖାଲି ସିନେମା କଣ, ଯେ କୌଣସି ନର୍କକୁ ଯିବାକୁ ମୁଁ ରାଜି ।

ରଞ୍ଜନା—କଳାକାରର. ସ୍ତ୍ରୀ···ଅଥଚ କଳାର କ୍ଷେତ୍ର ସିନେମାକୁ ତୁମେ ନର୍କ ବୋଲି ଅତି ସ୍ୱଚ୍ଛନ୍ଦରେ କହି ପାରୁଚ !

ଶିପ୍ରା—କଳା ନୁହେଁ ନୂଆବୋଉ, କଳା ଛାଇ । ତା' ଭିତରେ ଜୀବନର ସତ୍ୟ କିମ୍ବା ବାସ୍ତବତାର ସତ୍ତା ସୂକ୍ଷ୍ମ ନାହିଁ ।

ରଞ୍ଜନା—ସିନେମା ରାଜ୍ୟରେ ଯାହାର ଥିଲା ଘର, ସେଇ ଶିପ୍ରା ତୁମେ,ଆଜି ତିନି ଚାରିଟା ବର୍ଷ ଭିତରେ ଏତେ ସେଣ୍ଟିମେଣ୍ଟାଲ ହୋଇ ପଡ଼ିଚ ଯେ ସେଣ୍ଟିମେଣ୍ଟସ୍ ଭିତରେ ତୁମର ସତ୍ତା ପର୍ଯ୍ୟନ୍ତ ହଜି ଯାଇଚି ! ଆଶ୍ଚର୍ଯ୍ୟ !

ଶିପ୍ରା—ଆଶ୍ଚର୍ଯ୍ୟ ବୋଧ କରିବାର କିଛି ନାହିଁ ନୂଆବୋଉ, ଏଇ ଘରେ, ଏଇ ସୌଖିନ ବିଳାସ ଭିତରେ Sentimentsକୁ ସାଙ୍ଗରେ ନେଇ ଶିପ୍ରାର ଜନ୍ମ; ଅଥଚ ଆଜି ସେଇ ଶିପ୍ରାକୁ ତୁମେ ଭଲ ଶାଢ଼ୀ ଖଣ୍ଡେ ଭିକ୍ଷା ଦବାକୁ ଚାହୁଁଚ···କହନ୍ତେ ଭିତରେ ଏଇ କ'ଣ ଜୀବନର କମ ବଡ଼ irony !

ରଞ୍ଜନା—ଚମତ୍କାର ! ସ୍ୱାମୀଙ୍କର କବିତ୍ୱ ଯଥେଷ୍ଟ ପ୍ରଭାବ ପକେଇଚି ତୁମ ଉପରେ ଶିପ୍ରା !(ଦୁଷ୍ଟାମିର ହସ )

ଶିପ୍ରା—ତାର କାରଣ ତୁମେ ଜାଣନି ନୂଆବୋଉ ! ଶିପ୍ରାର ସ୍ୱାମୀ ଭାରି practical ।

ରଞ୍ଜନା—Practical ! ଜୀବନରେ କୌଣସି ଆରମ୍ଭ ଯାହାର ନାହିଁ, ଗୋଟାଏ ଖାମଖିଆଲି ସ୍ରୋତ ପରି ଯେ ଖାଲି ଆଗୁଆ ମାଡ଼ି ଚାଲିଚି,···ସେଇ ବ୍ରଜବାବୁଙ୍କୁ ତୁମେ ପ୍ରଶଂସା କରୁଚ ଶିପ୍ରା !

ଶିପ୍ରା—ସଂକୀର୍ଣ୍ଣ ମନ ଦେଇ ତୁମେ କଣ ଖାଲି ଭାଇଙ୍କର ନିନ୍ଦା ଗାଇ ବୁଲି ନୂଆବୋଉ ?

ରଞ୍ଜନା—(ଆହତ ହୋଇ) ମାନେ ?

ଶିପ୍ରା—ମୁଁ ତୁମ ଆଗରେ ମୋ ସ୍ୱାମୀଙ୍କର ନିନ୍ଦା ଗାଇ ଶୁଣେଇବି ଏଇଥିପାଇଁ କ'ଣ ଭାଇ ମତେ ମୋ ଜନ୍ମ ସ୍ଥାନକୁ ନିମନ୍ତ୍ରଣ କରି ଆଣିଚନ୍ତି !

ରଞ୍ଜନା—Dont be serious Sipra !

ଶିପ୍ରା—ନୂଆବୋଉ, 'serious' କହିଲେ ତୁମେ କ'ଣ ବୁଝି କହି ପାରିବ ?

ରଞ୍ଜନା—ହୁଁ, ସିନେମାକୁ ଚା'ହେଲେ ଯାଉନ ତୁମେ ?

ଶିପ୍ରା—ନା, ଏ ଘରୁ ମୁଁ ଆଜ ଚାଲି ଯାଉଚି । ଭାଇ ଆସନ୍ତୁ ! ପାରିଥିଲେ ସେ ତ ମତେ ସେଇଠି ଅପମାନ ଦେଇ ଆସିଥାନ୍ତେ, ଏଠିକି ଡକେଇ ଆଣି ଅପମାନିତ କରିବାର କଣ ଦରକାର ଥିଲା ! ମୁଁ ତାଙ୍କୁ ଏତିକି ପଚାରିବି ।

ରଞ୍ଜନା—ଶି – ପ୍ରା— !

ଶିପ୍ରା—Dont be serious ନୂଆବୋଉ ! ଶିପ୍ରାର ଏ ଘରେ ଜନ୍ମ, ଏ ମାଟିର ପ୍ରତ୍ୟେକ ରେଣୁ ଉପରେ ଶିପ୍ରାର ଦାବି ଅଛି—ଅଥଚ ଏ ଘରର ଯେ କେହି ନୁହେଁ, ସେ ଆଜ ତାକୁ ହସି ହସି ଗୋଟାକ ପରେ ଗୋଟାଏ ଆଘାତ ଦେଇ ଚାଲିଚି !

ରଞ୍ଜନା—ମୁଁ ଏ ଘରର କେହି ନୁହେଁ ! କଥାଟା ଟିକିଏ ଅତି ମାତ୍ରାରେ ଅବାନ୍ତର ହେଇ ପଡ଼ିଲା ନାଇଁ କି ଶିପ୍ରା !

ଶିପ୍ରା—ଏ ଘରର ତୁମେ ସବୁ ହେଇପାର ନୂଆବୋଉ, କିନ୍ତୁ ଲକ୍ଷ୍ମୀ କେବେ ହେଇ ପାରିବନି ! (ପ୍ରସ୍ଥାନୋଦ୍ୟତ)

ରଞ୍ଜନା—I see ! ତୁମେ ମତେ ଅପମାନ କରୁଚ ! ମୋ ବିରୁଦ୍ଧରେ ତୁମ ଭାଇଙ୍କ ଆଗରେ ଦି'ପଦ କଥା କହି ତୁମେ କଣ ଲାଭ ହେବ ବୋଲି ଭାବୁଚ !

ଶିପ୍ରା—ଭୟ ନାହିଁ···ମୁଁ କିଛି କହିବନି !

ରଞ୍ଜନା—Do your best ଶିପ୍ରା, ମୁଁ ତୁମ ଭାଇଙ୍କ ମନ ଉପରେ ନ ଥାଏ—କଥା କହି ମତେ ତୁମ ଭାଇ କେବେ ଜୟ କରି ପାରିବେନି, ସେ ଅହଙ୍କାର ମୋର ଅଛି !

ଶିପ୍ରା—ବେଶ ତାହେଲେ ମୁଁ ଭାଇଙ୍କି କହିଦେବି, ତୁମ ପରି ସ୍ତ୍ରୀର ଅହଙ୍କାରର ଶାସ୍ତି ବିଧାନ ପାଇଁ ତାଙ୍କର ଗୋଟାଏ ଚାବୁକ ରଖିବା ଦରକାର— (କଥା ନ ସରୁଣୁ ରଞ୍ଜନା ଶିପ୍ରାକୁ ମାରିଲେ । ଫେରି ଆସିଛନ୍ତି ଅଜିତ୍ ବାବୁ)

ଅଜିତ—କଣ ହେଉଚି ଶିପ୍ରା ?

ଶିପ୍ରା—ନା ଭାଇ, ନୂଆବୋଉଙ୍କ ସାଙ୍ଗରେ ମୋର ପୁରାଣ ଶାସ୍ତ୍ର ସମ୍ବନ୍ଧରେ ଟିକିଏ ଆଲୋଚନା ଚାଲିଥିଲା ।

ଅଜିତ—କିନ୍ତୁ ସମାଲୋଚନା ଟା' ତ କାହିଁକି ମିଠା ଲାଗିଲା ନାହିଁ ! ତା'ଛଡ଼ା···କଣ ହେଉଚି ରଂଜନା ?

ରଂଜନା—ଜାଣେ ନା— (ସିଡ଼ି ଉପରକୁ ଚାଲିଗଲେ)

ଅଜିତ—ରଂ-ଜ-ନା !

ଶିପ୍ରା—ଭାଇ ।

ଅଜିତ—ଏଁ ! (କଥାର ଧାରା ବଦଳାଇ) ହଁ, ବାଟରେ ହଠାତ୍ ବ୍ରଜବାବୁଙ୍କ ସାଙ୍ଗରେ ଦେଖା ହୋଇଗଲା— । ଶୁଣିଲି, ତାଙ୍କର ସେ ଭଣେଇ···ସେଇ କ ଗୋଟାଏ Partyର ଜଣେ କର୍ମୀ—ତାଙ୍କୁ ପୋଲିସ ହାଜତରେ ନେଇ ରଖିଚି ।

ଶିପ୍ରା—କର୍ମୀମାନଙ୍କୁ ଅନେକ ସମୟରେ ଜେଲହାଜତକୁ ଯିବାକୁ ପଡ଼େ—ମନୋଜ ବାବୁ ହୁଏତ ଯାଇଥିବେ, ବିଶେଷ କୁହେଁ—

ଅଜିତ — ଲାଭ କଣ ସେ କର୍ମୀ ସାଜ...ଜୀବନରେ ଯଦି ଫୂର୍ତ୍ତି ନାହିଁ-ଜୀବନରେ ଯଦି ଉପଭୋଗ ନାହିଁ—

ଶିପ୍ରା—ତୁମେ ଯାହାକୁ ଉପଭୋଗ ବୋଲି କହୁଚ ସେ ଟିକକ ଏଇ କର୍ମୀମାନଙ୍କ ତ୍ୟାଗର ଫଳ । ସେମାନେ ଜେଲ ଭୋଗିବେ, ମରିବେ...ଆମେ ଉଠେଇବା ଫାଇଦା, ଆମେ କରିବା ଉପଭୋଗ ।

ଅଜିତ—ବ୍ରଜ ବର୍ତ୍ତମାନ ହୁଏତ ଆସି ପହଞ୍ଚିବ...ମୁଁ ନିମନ୍ତ୍ରଣ କରି ଆସିଚି ।

ଶିପ୍ରା — ଖୁବ ଭଲ ହୋଇଚି ଭାଇ, ତୁମକୁ ଆଉ ଯିବାକୁ ପଡ଼ିଲା ନାହିଁ...

ଅଜିତ — ମା-ନେ ?

ଶିପ୍ରା — ମୁଁ ଆଜି ତାଙ୍କର ସାଙ୍ଗରେ ଫେରିଯିବି ।

ଅଜିତ—ଆଜି ଫେରିଯିବୁ ! ଶିପ୍ରା, ରଞ୍ଜନା ପାଇଁ ନୁହେଁ—ମୋ ପାଇଁ ଅନ୍ତତଃ ତୁ କଣ ତୋ ନୂଆବୋଉକୁ କ୍ଷମାକରିବୁନି !

ଶିପ୍ରା—ଭାଇ !

ଅଜିତ—ମୁଁ କଣ କେବେ ଭାବିଥିଲି ଶିପ୍ରା, ବ୍ରଜ ପରି ଜଣେ brilliant scholar...ଏଇ ତାର ଭବିଷ୍ୟତ ! ଆମେ ଦିହେଁ ଭାଇ ଆଉ ଭଉଣୀ, two fingers of the same hand—ମୁଁ କଣ କେବେହେଲେ ଏ ଆଶଂକା କରିଥିଲି ଶିପ୍ରା, ଏଇ ସ୍ୱାସ୍ଥ୍ୟ ଆଉ ଏଇ ସମ୍ପଦ ନେଇ ତୁ ଆସି ମୋ ଆଖି ଆଗରେ ଛୁଡ଼ା ହେବୁ !

ଶିପ୍ରା—(ହସି ହସି) କାହିଁକି...ମୁଁ ତ ଭଲ ଅଛି ଭାଇ !

ଅଜିତ—ଭଲ ରହିବାର ପରିଚୟ ଏଇ ଶୁଖିଲା ହସ ନୁହେଁ ଶିପ୍ରା ! ତୋର ଭଲ ପାଇଁ ଏବେବି ମୁଁ ରାଜି ଅଛି ବ୍ରଜକୁ ସାହାଯ୍ୟ

କରିବାକୁ—ଯାହା ତାର ଦରକାର । କିନ୍ତୁ ମୁଁ ଜାଣେ, ସେ ଏସବୁ ଦୟାର ଦାନ ବୋଲି ଭାବିବ । Scholar—ବ୍ରଜ Brilliant— କିନ୍ତୁ ସେ ମଣିଷ ନୁହେ, ଆଉ କିଛି । ଜାଣେ ନା···ଉପରେ କି ଚଳେ···

ପ୍ରା—ଭାଇ !

କିତ—ବସନ୍ତ ଧନୀ ପିଲା । ତା' ସାଙ୍ଗରେ ମଧ୍ୟ ତୋର ବନ୍ଧୁତା ଥିଲା । ମୁଁ ମନେ କରିଥିଲି, ଶେଷରେ ତୁ ସେଇ ବସନ୍ତକୁ ହିଁ ହୁଏତ—

ପ୍ରା—ଥାଉ ଭାଇ, ସେ ସବୁ କଥା ଆଜି ଥାଉ ।

କିତ—ନା, ନା, ବ୍ରଜକୁ ମୁଁ ଅନୁପଯୁକ୍ତ ବୋଲି କହୁନାହିଁ—କିନ୍ତୁ ଦୁନିଆକୁ ଚିହ୍ନିବା; ସାଙ୍ଗେ ସାଙ୍ଗେ ଆପଣାକୁ ଚିହ୍ନିବାର ସୁଯୋଗ ସେ ପାଇନାହିଁ—ଆଉ ସେ ସୁଯୋଗ କେହି କାହାକୁ ଦିଏ ନା, ଆପେ ଆପେ ନବାକୁ ହୁଏ ।

'ଜନା—(ସିଢ଼ି ଉପରେ ଥାଇ) ଆହା···ଆହା···ଜଣେ ଦରିଦ୍ର କଳାକାରଙ୍କୁ ଖୁବ୍ ଠାଣୁଆ ସମ୍ବର୍ଦ୍ଧନା ଜଣାଉଛ ଯେ !

କିତ—ଓହ୍ଲେଇ ଆସ ରଂଜନ, ଶିପ୍ରା ନିକଟରେ ତୁମକୁ କ୍ଷମା ଭିକ୍ଷା କରିବାକୁ ହବ । ତୁମେ ଆଜି ମୋ ଭଉଣୀକୁ ମାରିନ, ମୋ ବଂଶର ମାନ ସମ୍ମାନକୁ ହତ୍ୟା କରିଚ ।

ଜନା—(ନାଟକୀୟ ଭଙ୍ଗୀରେ) କ୍ଷମା ଭିକ୍ଷା କରିବ ? କାହିଁକି, କି ଅପରାଧ ମୁଁ କରିଚି ଶୁଣେ ?

ିତ—ଯାଠୁଁ ଗୁରୁତର ଅପରାଧ ଆଉ କଣ କରିଥାନ୍ତ ରଂଜନ ?

ଜନା—ଯୋଉ ସ୍ୱାମୀ ତାର ସ୍ତ୍ରୀକୁ ତାର ନ୍ୟାଯ୍ୟ ସମ୍ମାନ କି ମର୍ଯ୍ୟାଦା ଦେଇ ଶିଖିନ, ସେ ଅପରାଧଟା ବୋଧହୁଏ ତାକୁ ଭାରି ଲାଗୁଛି ।

ଅଜିତ—ରଂଜନା !

ରଂଜନା—କ'ଣ ? (କ୍ଷୀଣ କଣ୍ଠରେ)

ଅଜିତ—Come down !

ରଂଜନା – ଠିକ୍ ଅଛି । ପ୍ରଥମ ଆଜି ଶେଷ ଥରକ ପାଇଁ ମୁଁ ତୁମ ଆଦେଶ ପାଳନ କରିବାକୁ ରାଜି ଅଛି । କିନ୍ତୁ ଯଦି ମୁ ଏଠୁ ଓହ୍ଲାଏ, I will never come up !

ଅଜିତ—ରଂଜନା !

ରଂଜନା—(ଓହ୍ଲାଇ ଆସୁ ଆସୁ) ହଁ, ମୀମାଂସା ତୁମେଇ କରିଦିଅ

ବ୍ରଜ – (ପ୍ରବେଶ କଲେ) ମୁଁ ବୋଧହୁଏ ଠିକ ସମୟରେ ଆସି ଭାଉଜବୋଉ ! ନମସ୍କାର ! (ଶିପ୍ରା ଉପରକୁ ଚାଲିଗଲେ)

ଅଜିତ—ଆସ ବ୍ରଜବାବୁ, ବସ ଏଇଠି—(ଉଭୟେ ବସ ଚଉକିରେ) ଶୁଣିଲି, ତୁମର ସେଇ ପାଣ୍ଡୁଲିପିଟି କୁଆଡ଼େ ଭାରି ସୁନ୍ଦର ହୋଇଛି । ଭାରି ସୁନ୍ଦର ହୋଇଛି ତା composition । ନାଁଟା ବୋଧହୁଏ 'ଜୟମାଲ୍ୟ' ?

ବ୍ରଜ—ଆଜ୍ଞା ହଁ, ବହି ନୁହେଁ···ସେ ମୋର ପ୍ରତ୍ୟକ୍ଷ ଅନୁଭୂତି (ରଂଜନା ଆସି ବସିଗଲେ କାଉଚରେ)

ଅଜିତ—ବହିଟିକୁ ଛପାଇ ଦିଅ ।

ବ୍ରଜ—ଆଜ୍ଞା ହଁ ।

ଅଜିତ—କିଛି ଟଙ୍କାର ତୁମ ହାତକୁ ଆସିଯାନ୍ତା—ତୁମ ଦର୍କାର—

ବ୍ରଜ – ଆଜ୍ଞା – ନା –

ଅଜିତ—ମାନେ ?

ବ୍ରଜ – 'ଜୟମାଲ୍ୟ' ଛାପିବାରେ ଆଗ୍ରହ ନାହିଁ ।

ଅଜିତ – କାରଣ ?

ବ୍ରଜ—ପ୍ରକାଶକଙ୍କ ମର୍ଜି ଉପରେ ତାଙ୍କ ଦୟାର ଦାନ ସାମାନ୍ୟ କେତୋଟା ଟଙ୍କା, ତେଣୁ ଜୟମାଲ୍ୟ ଗୁମ୍ଫିବାରେ ଆଗ୍ରହ ନାହିଁ । ତା' ଛଡ଼ା ଟଙ୍କା ହୁଏତ ଦେହ ପାଇଁ କିଛି ଖାଦ୍ୟ ଯୋଗାଇ ଦେବ କିନ୍ତୁ ମନ ପାଇଁ କିଛି ପରିତୃପ୍ତି ଯୋଗାଇ ପାରିବନି । ମାମୁଲି ଜୀବନ ବଞ୍ଚିବାରେ କିଛି ଲାଭ ନାହିଁ ଅଜିତ୍‌ଭାଇ !

ଅଜିତ—(ଦୀର୍ଘ ନିଶ୍ୱାସ ଛାଡ଼ି) ଏତେ ଦିନ ଧରି ତୁମ ମୁହଁରୁ ଖାଲି କଥାହିଁ ଶୁଣି ଆସିଲି ବ୍ରଜବାବୁ ।

ବ୍ରଜ—କରିବାକୁ ଯାହାର କିଛି ନାହିଁ, ତାଠୁଁ ଖାଲି କଥା ଛଡ଼ା ଆଉ କଅଣ ବାହାରିବ !

ଅଜିତ—ନା, ନା, ଏ କଥାଟା କିନ୍ତୁ ପୌରୁଷ ଉପରେ ବଡ଼ ଆ… ଆଣୁଛି !

ବ୍ରଜ—ପୌରୁଷ କହିଲେ ଆପଣ କଣ କେବଳ ଭଣ୍ଡାମି ବା ଛଳନା ବୁଝନ୍ତି ! ପୌରୁଷ ଆପଣ କାହାକୁ କହୁଚନ୍ତି ?

ଅଜିତ—ଜୀବନର ଫସ୍ଲା ବାନ୍ଧିବା ତାସ୍‌ର ଘର ନୁହେଁ ବ୍ରଜବାବୁ ! ତୁମର ଦରକାର ସ୍ୱାସ୍ଥ୍ୟ, ଶ୍ରୀ, ସମ୍ପଦ ! ତୁମର ଦରକାର personality ! ମୁଁ ତୁମ ବିବାହିତ ଜୀବନର success କଥା କହୁଛି ବ୍ରଜବାବୁ, ସୁଖୀ ତମେ କେବେହେଲେ ହେଇ ପାରିବନି unless you get money, and without money your married life is hell କଳାକାର ହେଇ ମରିବା ପରେ 'ଅମର' ହେବାର ଅ… ଯାହା ହଉନା କାହିଁକି, ଯେ କେତୋଟା ଦିନ ପାଇଁ ସଂସାରକୁ ଆସିଥାଇଁ, ତା ଭିତରେ ରୋଜଗାର କରି ବଞ୍ଚିବା ହେଉ… ମଣିଷର ଧର୍ମ ! କେତେକ ତଫାତ୍‌···Don't you feel i…

ବ୍ରଜ—ଆପଣଙ୍କ ଆଉ ମୋ ଭିତରେ ବଞ୍ଚିବାର ତଫାତ୍ ହଉଚି ଏଇଠି—ଆପଣ ଯାହା feel କରୁଚନ୍ତି ସେ ସବୁ ମୋ feelingsକୁ କେବେହେଲେ wound କରେନା—!

ଅଜିତ—ଅର୍ଥାତ୍— ?

ବ୍ରଜ—ଟଙ୍କା ଉପରେ ନୁହେଁ, ମୂଳଦୁଆ ଆପଣଙ୍କର ଗଢ଼ା ହୋଇଚି ବାଲି ଉପରେ ! କାଲି ହୁଏତ ଦୁନିଆରେ ଆପଣଙ୍କ ସତ୍ତା ରହିବନି ! ଖାଲି ଆପଣ ନୁହନ୍ତି, ରୋମ୍ ପରି ସାମ୍ରାଜ୍ୟ ମଧ୍ୟ କାଳକ୍ରମେ ଭୁଷୁଡ଼ି ପଡ଼ିଚି···ବାକି ମରି ଶୋଇଚି କୋଉଠି ଶିଳ୍ପୀର ସାଧନା ? ଚନ୍ଦ୍ର, ତାରାଙ୍କ ପରି ସ୍ୱଚ୍ଛ, ସୁନ୍ଦର ହୋଇ ସବୁଦିନେ ସାଧନା ଏ ସୃଷ୍ଟି ଭିତରେ ଜୀଇ ରହିଚି ! ବ୍ରଜ ମରିପାରେ, ମାତ୍ର ସାମାନ୍ୟ ଟଙ୍କା ଲୋଭରେ ଜୟମାଳୀର ପରାଜୟ କେବେ ହେଇ ପାରେ ନା— !

ରଞ୍ଜନା—(ଛିଡ଼ା ହୋଇ) ସୁନ୍ଦର ଚାଲିଛି । ଦୁହିଁଙ୍କ ମୁଣ୍ଡରେ ଟାଣ ଶିଙ୍ଗ ଅଛି କିନ୍ତୁ ବୁଦ୍ଧି ମୋଟେ ନାହିଁ ! !

ବ୍ରଜ—ଅଦ୍ଭୁତ ତୁମେ ଭାଉଜବୋଉ ! ଶୁଣିଥିଲି, ତୁମେ ଭଲ ଗୀତ ଗାଇପାର, କିନ୍ତୁ ଭଲ କଥା ଯେ କହିପାର ସେଇଟା ମୁଁ ଆଜି ପ୍ରଥମ ଜାଣୁଚି !

ରଞ୍ଜନା—ଧନ୍ୟବାଦ ! କଥା କହିବା କାହାରି ଏକଚାଟିଆ ନୁହେଁ । ତା'ଛଡ଼ା ମଣିଷ କାଳକ୍ରମେ ସଂସାରରୁ ବିଦାୟ ନେଇ ଚାଲିଗଲା ପରେ ବି ଯାହା କିଛି ରହିଯାଏ···ସେଇଟା ହଉଚି କଥା ! (ସିଢ଼ି ଉପରକୁ ଚାଲିଗଲେ)

ଅଜିତ—ରଞ୍ଜନା ଶିପ୍ରାକୁ ଏଠିକି ପଠେଇ ଦେଇ ଶୀଘ୍ର ଆମ ଦୁଇଜଣଙ୍କ ଖାଇବାର ବ୍ୟବସ୍ଥା କର ! ଆଦର୍ଶର ଭୋକ

ସିମେଣ୍ଟ ଉପରେ ତୁମେ ଯୋଉ ଘର ବାନ୍ଧିଚ ବ୍ରଜବାବୁ, ତାର ସ୍ଥିତି କଣ ଆଜିର ଦୁନିଆ ସ୍ୱୀକାର କରେ ?

ବ୍ରଜ—ଆଦର୍ଶକୁ ଆପଣ କଣ ଘରୁ ସସ୍ତା ଜିନିଷ ବୋଲି ଭାବିଚନ୍ତି ଅଜୁଭାଇ ! ମଣିଷ କିଛି ନ ହଉ, ଆଶାବାଘ ତ ହବା ଉଚିତ !

ଅଜିତ—ତା'ହେଲେ ଶିପ୍ରାର କଣ ଆଶାବାଘ ହବା ଭୁଲ ହେଉଚି ! ତୁମରି ଭିତରେ ଅଛି ତାର ସଂସାର ବାନ୍ଧିବାର ସ୍ୱପ୍ନ— ତା'ର ବଞ୍ଚି ରହିବାର ଆଶା ଆଉ ଆନନ୍ଦ—be considerate ବ୍ରଜବାବୁ, be reasonable !

ବ୍ରଜ—ଅଜୁ ଭାଇ !

ଅଜିତ—କୌଣସି କାରଣରୁ ତୁମକୁ ଚାକିରିରୁ ଇସ୍ତଫା ଦବାକୁ ହେଉଚି—ବେଶ୍ ହେଉଚି ! ସେଥିରେ କିଛି ଯାଏ ଆସେ ନା । ଚାକିରିକୁ ଅବଲମ୍ବନ କରି ଦୁନିଆରେ ସମସ୍ତେ ବଞ୍ଚି ନାହାନ୍ତି— । ପ୍ରଶସ୍ତ କ୍ଷେତ୍ର ପଡ଼ି ରହିଚି । ତୁମେ ଉଚ୍ଚ ଶିକ୍ଷିତ, ବୁଦ୍ଧିମାନ୍ । ତୁମ ଭଳି ଲୋକଠୁଁ ମୁଁ ଅନେକ କିଛି ଆଶା କରୁଛି ! ଦୁନିଆ ଉପରେ ଅଭିମାନ କରି ବସି ରହିଲେ ଦୁନିଆର କିଛି ଲୋକସାନ ହବନି···ହବ ତୁମରି ! ଆଚ୍ଛା, ତୁମେ ବସ, ମୁଁ ଶିପ୍ରାକୁ ଦେଖେଁ··· (ଯାଉଁ ଯାଉଁ) ବହି ଲେଖ ଆପତ୍ତି ନାଇଁ—କିନ୍ତୁ ତା' ସଙ୍ଗେ ସଙ୍ଗେ ତୁମର ପାରିପାର୍ଶ୍ୱିକ ଅବସ୍ଥାକୁ ଟିକିଏ ଲକ୍ଷ୍ୟ ରଖ ବ୍ରଜବାବୁ, ଏ ଦେଶରେ ଶିଳ୍ପୀର ଡାମ୍ ନାଇଁ !! (ପ୍ରସ୍ଥାନ । ବ୍ରଜ ଚାହିଁ ରହିଥିଲେ ଅଜିତ ବାବୁଙ୍କ ଯିବା ବାଟକୁ । ତେଣୁ ଓହ୍ଲାଇ ଆସୁଥିଲେ ଶିପ୍ରା । )

## —ଷଷ୍ଠ ଦୃଶ୍ୟ—

[ ଗଳି ରାସ୍ତା—ଆଗପଛ ହୋଇ ଚାଲିଛନ୍ତି ପ୍ରକାଶ ଚୌଧୁରୀ ଓ ଗଣପତି । ଦୁହିଁଙ୍କ ମୁହଁରେ ଚରମ ଗମ୍ଭୀରତା । ]

ଗଣପତି—ସାର୍, ସେ ଚିଠି ଖଣ୍ଡକ ଆଣିଚନ୍ତି ତ !

ପ୍ରକାଶ—ଚିଠି ତ ମୁଁ ତମକୁ ଦେଇଚି ଗଣପତି !

ଗଣପତି—ନା ତ ସାର୍ !—

ପ୍ରକାଶ—ହଁ ତ ସାର୍ ! ( ରାଗରେ )

ଗଣପତି—( ପକେଟ୍ ଅଣ୍ଡାଳି ) କାଇଁ, ନାଇଁ ତ ସାର୍—

ପ୍ରକାଶ—ତୁମେ ଗୋଟିଏ ଜୀବନ୍ତ Night mare ! ଜାନୁଆର୍ କୋଉଠିକାର୍—

ଗଣପତି—ବର୍ତ୍ତମାନ ନେଇ ଆସୁଚି । ଟେବୁଲ ଉପରେ ଛାଡ଼ି ଆସିଲି । ବୋଧହୁଏ—

ପ୍ରକାଶ—ଦୟା କରି ଆସନ୍ତୁ ସାର୍—ମୁଁ ଏଇଠି ଅପେକ୍ଷା କରୁଚି ।

ଗଣପତି—ମୁଁ ତ ଆଉ ଆସି ପାରିବିନି ସାର୍ !

ପ୍ରକାଶ—କାଇଁକି ସାର୍ ?

ଗଣପତି—ମାଇଲାଣି—

ପ୍ରକାଶ—କ'ଣ ? ( ବିସ୍ମିତେ )

ଗଣପତି—( ପେଟରେ ହାତ ବୁଲାଇ ) ମୋ ପେଟକୁ ମାଇଲାଣି । ନିର୍ଘାତ କଲିକ୍ ସାର୍ !

ପ୍ରକାଶ—ନିହାତି କଲିକ୍ ଯେବେ, ଆସୁଥିଲ କାଇଁକି ଶୁଣେ ?

ଗଣପତି—ନ ଆସି ଉପାୟ ଆଉ କଣ ଥିଲା ଯେ ସାର୍ ! ତେବେ ଜାଣିଥିଲି, ଗଲେ ବାଟରୁ ଫେରିବାକୁ ବି ପଡ଼ିପାରେ ।

ପ୍ରକାଶ—ଏ ବେମାରି ତୁମର କେବେଠୁଁ ଆରମ୍ଭ ହୋଇଚି ଗଣପତି ?

ଗଣ—ଏଇ ରାସ୍ତାରେ ହରିଆ ସାଙ୍ଗରେ ଦେଖା ହେଲାବେଳଠୁଁ—
ପ୍ରକାଶ—ହରିଆ ! ( ପ୍ରଶ୍ନବାଚକ ଭଙ୍ଗୀରେ )
ଗଣ—ଆଜ୍ଞା ହଁ, ପାନ ଦୋକାନୀ ହରିନାଥ । ଏଇକ୍ଷଣି ଦେଖିଲେ ଗିଡ଼ି ଗିଡ଼ି କରି ଜଗନ୍ନାଥଙ୍କୁ ପଡ଼ନ୍ତି ବେଳେ ଘୋଷାଡ଼ିଲା ପରି ଘୋଷାଡ଼ି ନେଇଯିବ । ତା' ବାକି ପଇସା ଦେଇନ । ବେଶୀ ନୁହେଁ ସାର୍‌, ମୋଟେ ଟଙ୍କାଏ ପନ୍ଦରଅଣା—
ପ୍ରକାଶ—ଏଇ ତୁମ କଲିକ୍‌ର କାରଣ ତା'ହେଲେ ?
ଗଣ—ହରିନାଥକୁ ମୁହଁ ଦେଖେଇବାର ଉପାୟ ନାହିଁ ସାର୍‌ !
ପ୍ରକାଶ—କରଜ କରି ଚଳ କାହିଁକି ଶୁଣେ ?
ଗଣ—ଆପଣଙ୍କ ଫାର୍ମର ଅବୈତନିକ ସେକ୍ରେଟେରୀ ବୋଲି—
ପ୍ରକାଶ—ଗଣପତି ! ଯାଅ, ଚିଠି ନେଇ ଆସ । ସେ ଟଙ୍କାଏ ତ' ଟଙ୍କା ମୁଁ ଦେଇଦେବି ।
ଗଣ—ଆଉ ଭୟ ନାହିଁ ସାର୍‌ ! ପ୍ରପୋଜାଲଟା ଭଲ । ଚିଠି ଜଲଦି ମିଳିଯିବ । କିଛି ପରବାୟ ନାହିଁ—! ( ପ୍ରସ୍ଥାନ )
ପ୍ରକାଶ—ଇଡ଼ିୟଟ୍‌ ! ଅବୈତନିକ ସେକ୍ରେଟେରୀ ନା ନିର୍ବୋଧତାର ଗୋଟାଏ ବିରାଟ ସୂଚିପତ୍ର !
ବସନ୍ତ—( ପ୍ରବେଶ କରି ) ଭଲ ଅଛନ୍ତି ପ୍ରକାଶ ବାବୁ ? ନମସ୍କାର !
ପ୍ରକାଶ—ନମସ୍କାର । ଆରେ, ବସନ୍ତ ବାବୁ ଯେ—
ବସନ୍ତ—ଆଉ···ଆପଣଙ୍କ ପ୍ରେସ୍ କିମିତି ଚାଲିଚି ?
ପ୍ରକାଶ—ଅଚଳ !
ବସନ୍ତ—ଅଚଳ ?
ପ୍ରକାଶ—ପ୍ରେସ୍ ଚାଲିଛି, ବ୍ୟବସାୟ ଅଚଳ ! କାଗଜର ଦୁର୍ଭିକ୍ଷ !
ବସନ୍ତ—ତା'ପରେ ?

ପ୍ରକାଶ—ତାପରେ ଆଜ କ'ଣ ? ସପ୍ଲାଇ ଅଫିସକୁ ( Supply Office ) ଯାଉଛ ପରା— ! ଆପଣଙ୍କ ବନ୍ଧୁ ବ୍ରଜବାବୁଙ୍କର ଖବର କ'ଣ ବସନ୍ତ ବାବୁ ? ତାଙ୍କର ସେଇ ବନ୍ଧୁକି ଗ୍ରୁପିବା ବିଷୟରେ କ'ଣ ହେଲା ?

ବସନ୍ତ—ନା, ବ୍ରଜ ରାଜି ନୁହେଁ—

ପ୍ରକାଶ—କାହିଁକି ? ମୁଁ ତ ତାଙ୍କର ରଯ୍ୟାଲଟି ଟଙ୍କା ତାଙ୍କୁ advance ଦବାକୁ ପ୍ରସ୍ତୁତ ଅଛି । ( ସିଗାରେଟ୍ ପିଇଲେ )

ବସନ୍ତ—ସେ ପ୍ରୟୋଜନ ଆଉ ପଡ଼ିବ ନାହିଁ—

ପ୍ରକାଶ—କିନ୍ତୁ ସେ ରାଜି ନ ହବାର କାରଣ ?

ବସନ୍ତ—ଟଙ୍କାର ଦୁନିଆକୁ ବ୍ରଜ ଦେଖୁଛି ସିଗାରେଟ୍‌ର ଏଇ ଧୂଆଁ ପରି !

ପ୍ରକାଶ—ଧୂଆଁ ପରି !

ବସନ୍ତ—ହଁ, ମଣିଷ ଜୀବନରେ ଟଙ୍କାର ପ୍ରୟୋଜନ, ସିଗାରେଟ୍‌ର ଧୂଆଁ ପରି ! ଆସିଲା ତ ବାସ୍ ଉଡ଼ିଗଲା ଦେଲ !

ପ୍ରକାଶ—କିନ୍ତୁ···ଆସିଲେ ତ ଉଡ଼ିଯିବ ଦବ !

ବସନ୍ତ—ଉଡ଼ିଯିବା ପାଇଁ ଯାହା ଆସେ, ତାକୁ ଧରି ରଖିବା ପାଇଁ ବ୍ରଜର ମୋଟେ ଆଗ୍ରହ ନାହିଁ । ସେ ହବାକୁ ଗ୍ରହେ ମଣିଷର ଗୋଟାଏ ବ୍ୟତିକ୍ରମ !

ପ୍ରକାଶ—କିନ୍ତୁ ଦୁନିଆ ଭିତରେ ମଣିଷ ପରି ଚଳିବାର ଗୋଟାଏ ବାଧା ସେଇଟା ନୁହେଁ କି ?

ବସନ୍ତ—ବାଧା ନେଇ ଏ ଦୁନିଆ କୁଆଡ଼େ ଭାରି ସୁନ୍ଦର ! ବ୍ରଜ କହେ, କ୍ଷୁଧା ଅଛି ବୋଲି ମଣିଷ କୁଆଡ଼େ ମରଣଶୀଳ !

ପ୍ରକାଶ—ଆପଣ ପଛେ ଯାହା ମନେ କରନ୍ତୁ ବସନ୍ତ ବାବୁ, ଏଇଟା ଗ୍ରତିମତ ଆତ୍ମହତ୍ୟା ! ଭଲ ବହିଟାଏ ଲୋକ ଚକ୍ଷୁର

ବାହାରେ ହୁଏତ ବରାବର ରହିଯିବ । ପ୍ରଶଂସା ଯଦି ଲୁଚି ରହେ, ଶିଳ୍ପୀର ବଞ୍ଚିବାର ସାର୍ଥକତା ରହିଲା କୋଉଠି ? ବଞ୍ଚିବାକୁ ହେଲେ ଟଙ୍କା ଦରକାର ବସନ୍ତବାବୁ, ଖାଲି ଧୂଆଁ ନୁହେଁ !

ବସନ୍ତ—କିନ୍ତୁ ବ୍ରଜ କହେ···ଥାଉ ସେ କଥା । ଆପଣ 40% (Forty percent) royalty ଦେଇ ପାରିବେ ବ୍ରଜକୁ ?

୍ରକାଶ—ଅର୍ଥାତ୍···ଶତକଡ଼ା ଚାଳିଶ୍ ? ତା'ହେଲେ ଏ ପ୍ରେସ୍ ବ୍ୟବସାୟ ଛାଡ଼ିବା କଥା ମୋର ।

ସନ୍ତ—ବ୍ରଜ ଠିକ୍ ସେଇଥି କହେ ପ୍ରକାଶ ବାବୁ ! ଆପଣ ତାର ବହିର ଦାମ୍ ଦେଇ ପାରିବେ ନି । ସାହିତ୍ୟ ମଣିଷ ସମାଜକୁ ଦିଏ ଆନନ୍ଦ, ପରିବେଷଣ କରେ ରସ । ଅଥଚ ବିକାକିଣାର ପୃଥିବୀରେ ଏଇ ଜନଷଣ୍ଠାଙ୍କୁହିଁ ମଣିଷ କିଣିବାକୁ ଚାହେ ବିନା ମୂଲ୍ୟରେ ।

କାଶ—କିନ୍ତୁ ମୁଁ ତ 25% ଦେବାକୁ ରାଜି ହୋଇଥିଲି ।

ସନ୍ତ—ବ୍ରଜ କହେ, ପରସେଣ୍ଟେଜ୍ ଦେଇ ବହିର ମୂଲ୍ୟ କୁଆଡ଼େ ନିରୂପଣ କରାଯାଇ ପାରେ ନା—!

କାଶ—କିନ୍ତୁ ଆପଣ କ'ଣ କହୁଚନ୍ତି ?

ସନ୍ତ—କିଛି ନାହିଁ ! ଜୟମାଲ୍ୟର ଲେଖକ ନିକଟରେ ପରାଜୟ ସ୍ୱୀକାର କରି ଫେରି ଆସିଲି ।

କାଶ—ଆସନ୍ତୁ···ଆଜି ଥରେ ତାଙ୍କ ପାଖକୁ ଯାଇ···

ସନ୍ତ—ନା, ଇଚ୍ଛା ହେଲେ ଆପଣ ଯିବେ—ମୁଁ ଯାଇ କିଛି ଲାଭ ହବନି । ଆସନ୍ତୁ, ଛୁଟି ହେଲେ ଯେ ଏଠି ?

ପ୍ରକାଶ—ଆପଣ ଚାଲନ୍ତୁ—ମୁଁ ଗଣପତିଙ୍କୁ ଏଠି ଅପେକ୍ଷା କରିଛି । ଆଚ୍ଛା ଚାଲନ୍ତୁ, ଆଉ ଟିକିଏ ଆଗେଇ ଯିବା—
( ଦୁହିଁଙ୍କର ପ୍ରସ୍ଥାନ )

ହରି—( ଗଣପତି ସହ ପ୍ରବେଶ କରି ) ବାଃ ବାବୁ ! କହୁଚ କଣ ନା—

ଗଣ—କ'ଣ କହୁଚ ? ମୁଁ ତ କିଛି କହିନ, ତୋ ମନକୁ ତୁ କେତେ କଥା କହି ଗଲୁଣି—। ଆଚ୍ଛା, ଆଚ୍ଛା, କିଛି ପରବାୟ ନାହିଁ—

ହରି—କଣ ପରବାୟ ନାହିଁ ବାବୁ ! ମୋ ବାକି ପଇସା ଦେଲ ମୁଁ, ଯାଏ—ଅଭି ତମ ପଛରେ ଗୋଡ଼େଇବାକୁ ମୋର ଟାଇମ୍ ନାହିଁ ।

ଗଣ—ତୋର କେତେ ପଇସାରେ ?

ହରି—ଛଅ ଟଙ୍କା ପନ୍ଦର ଅଣା ତିନି ପଇସା ।

ଗଣ—ତିନି ପଇସା ? ମିଛ ! ହରିଆ, ତୋର ତ ଟଙ୍କେ ପନ୍ଦର ଅଣା ଥିଲା, ତୁ ଛଅ ଟଙ୍କା ପନ୍ଦର ଅଣା ତିନି ପଇସା କୋଉଠୁ ଯୋଡ଼ୁଚୁ ! ମିଛ—

ହରି—ହୁଁ ! ଆଗରୁ ବାକି ଥିଲା ପାଞ୍ଚଟଙ୍କା ଆଉ ଇଏ ହଉଚି ଟଙ୍କେ ପନ୍ଦର ଅଣା ତିନି ପଇସା—ଏକାଠି—

ଗଣ—ଗାଏ ମୋଟ···

ହରି—ଛଅ ଟଙ୍କା ପନ୍ଦର ଅଣା ତିନି ପଇସା

ଗଣ—ମିଛ ! ଯା, ଦେବିନ !

ହରି—ବାଃ, ଭାରି ଭଦ୍ରଲୋକ ତୁମେ ଅଛ ବାବୁ !

ଗଣ—କ'ଣ କହିଲୁ ହରିଆ ? ପାନ ଦୋକାନ ସହରରେ ଖପରଛାଇ ଘର ଖଣ୍ଡେ କରିଚୁ ବୋଲି ତୋର ଭାରି ଗର୍ବ, ନାହିଁ ?

ୁକାଶ—( ଫେରଆସି ) ଗଣପତି !

ାଣ—ସାର୍ ! ଔଷଧ ଦେଇ ଏ ରୋଗକୁ ଶୀଘ୍ର ଆରୋଗ୍ୟ କରନ୍ତୁ ।
କିଛି ପରବାୟ ନାହିଁ ହରିଆ ।

କାଶ—ତମର କେତେ ପଇସା ?

ରି—ବାବୁ, ଛଅଟଙ୍କା ପନ୍ଦରଅଣା ତିନ ପଇସା ।

ଣ—ତିନ ପଇସା ? ମିଛ ସାର୍ ।

କାଶ—ଗଣପତି ! ତୁମେ ପରା କହୁଥିଲ ଟଙ୍କାଏ ପନ୍ଦର ଅଣା ।

ଣ—ଆଜ୍ଞା ଏବର । ଆଗର ପାଞ୍ଚ ଟଙ୍କା···

କାଶ—( ପାଞ୍ଚଟଙ୍କା ଦେଇ ) ଏତିକ ନଅ । ଅବଶିଷ୍ଟ ଟଙ୍କା
ଆମ ଅଫିସରୁ ନେଇ ଆସିବ । ଅଫିସ ଦେଖିଚ ?

ଣ—ଅଫିସ୍ ! ଆମ ଅଫିସ୍—

ରି—ହଉ ବାବୁ । (ନମସ୍କାର କରି ପ୍ରସ୍ଥାନ କଲା)

କାଶ—ଗଣପତି !

ଣ—ସାର୍ !

କାଶ—ସେଆଡ଼େ ବୋକାପରି କଣ ଦେଖୁଚ ?

ଣ—ଦେଖୁଚି ସାର୍, ପାଖରେ ଟଙ୍କା ଥିଲେ ଅସାଧ୍ୟ ବି ସାଧନ
କରିହୁଏ !

କାଶ—ଇଡ଼ିଏଟ୍ !

ଣ—ନପଟ ଇଡ଼ିଏଟ୍ ସାର !

କାଶ—କିଏ ?

ଣ—ସେଇ ହରିଆ ସାର୍ ।

ପ୍ରକାଶ—ତୁମେ ସାର୍, ତୁମେ—ଇମିତି ଲୋକଙ୍କ ସାଥିରେ ଗ୍ରବ
କାହିଁକି ରଖ ଶୁଣେ ?

ଗଣ—ଅଭ୍ୟବ ସକାଶେ ସାର୍ ।

ପ୍ରକାଶ – କାଇଁକି···ପାନ ଛାଡ଼ ଦଉନା ?

ଗଣ – ଜୀବନରେ ଗୋଟି ଗୋଟି କରି ସବୁ ଛାଡ଼ଦେଲେ ଆଉ
ରହିବ କଣ ସାର୍ ! ଘର ଛାଡ଼ିଲି, ଭାଇ ଭାଉଜାଙ୍କୁ ଛାଡ଼ିଲି,
ପାନ ଛାଡ଼ିଲେ ଏ ପ୍ରାଣ ଛାଡ଼ ଯିବ ସାର୍ ।

ପ୍ରକାଶ – ହଉ, ଛଟି ପାଇଲ ?

ଗଣ – ପାଇଥିଲି । ହେଲେ ଆଉ ନାଇଁ ସାର୍ । ସେ ଇଡ଼ିଏଟ
ହରିଆଟା ମୋ ହାତରୁ ସାଇଁ କରି ନେଇ ଚିରିଦେଲା ।

ପ୍ରକାଶ—ଛଟି ହରିଆ ଚିରି ଦେଲା । ତୁମେ ମରିଗଲ ନାଇଁ ! ଗଟ
କୋଉଠିକାର । ବନ୍ଦ କର, ଛଟି ହକେଇ, ଆଡ୍ଡା ହସୁଚ ?
ସରମ ବି ନାଇଁ ତମର । ଛି···ଛି···

ଗଣ – ସରମ କଲେ ମରମ ଖୋଲି ହସିବ କେମିତି ସାର୍ !
ଆପଣ ତ ଆପଣଙ୍କ ବହିରେ ଛପେଇଚନ୍ତି, "ହସି ହସି
ମରିବା ମଣିଷର ଧର୍ମ"—

ପ୍ରକାଶ – Hopeless ! ଆସ ଇଆଡ଼େ···

ଗଣ – ଚାଲନ୍ତୁ ସାର୍, କିଛି ପରବାୟ ନାଇଁ !

———

# —ସପ୍ତମ ଦୃଶ୍ୟ—

[ ମନୋଜର ଘର—ପାର୍ବତୀ ଓ କୁନ କଥାବାର୍ତ୍ତା କରୁଥିଲେ । ]

କୁନ—ଦେଖିଲୁଟି ବୋଉ, ମଉନମୁହିଁ ପେଟ ଭିତରେ କେତେ କଥା ଦେଖିଲୁ ! ଖଞ୍ଜି ଖାଞ୍ଜିରେ ଭାଇଙ୍କ ଡକେଇ ପଠେଇ ଆମକୁ ଗୋଟେ ଅପବାଦ ଦବାର ଯୋଗାଡ଼ ।

ପାର୍ବତୀ—ହଉ, ତା' ଯୋଗାଡ଼କୁ ମୁଁ ସଜାଡ଼ି ଦଉଚି ଯେ । ଭାଇ ଭଉଣୀ ଆଉ କଣ ସବୁ କଥାଭାଷା ହଉଥିଲେ ଶୁଣିଲୁ ନାହିଁ ?

କୁନ—ସେ ପାଜିଭାଇଟା ପଶି ସେଠି ଏକଡ଼ ସେକଡ଼ ହଉଚି — ମତେ କଣ କିଛି ଶୁଣେଇ ଦେଲା !

ପାର୍ବତୀ—ସେଇଟାର ଆଉ ବୁଦ୍ଧି ସୁଦ୍ଧି କିଛି ହେଲା ନାହିଁ । ରହ [illegible] ତାକୁ ଆଜି ଦି'ପଦ ଶୁଣେଇ ଦଉଚି । ମୋ ବାପ [illegible] ବୁନସ୍ପାଦରେ ଇମିତି ବାଳୁଙ୍ଗାଟାଏ କୋଉଠି ଥିଲା କେ[illegible]ଲେ ମା !

କୁନ—ହେଇଟି ଦେଖିଲୁଣି ବୋଉ, ଇଆଡ଼କୁ ସେମାନେ ସବୁ ଆସୁଛନ୍ତି । ଆ, ଆମେ ଟିକିଏ ଆଡ଼େଇ ଯିବା ।

( ଦୁହେଁ ଲୁଚିଗଲେ । ବିପରୀତ ଦିଗରୁ ବ୍ରଜ ଓ ଗୀତା କଥାବାର୍ତ୍ତା ହେଉଁ ହେଉଁ ଆସିଲେ । )

ବ୍ରଜ—ମାଉସୀ କୁଆଡ଼େ ଗଲେ ! ତାଙ୍କୁ ମୁଁ ଟିକିଏ ପଚାରିଥାନ୍ତି—

ଗୀତା—ନାହିଁ ଭାଇ, ସେ କଥା ତୁମେ ଆଉ ପକାଅ ନାହିଁ । ତୁମେ ଆସିଲ, ଦେଖିଗଲ...ସେଇ ବଡ଼ କଥା । ଯଦି ପାରିବ, ବୁଢ଼ା ପାଇଁ ଔଷଧ ପଠେଇ ଦେଲେ ତା' ଦେହ ଭଲ ହେଇଯିବ ।

ବ୍ରଜ—ମନୋଜ ନାଇଁ, ପିଲାଟାର ଇମିତ ଅବସ୍ଥା, ମୋର ବ ତ ପୁଣି କିଛି କର୍ତ୍ତବ୍ୟ ଅଛି, ଗୀତା ! ଆରେ, ଅଣଦେଖାରେ ତୁମେ-ମାନେ କଣ ତାକୁ ମାରଦବ ନା’ କଣ ! ମୁଁ ମାଉସୀଙ୍କୁ କହି ତତେ ଦି ଚାରି ମାସ ପାଇଁ ନେଇଯିବି । ଏଠି ଭଲ ଡାକ୍ତର, କବିରାଜ ନାହାନ୍ତି—ପୁଅ ଦେହ ଭଲ ହେଇଗଲେ ତୁ ଚାଲି ଆସିବୁ ।

ଗୀତା—ଭଲ ଡାକ୍ତର ବଇଦ ଡାକିବାକୁ ତମର ଏତେ ପଇସା କାଇଁ ଭାଇ ?

ବ୍ରଜ— ପ-ଇ-ସା ! ସତେତରେ ଗୀତା, ତୁମେମାନେ ସମସ୍ତେ ପଇସାକୁ ଚିହ୍ନିଲ, ଚିହ୍ନି ପାରିଲ ନାଇଁ ଖାଲି ମୁଁ ! ହଉ, ଆଉ ଥରେ ମାଉସୀଙ୍କି ପଚାରି ଦିଏଁ—ମାଉସି ! ମାଉସି··· !

ପାର୍ବତୀ— (ଫେରିଲେ) ମତେ କଣ କହୁଚ କି ପୁଅ ?

ବ୍ରଜ—ହଁ, ମାଉସି !

ପାର୍ବତୀ—ମଲା, କଣ ବାହାରିଲଣି କି ! ଆଜି ରହିବ ନାଇଁ ! ଏ ଯୋଉ ଝଡ଼ ବରଷା···

ବ୍ରଜ—ରହିବା ପାଇଁ ମୋର ଆପତ୍ତି ନାଇଁ, ତେବେ କାଲି ସକାଳୁ ଗୀତାକୁ ଆପଣ ଯଦି ମୋ ସାଙ୍ଗରେ ପଠାନ୍ତେ ସେ ମାସ ଦି’ଟା ରହି ଚାଲି ଆସନ୍ତା—

ପାର୍ବତୀ—ଏ କଥା କଣ ଆଉ ପଚାରିବାକୁ ଅଛି ବାପ ! ବାପ କି ଭାଇ ଯଦି ଶ୍ରଦ୍ଧାରେ ଝିଅକୁ ନେବେ, ସେଥିରେ ଆଉ ମନା କରନ୍ତା କିଏ ! ବାକି ମନୁ ଘରେ ନାଇଁ···ବୋହୂଟାର ବାପା କି କପାଳ ଯେ ମନୁକୁ ମୋର ବାସ ନାଇଁ ଦୁନିଆରେ—

ନଂ ୨୦୫
ତା ............


ମ ଦୃଶ୍ୟ

ା—ମନୋଜ ଦୁନିଆ ବାହାରକୁ ଯାଇନି ମାଉସି, ସେ ଜେଲରେ ଅଛି । ହୁଏତ ଖୁବ୍ ଶୀଘ୍ର ଫେରି ଆସିପାରେ ।

ବୁଢ଼ୀ—ଆସୁ ବାପ, ସିଏ ଆସୁ—ଭଉଣୀକି ତୁମର ନେଇଯିବ । କିଏ କାହିଁକି ମନାକରିବ । ମନୁ ଘରେ ନାହିଁ, ତା' ରୋଗା ପିଲାଟିକୁ ମୁଁ କେମିତି ପଠେଇ ଦେବି । ଯଦି କିଛି ହାମା ଲାଭ ହୁଏ, ସଭିଏଁ କହିବେ—ସାବତ ମା' ପିଲାଟାକୁ ଦେଖି ପାରିଲା ନାହିଁ ଯେ ପାଣି ପବନରେ ଘରୁ ବାହା କରିଦେଲା ।

—ସଭିଏଁ ତ ସବୁ କଥା କହିବେ—ହେଲେ ରୋଗା ପିଲାଟା, କମିତି ବଞ୍ଚିବ ସେ କଥା ତ କେହି କହୁ ନାହାନ୍ତି ।

ବୁଢ଼ୀ—କାହିଁକି ! ପିଲା ତ ଭଲ ଅଛି । ଧନ୍ୟ କହିବି ପୁଅ ଆମ କୁନାକୁ—ଦିନ ରାତି ପିଲାପାଇଁ ଲାଗିଛି । ତମ ଭଉଣୀଟି ସିନା ଜନମ ଦେଇଛି ହେଲେ ତାକୁ ବଂଚେଇ ରଖିଛି ଆମ କୁନା । ଆଉଁସା, ଘଷା, ସେବା କରିବ ସେଇ··· ବୋହୂକୁ ପରୁରୁନା । କଲେ ବୋହୂ ! କହୁନୁ କାହିଁକି ? ଭାଇ ସାଗରେ ଯିବାକୁ ତୋର ମନ ଅଛି ?

ା—ନାହିଁ ବୋଉ, ଭାଇ ଏକୁଟିଆ—ନୂଆବୋଉ ନାହାନ୍ତି—ଏ ପିଲାକୁ ସେଠି କିଏ ସମ୍ଭାଳିବ ?

ବୁଢ଼ୀ—ସମ୍ଭାଳନ୍ତେନି କାହିଁକି ମ, ସମ୍ଭାଳିବାକୁ କେତେ ମାମଲତ ଦରକାର···ସେତିକେ ତୋ ଭାଇର କାହିଁ ? ଏକୋଇସିଆକୁ ରଖନ୍ତେ କନା ଯୋଉ ଭାଇକି ମିଲିଲାନି ସେ ଫେରି ଭଣଜାକୁ ନେଇ ସମ୍ଭାଳିବ । କପାଳରେ— ।

—ଏକୋଇସିଆ ଆଗରୁ ଆପଣ ତ ଖବରଟାଏ ଦେଇ ପାରିଥାନ୍ତେ ମାଉସି—

ପାର୍ବତୀ—ସେ ଖବର କଣ କୋଉଠି ବୁଝିଯାଏ। ମନୁ ସିନା ଗାଁରେ ନ ଥିଲା, ଏଥିପାଇଁ ଆଉ କ'ଣ କେହି ନଥିଲେ । ତମେ ଖବର ପାଇଲ ଚୁପ ହୋଇ ବସିଲ—ସେମିତି ତମର ସବୁ ମନ। ହଁ, ବାପ ଅଛି ନା ମା' ଅଛି—ଭାଇ ଆଉଜ ତ !

ବ୍ରଜ—ଗୀତା ଯିବା କଥା କଣ କହୁଛନ୍ତି ମାଉସି ?

ପାର୍ବତୀ—ମୁଁ କଛି କହିବିନିରେ ପୁଅ, ତାର ଯେବେ ଯିବାର ଇଚ୍ଛା ସେ ଯାଉ ।

କୁନ—(ପ୍ରବେଶି) ନୂଆବୋଉ ଯାଉ, ତୋର କଣ ଅଛି ।

ପାର୍ବତୀ—ହଇଲେ, ମୋର କ'ଣ ଅଛି ! ମୋ ଘରୁ ବୋହୂଟା ଯିବ, ମୋର କ'ଣ ଅଛି ! କଣ୍ଠ ନାଇଁ କ ଚିଠିଇ ନାଇଁ, ଖବର ଅନ୍ତର କଛି ନାଇଁ—ବୋହୂକୁ ମୁଁ ଇମିତି ଘରୁ ପଠେଇ ଦେବି। ଆଲୋ, ଆଜଯାକେ କୋଉଠି ଥିଲେ ମ !

ବ୍ରଜ—ଗୀତାକୁ ତାହେଲେ ଆପଣମାନେ ପଠେଇବାକୁ ଚାହାନ୍ତିନ।

ପାର୍ବତୀ—ସେ କଥା ମୁଁ କଛି କହି ପାରିବିନି, ତା ମନ ଥିଲେ ସେ ଯାଉ ।

ଗୀତା—ଭାଇ, ତୁମେ ଯାଅ—ମୁଁ ଆଉ କେବେ ଯିବି ।

ପାର୍ବତୀ—ଆଉ କେବେ କାଲିକି ମ' ଆଜ ଯାଉନୁ। ତେତେ କିଏ କୋଉ କଥା ମନା କରିଚି କ। ଯିବୁ ବୋଲି ତ ଭାଇକି ଚିଠି ଲେଖି ଡକେଇ ପଠେଇଚୁ—ଆଉ ଏତେ ସଙ୍କୋଚ ପଣିଆ କାଇଁକି ! ଯା' ଲୋ ମା, ତୋର ଯେବେ ଇଚ୍ଛା, ତାହେଲେ ତୁ ଯା'—ତୋ ପଛରେ କେହି ଗୋଡ଼େଇ ଯିବେନି । ଇମିତିଆ କପାଳ ଯେ ଘରେ ଗୋଡ଼ ଦଉଁ ଦଉଁ ପୁଅ ମୋର ଘର ଛାଡ଼ିଲା; ଜେଲ୍ ହାଜତ ଛଡ଼ା ଅନ୍ୟ ବାସ ନାଇଁ, ସେଥିରେ ଫେର ପୁଅଟାଏ ଜନମ କରିଚ ଯେ

ସତ୍ୟାନାଶୀ ସବୁଦିନେ ବେମାର । ଆଜ କୁଁ କୁଁ ହେଲେ କାଲି ଖୁଁ ଖୁଁ—ଏ କୁନାଟା ଯାହା ସମ ସଙ୍ଗରେ ଯୁଝି ତାକୁ ରଖିଚ । ଆଲେ, କୁନା—?

କୁନ—କଣ ବୋଉ !

ପ୍ରାବନ୍ତୀ—ଚାଲିବୁଟି ମା, ଭଲ କଥା ମନେ ପଡ଼ିଲା । ଉଷାକୁ ସେଠି ବସେଇ ଦେଇ ଆସିଚ । ପୁଅ ପାଇଁ କବିରାଜ କଣ ଔଷଧ ପଠେଇଚନ୍ତି । ଆ—(ଯାଉ ଯାଉ) ହଁ ପୁଅ, ଆଜ ଯିବ ନ ଯିବ, ରାତିଟା ରହିଯାଅ—କାଲି ଭୋରକୁ ଯିବ । (କୁନ ସହିତ ପ୍ରସ୍ଥାନ)

ବ୍ରଜ—ତୁ ତା'ହେଲେ ଯିବୁନ ଗୀତା ?

ଗୀତା—କେମିତି ଯିବ ଭାଇ ! ବୋଉଙ୍କ କଥାତ ଶୁଣିଲ—

ବ୍ରଜ—କିନ୍ତୁ କେତେଦିନ ଇମିତି ଭୋଗିବୁ ? ପୁଅ ସକାଶେ ଖଣ୍ଡି ଖଣ୍ଡି କରି ସବୁ ଗହଣା ବିକିଲୁ, ତେବେକେ ତା'ର ଅବସ୍ଥା କିଛି ବଦଳିଲାନ—

ଗୀତା—ଗହଣା ବିକିଲି । ଏ କଥା ତୁମକୁ କହିଲା କିଏ ?

ବ୍ରଜ—କହିବା ଲୋକର ଅଭାବ ନାହିଁ ଗୀତା, ଏଠିକାର ଜଳବାୟୁ କହୁଚ···ତୁ ଏକାବେଳେକେ ନିଃସ୍ୱ ହୋଇ ପଡ଼ିଚୁ !

ଗୀତା—ଭାଇ, ତୁମେ ପରା କୁହ ଦୁଃଖ ହଉଚ ଜୀବନର ଆଶୀର୍ବାଦ !

ବ୍ରଜ—ହଉ, ତୁ ଥା—ମୁଁ ଯାଉଚ । ତୋ ଶାଶୁଙ୍କୁ ମୋ ନମସ୍କାର ଜଣେଇଦବୁ । ( ଚାଲିଗଲେ । ଗୀତା ଆଖିରୁ ଲୁହ ପୋଛୁଥିଲେ, ଧାନୁ ଆସିଛି । )

ଧାନୁ—ମଲା, ବ୍ରଜଭାଇ ଗଲେ, ତୁମେ ଗଲ ନାଇଁକି ନୂଆବୋଉ ?

ଗୀତା—ନା—

ଘାନୁ—ହଁ, କୁନା କହୁଥିଲା ତୁମେ କୁଆଡ଼େ ଯିବା ସକାଶେ ବ୍ରଜ
ଭାଇଙ୍କୁ ଶିଖାଉଥିଲ ?

ଗୀତା—କୁନ ଏ କଥା କହୁଥିଲେ···ନା ?

ଘାନୁ—କୁନ କହିଲେ ନାହିଁ ଆଉ କଣ ଘାନୁ ମିଛ କହୁଚନ୍ତି
ତମ ଭାଇ ଭଉଣୀଙ୍କ କଥା ସବୁ ସେ ଶୁଣିଚି ଯେ—

ଗୀତା—ମୁଁ ତ ଭାଇଙ୍କି କିଛି କହି ନାହିଁ—

ଘାନୁ—ଏଇଥି କହିଲେ ତୁମେ ମିଛ କହିଲ !

ଗୀତା—ମିଛ !

ଘାନୁ—ହଁ, ବ୍ରଜ ଭାଇଙ୍କ ପାଖକୁ ଚିଠି ପଠେଇବା କଥା କଣ ମିଛ ?

ଗୀତା—ନା !

ଘାନୁ—ସେ ଘରେ ତୁମ ଭାଇଙ୍କ ସାଙ୍ଗରେ କଥାବାର୍ତ୍ତା ହଉଥିଲ,
ମିଛ ?

ଗୀତା—ନା—

ଘାନୁ—ଯାହା କଥାବାର୍ତ୍ତା ହଉଥିଲ, ସେ କଥା ଜଣେ ଶୁଣିଚି—
ଏ କଥା କଣ ମିଛ ?

ଗୀତା—ଘାନୁ !

ଘାନୁ—ସବୁ କଥା ମୁଁ ଶୁଣିଚି ନୂଆବୋଉ, ମୁଁ······

ଗୀତା—ତୁମେ ଶୁଣିଚ ମୁଁ ଭାଇଙ୍କୁ ଶିଖାଉଥିଲି !—

କୁନ—( ପ୍ରବେଶ ) ଏଥର ଯାହା ଶୁଣିଚୁ କହୁନୁ କାହିଁକରେ
ଘାନାଭାଇ ? ବୁଝିଲ ନୂଆବୋଉ, ଏ ଘାନାଭାଇ କମ୍ ଜଣେ
କ ! ତମ କଥା ସବୁ ଶୁଣି ଆମ ଆଗରେ ଯାଇ କହୁଚି !

ଘାନୁ—କୁ—ନା··· !

କୁନ—କ'ଣ କହୁନୁ, ଏ କଥା କଣ ମିଛ ?

ଧାନୂ—ବୁଝିଲୁ କୁନା, ମୁଁ ବେଶୀ ମିଛ କୁହେଁ ବୋଲି ମୋର ଗୋଟାଏ ଭାରି ବଡ଼ ଗର୍ବ ଥିଲା—ହେଲେ ଆଜି ଦେଖିଲି ତୁ ବି ମୋଠୁଁ ଆହୁରି ବେଶୀ ମିଛ କହି ଜାଣୁ !

କୁନ—( ସ୍ୱଗରେ ) ଓହୋଃ...ଧର୍ମ ଯୁଧେଷ୍ଠି !

ପାବଣ—( ପ୍ରବେଶ ) ବୋହୂ ! ଅବେଳଟାରେ ଭାଇଙ୍କ ପଠେଇ ଦେଲୁ ! କାଲି ସକାଳେ ଯାଇଥିଲେ ହେଇ ନ ଥାନ୍ତା—

ଗୀତା—ସେ ଚାଲିଗଲେ ବୋଉ, ତୁମକୁ ଦଣ୍ଡବତ ଜଣେଇଚନ୍ତି ।

କୁନ—ଓଃ, ସେଇଠୁ ସ୍ୱର୍ଗରେ ବସେଇ ଦେଇ ଯାଇଚନ୍ତି ।

ଧାନୂ—ସ୍ୱର୍ଗରେ ସମସ୍ତେ ବସିବେ ପଛକେ ତୁ ଯାଇ ନର୍କରେ ପଡ଼ିବୁ !

ପାବଣ—ଧାନା, ତୁ ଝିଅକୁ ତ ମୋର ଭଲ କଲ୍ୟାଣ କରୁଚୁରେ !

ଧାନୂ—ତୁ ଦେଖ୍ ଅପା—

ପାବଣ—କଣ ଦେଖିବି ? ନୂଆବୋଉ ପଠେଇ ଲଢ଼ିବାକୁ ତୋର ତ ଭାରି ହେମତ ହେଲାଣିରେ ! କାଇଁକି ବା ! ନୂଆବୋଉ ତୋ କାନରେ କଣ ମନ୍ତ୍ର ଫୁଙ୍କି ଦେଲାଣି କିରେ !

ଧାନୁ—ରାମ ବୋଲ, ମୁଁ କଣ ଆଉ କଏ ହେଇଚି—

ପାବଣ—ହଁ। ବାପା, ତୁସିଆର୍ ! ମନ୍ତର ଯନ୍ତରରେ ପଡ଼ିବୁ ନାହିଁ ! ବୁଡ଼ିଯିବୁରେ, ଉଚ୍ଛନ୍ନ ହେଇଯିବୁ ! ଘରକୁ ଆସୁ ଆସୁ, ଗେରସ୍ତ ଗଲା ଜେଲ୍‌କୁ । ପୁଅଟାଏ ଜନମ କଲା ଯେ ସାରାଦିନ ରୋଗରେ ସଢ଼ୁଚି—ତା' ଶିକ୍ଷାରେ ପଡ଼ିବୁ ନାହିଁରେ ଧାନା, ଖବରଦାର୍ ! ତୁ କଣ ମୋ ବାପ ଘର ନାଁ ବୁଡ଼େଇବୁ କି !

ଧାନୂ—କଣ କହୁଚୁ ଯେ ଅପା ?

ପାବଣ୍ଡି—ମୋ କଥା ଶୁଣୁନ ତତେ ଆଜ ବଣ ପିତା ଲାଗୁଚି— ପଛେ ଭୋଗିବୁ ଯେ !

ଜାନୁ—ତୁ ବଡ଼ ମତେ କମ୍ କଲ୍ୟାଣ କରୁନୁ ଅପା !

କୁନ—(ଗୀତାକୁ ଯିବାର ଦେଖି) ଶୁଣ ନୂଆବୋଉ, ଚାଲି ଯାଉଚ କୁଆଡ଼େ ! ତମର ଯଦି ମନ ଭିତରେ ଏତେ କଥା ଥିଲା, ତା'ହେଲେ ବରଜୁ ଭାଇଙ୍କ ଡାକେଇ ନ ପଠେଇ ବୋଉକୁ ସଫା ସଫା କହିଥାନ୍ତ—

ଗୀତା—ଭାଇଙ୍କି ଡାକଥିଲ ପୁଅକୁ ଦେଖି ଯିବାକୁ । ଯିବାକୁ ତ—

ପାବଣ୍ଡି—( ବାଧା ଦେଇ) କାହିଁକି ଯାଉନୁ ! ତୋର ଯଦି ଗେରସ୍ତ ଘର ଛାଡ଼ି ଚାଲି ଯିବାକୁ ମନ, ତତେ କିଏ ମନା କରୁଚି କି ! ବାକି ମୁଁ କହି ଦଉଚି, ବୁଢ଼ାକୁ ମୁଁ ପଠେଇ ପାରିବି ନି—ଯିବୁ ? ଯା, ଏଇଲେ ଗଲୁ—ଛିଡ଼ାହୋଇ ଫେର ଜବାବ୍ ସୁଆଲ—

ଗୀତା—ନା ବୋଉ, ମୋର କାଇଲ ହୋଇଚି—

ପାବଣ୍ଡି—କାଇଲ ଅକାଇଲ ଘର ଝିଅ—କହୁଚି କ'ଣ ନା, କାଇଲ ହେଇଚି । ହଇଲେ, ପାନୁ ମୋର ପୁତୁରା, ତୋର କିଏ !

ଗୀତା—ବୋଉ !

ପାବଣ୍ଡି—ସେ ଠିଆ ହେଇଚି, ତୁ ତା'ର ଆଗରେ ମୁହଁ ହଲେଇ କଥା କହୁଚୁ ! ଗୋସେଇଁଙ୍କ ଗୋଡ଼ ଧୋଇ ଦେଲେ ତୋର ମାନ୍ କମିଯାଏ···ଏଥିରେ ଏତେ ବଢ଼ି ଯାଉଚି ! ଛି, ଛି' ଫେର୍ ଫେର୍ ବୋହୂ—ଇମିତିକା ବୋହୂ ଯାହା ଘରେ ଥିବ—

ଘାନୁ—ବୁଝିଲୁ ଅପା, ତୋ ଭଳିଆ ଶାଶୁ ଆଉ ଲୁନା ଭଳିଆ ନଣନ୍ଦ ଯାହା ଘରେ ଥିବ, ସେ ଘର କଥା ଯ୍ୟାଠୁଁ ବାଳ ପଡ଼ିବ !

ପାର୍ବତୀ—ଘାନା, ନକହ୍ନ ନକହ୍ନ ତୁ ତ ଖୁବ କଥା କହିଲୁଣିରେ—

ଘାନୁ—ତୁ ବ କଣ ଅଳପ କହିଲୁଣି ଅପା !

ପାର୍ବତୀ—ଯା ମୋ ଆଗରୁ···ଯାଉଛ ନା ପୋଡ଼ାମୁହାଁ—!

ଘାନୁ—ଲଙ୍କା ନଗର ପୋଡ଼ି ହନୁ ହୋଇଥିଲା ପୋଡ଼ାମୁହାଁ ;ମିଛର ଘରକୁ ପୋଡ଼ି ମୁଁ ବ ଆଜି ପୋଡ଼ାମୁହାଁ ! ( ପ୍ରସ୍ଥାନ )

ଲୁନ—ହେ ଘାନୁଭାଇ—! ହେ—

ପାର୍ବତୀ—ଯାଉ, ସେଇଟା ମୋର କେହି ନୁହେଁ —

ଲୁନ—ଦେଖିଲୁ ନୂଆବୋଉ, ତୁମ ପାଇଁ କି ପାଲଟାଏ ନାଗିଲା ।

ଗୀତା—ବାଃ, ମୋ ଦୋଷ କଣ ଲୁନ ?

ପାର୍ବତୀ—ତାକୁ ବୁଝା ଲୋ, ତା' ଦୋଷ ଗୁଣ ତାକୁ ଏଥର ବୁଝା । ନିଜର ରକତ ସମ୍ପର୍କ·· ମୋର ଆପଣାର ପୁତୁରାଟା ମୋର ହେଲା ନାଇଁ—ଯ୍ୟାର ହେଲା । ସ୍ୱେ ଫେର ଘରର ବୋହୂ ଲୁନ ଭୂଆସୁଣୀ—ଛି—ଛି—ଛି !

ଲୁନ—ଥୂ—ଥୂ—ଥୂ ! (ପ୍ରସ୍ଥାନ)

ଗୀତା—କଣ ତୁମେ କହୁଚ ବୋଉ !

ପାର୍ବତୀ—ଆଉକି କହିବ । ଆମ ଘରେ ସେ ସବୁ ଚଳନ୍ତି ନାଇଁ ଲୋ, ମା ଗୁଣି ! ତମେ ଏ ସବୁ ନୂଆ ଚଳେଇଲ ।

ଗୀତା—ମୁଁ କ'ଣ କଲି ବୋଉ !

ପାର୍ବତୀ—ଯା, ସେଇ ଘାନାକୁ ପଚ୍ଚରିବୁ । ତା' ହାତରେ ସେଦିନ ପତ୍ର ଗୁଟିଏ ଗୁଞ୍ଜି ଦଉଥିଲୁ, ମନେ ନାଇଁ ? ପାଶୋର

ଦେଲୁଣି । ପରପୁଅ ହାତରେ ଚିଠି । ଚିଠି ନା ଚଟଉ ? କଣ ସେଇଟା—?

ଗୀତା—ମୁଁ ସେଦିନ ଡାକ ଘରେ ପକେଇବାକୁ—

ପାର୍ବତୀ—ଡାକଘର ଗୁଡ଼ ମନକୁ ଠିକେ ଗେରସ୍ତ ଘରେ ଲଗା ବୋହୂ । ସ୍ୱାମୀ ତୋର ଯାଇଚ କଳାପାଣି—ପିଲା ତୋର ରୋଗରେ ସଢ଼ୁଚ—ତୋ କଥା ଚଳେ ବଳାତ୍ମା···ତୁ ଫେର୍ ଲେଖୁଚୁ ଚିଠି । ଢଙ୍ଗଟା ଫେର୍ କୋଉ ମଣିଷରେ ମଣିଷ···ଘର ଥିଲେ ପାଠ ନାଇଁ—ଚ୍ଛୁଆ ଲୋ !

ଗୀତା—ବୋଉ !

ପାର୍ବତୀ—ଏଥର ତୁ ତ ସେଇଯା କରିବୁ । ତୁ କାଇଁକି, ଯିଏ ନାଇଁ ସିଏ କରିବ ମୋ ମୁଣ୍ଡ ବିଗିଡ଼ି ଯାଇଚି ବୋଲି । ସାବତ ଶାଶୁ···କିଏ ନ କରିବ । ହଉଲୋ ମା, ତୋ କଲା କର୍ମ ତୁ ଭୁଞ୍ଜିବୁ—ଆମର କଣ ଅଛି । ଆମ କାଳ ଗଲାଣି···

ଗୀତା—( ଆଖିରେ ଲୁହ ) କାଇଁକି ମତେ ଏ ଅପବାଦ ଦେଲ, ବୋଉ !

ପାର୍ବତୀ—ଓହୋ, ଚନ୍ଦ୍ରମାରେ କଳଙ୍କ ଲାଗିଗଲା ପରା ! ନିଷ୍କଳଙ୍କ ଚନ୍ଦ୍ରମା ! ହଉ, ସୁଆଗ ଥାଉ । ଆସିଲୁ ଏଣେ, ରୋଷେଇ ସରିଲେ କୁନା ବେଳାବେଳି ଗଣ୍ଡାଏ ଖାଇବ ! ( ଚାଲି ଯାଉଥିଲେ )

ଗୀତା—ନା, ମୁଁ ଆଜି ରାନ୍ଧି ପାରିବିନି !

ପାର୍ବତୀ—( ଆହତା ଫଣୀ ପରି ଫେରିଲେ ) କଅଣ କହିଲୁ !

ଗୀତା—ସତ ମିଛର ସାକ୍ଷୀ ତମକୁ ଦବାକୁ ହବ !

ପାର୍ବତୀ—ସାକ୍ଷୀ ଭଗବାନ ଦେବେ ! ସତ ମିଛର ସାକ୍ଷୀ ସେଇ ଦେବେ ସେଇ !

ଗୀତା—ବୋଉ !

ପାର୍ବତୀ—ତୁ ଯିବୁ ନି ?—

ଗୀତା—ନା !

ପାର୍ବତୀ—( ହଠାତ୍ ଗୋଟାଏ ଧକ୍କା ଦେଲେ—ଗୀତା ପଡ଼ିଗଲା ।) ହାରାମଜାଦି ! ମୋ ମୁହଁ ଉପରେ ଜବାବ୍—! ତୋ ଜବାବଦିଆ ମୁହଁକୁ ଭାଙ୍ଗି ନ ଦେଇଚି ଯଦି—

ଗୀତା—( ତଳେ ପଡ଼ିଚି । ଅନ୍ତରାଳରୁ ଶୁଭିଲା ଯେମିତି ମନୋଜର ସ୍ୱର "ଗୀତା! ଦୁନିଆର ଏଇ ସବୁ ଦାଉ ସମ୍ଭାଳି ତୁମେ ଯଦି ନିଜକୁ ଠିକ୍ ବାଟରେ ଚଳେଇ ପାରିବ, ସେଇ ହବ ମୋର ସ୍ୱପ୍ନ ସାର୍ଥକତାର ସୋପାନ । ମୁଁ ଚାଲି ଯାଉଚି, ବୁଢ଼ା ରହିଲା । ତୁମରି ହାତରେ ଦେଇଗଲି ତା'ର ଶିଶୁ ଜୀବନର ଭାର !"—) ବୋଉ, ମତେ ତୁମେ ଦୟା କର, ମତେ ବଞ୍ଚାଅ ! ( ପାର୍ବତୀଙ୍କ ଗୋଡ଼ ଜାବୁଡ଼ି ଧରିଲେ )

ପାର୍ବତୀ—ମଲା, ତତେ କିଏ ମାରି ପକାଉଚି କି ! ତୋର ଯାହା ମତଲବ୍ ସଫା ସଫା କହି ଦଉନୁ ! ଗୋଡ଼ ଦି'ଟାକୁ ମୋର ଜାବୁଡ଼ି ଧରୁଚୁ କାହିଁକି ! ମଲା ମୋର ଚନ୍ଦ୍ରମା — !

ଗୀତା—ମତେ ବଞ୍ଚିବାକୁ ଦିଅ ବୋଉ, ମୋ ଘର ସଂସାରକୁ ସୁନ୍ଦର କରି ମତେ ବଞ୍ଚିବାକୁ ଦିଅ —

ପାର୍ବତୀ—ଗେରସ୍ତ ତ ଜେଲ୍‌ରେ ଆଉ ଘର କରିବୁ କାହାକୁ ନେଇ !

ଗୀତା – ବୋଉ ! ସେଇ ଦିନର ସ୍ମୃତିକୁ ନେଇ ଦେଶ ପାଇଁ ସେ ଜେଲ୍ ଯାଇଚନ୍ତି କିନ୍ତୁ ମତେ କହି ଯାଇଚନ୍ତି, ତାଙ୍କ ଘରଟିକୁ ମୁଁ ଯେମିତି ଠିକ୍ ସଜେଇ ରଖିଥାଏଁ – ସୁନ୍ଦର କରି ରଖିଥାଏଁ – ! ଯଦି କିଛି ଦୋଷ କରିଥାଏ, ମତେ କ୍ଷମା ଦିଅ ବୋଉ ! ଭୁଲ ଯେମିତି ତୁମରି ଝିଅ ମୁଁ ବି

ସେମିତି···ମତେ ସେ ସ୍ନେହରୁ ଠେଲି ଦିଅ ନାହିଁ···ତୁମରି ଗୋଡ଼ ତଳେ ବସି ତୁମରି ସ୍ନେହ ତଳେ ଏ ଘରର ସେବା କରୁ କରୁ ମୁଁ ମରିଯାଏଁ···ଏଇ ଆଶୀର୍ବାଦ ମତେ କର···ମତେ ଦୟା କର··· ( ଗୋଡ଼କୁ ଆଉଁଷି ଦେଇ ପାର୍ବତୀଙ୍କର ପ୍ରସ୍ଥାନ । ମନୋଜର କଣ୍ଠସ୍ୱର ଶୁଭିଲା, "ମଧୁ-ରାତିର ପ୍ରଥମ ଲଗ୍ନରେ ଯେଉଁ ବିଶ୍ୱାସ ତୁମଠି ମୋର ଥିଲା, ସେ ବିଶ୍ୱାସ ଆଜି ମୋର ଶିଥିଳ ହୋଇନି । ସେଇ ଆଶ୍ୱାସନା ନେଇ କାଲି ସକାଳୁ ଆରମ୍ଭ ହବ ମୋର ଜେଲ୍‌ଯାତ୍ରା ନୁହେଁ, ଜୟଯାତ୍ରା !") ଶେଯ ସୁଦ୍ଧା ପିଲାକୁ ଉଠେଇ ଆସିଛି କୁନ ।

କୁନ—ନିଅ ତୁମ ପୁଅକୁ । ଯିବ ଯିବାର କଥା – ଯାଅ । ଆଉ ଏଇ ଦଶ ଟଙ୍କା ନିଅ ତୁମର ବାଟ ଖର୍ଚ୍ଚ ! ଯୁଆଡ଼େ ଇଚ୍ଛା, ସିଆଡ଼େ ଯାଅ ଏଥର—

ଗୀତା—( ପୁଅକୁ ଛାତିରେ ଯାକି ଧରି ) ଯିବି କୁଆଡ଼େ କୁନ ? ଛାତିରେ ମୋର ଏଇ ଧୂମନ୍ତ ପିଲା···ଏ ଘରର ବୋହୂ ମୁଁ···ଯିବି କୁଆଡ଼େ ! ନାରୀ ଜୀବନର ଏ ତୀର୍ଥ ଛାଡ଼ି ତୁମେ ମତେ ଚାଲି ଯିବାକୁ କହୁଚ ! ଏଡ଼େ ନିଷ୍ଠୁର ତୁମେ କୁନ !

କୁନ—ବୋଉ, ବୋଉ ଲୋ ! ଦେଖିଲୁଣି ନା ଢଙ୍ଗ— (ପ୍ରସ୍ଥାନ)

ଗୀତା—( ପିଲାକୁ ଚୁମ୍ବନ କରି ) ତୁ ଭଲ ହୋଇଯିବୁ ବାପା, ତୁ ଭଲ ହୋଇଯିବୁ ! ସବୁ ନେଇ ଭଗବାନ ମୋତେ ଏଇ ଟିକକ ଦେଇଚନ୍ତି – ତୋର ଅଯତ୍ନ ମୁଁ କେବେ କରିବିନି— ! ମତେ ବଳ ଦିଅ ପ୍ରଭୁ, ସବୁ ସହିବାକୁ ମତେ ଖାଲି ଶକ୍ତି ଦିଅ – !

## —ଅଷ୍ଟମ ଦୃଶ୍ୟ—

( ଜଣେ ଭିକ୍ଷୁକ ଗୀତ ଗାଇ ଗାଇ ଚାଲି ଯାଉଥିଲେ )

### — ଗୀତ —

ଏଇତ ଦୁନିଆ—
ଏଇତ ଦୁନିଆ, ଘର କରଣା—ଝକ୍ ମରନା—
ଓ ଘରବାଲା··· ଓ ଘରବାଲା···
ମଉଜ ଯାଆନା ରେ ମଉଜ ଯାଆ ନା !
ଘର ଘର ବୋଲି ତୁ ଯାହାକୁ କହୁ
ଘର ନୁହେଁ ସେ ଜଅଲ ଖାନା ॥ ୦ ॥

ଘର ଘର ବୋଲି ଯାହାକୁ କହୁ ଘର ନୁହେଁ ସେ ଜଅଲ ଖାନା—
ମୁଠାଏ ଦେବେ, ଚୁଟି ଧରିବେ—
ପିଠେ ପକାଇ ପେଲୁଥା' ଘଣା !
ଘର ଘର ଘର ଘର ବୁଲୁଚି ଚକ,
ଆପଣା ନିଯୁତ ରଖ ସଲଖ
(ଆରେ) ଗାଳି ବୋଲଣା, ସବୁ ଅଲଣା—
ହାଉଳ ଖାଆ ନା ତୁ ହାଉଳ ଖାଆ ନା ॥ ୧ ॥

(ତୁ) ସଚା ଯେବେ ମନ ନ କର ଖଟା,
ଆଗ ଗୋଡ଼େ ନ ଭୁଙ୍କିବ କଣ୍ଟା,
ଚାଲି ତଳେ ଠାଇଁ ନ ମିଳିଲା ନାହିଁ ।
ଅଛୁ ତୋ ପାଇଁ ଗଛର ଛାଇ—
ହୁସିଆର୍) ଆସିଛୁ ଏକା, କାହିଁକି ଦକା ?
ଝାଉଁଳ ଯାଆ ନା ରେ ଝାଉଁଳ ଯାଆ ନା ॥୨॥

ଭୁଲ୍ ଗଲଣି କଳା କନାରେ—
ଯେଉଁ ଆଡ଼େ ଚାହେଁ ସବୁଠି କଳା
କଳା ବଜାର ମହିମା ଦେଖୁନୁ ?
ଧକସକ-ଯାକ ହେଲେ ରଣଝଣ ବାଜୁ !
କଳାଭେକ ଯା'ର ବକଳା ଆଜ ।
ମାଗେ ସେ ଭଜ, ମାଗେ ସେ ଭକ
ସେ କଳା ଏ କଳା କେତେ ଫରକ ।
ଭେଳକ ଦେଖ, ଭେଳକ ଦେଖ— ।
ଲାଗିବ ବୋଲି ଏ ଦୁନିଆ କଳା—
ଆଗରୁ ଆମର ଠାକୁରେ କଳା !
ଏ କୁଆ ବୁଆ ଦେଖି ଭକୁଆ ସେ
ଜାଣି ପିଆଣା—
(ଆରେ) ସେଇ ଅସଲ···ଆଉ ସବୁ ବାହାନା ରେ
ଆଉ ସବୁ ବାହାନା । ୩ ।
( ପ୍ରସ୍ଥାନ)

—୪୦୪—

## —ନବମ ଦୃଶ୍ୟ—

[ ବ୍ରଜର ଘର—ପରଦା ଉଠିଲା ପରେ ଦେଖାଗଲା, ବ୍ରଜ
ଣ ଲେଖୁଛନ୍ତି । କ୍ଷୀର ଚା' ଆଣି ଟେବୁଲ ଉପରେ ରଖିଦେଲା ]

ୀର—ବାବୁ, ମୁଁ ଯାଉଛି—

ଜ—ଯାଉଚୁ, ହଉ ଯା ।

ୀର—ବାବୁ, ଚା' ଅଣ୍ଡା ହୋଇଯିବ ।

ଜ—ଏ କ୍ଷୀର !

ୀର—କ'ଣ ବାବୁ ?

ଜ—କାଲ ପହିଲା···କାଲଠୁଁ ତୁ ଆଉ କାମ କରିବାକୁ ଆସିବୁନ । ଏ ମାସଠୁଁ ତୋର ଛୁଟି ।

ର—କାହିଁକି ବାବୁ ?

ଜ—ଆରେ କାହିଁକି କଣ ? ଦେଖୁଚୁ ତ ଘରେ ଆଉ କେହି ନାହିଁ—

ର—ଏ ଘର ଦୁଆର କିଏ ଓଳେଇବ ? ମା' ଆସିଲେ ମତେ ଗାଳି ଦେବେ ।

ଜ—ନାହିଁ ମା' କାହିଁକି ଗାଳି ଦେବ ! ତୁ କହିବୁ, "ବାବୁ ଟଙ୍କା ଦେଲେ ନି, କାହିଁକି କାମକୁ ଆସନ୍ତି ?"

ର—ଟଙ୍କା ସାଙ୍ଗରେ କଣ ଅଛି ବାବୁ ? ଟଙ୍କା କଣ ମୁଁ···

—ଦେଖ୍ କ୍ଷୀର, ମୋର ତ ଚାକିରି ବାକିରି କିଛି ନାହିଁ—ମୁଁ ତତେ ଟଙ୍କା ଦେବି କୋଉଠୁ ? ତା' ଛଡ଼ା ଦିନ କେତେଟା ଗଲେ ତୁ ତୋ ଶାଶୁ ଘରକୁ ଯିବୁ ! ଘର ଦୁଆର ମୁଁ ପଛକେ ଓଳେଇ ଦେବି !

—ସେଇ କଥା ବାବୁ, ତୁମେ ଘର ଓଳେଇବ !

ବ୍ରଜ—ଖାଲି ଘର ଓଳେଇବା କଣ, ଦରକାର ପଡ଼ିଲେ ଏଇ ମଣିଷ ତ ଫେର ସବୁ କରୁଛି । ଘର ଓଳେଇବା ତ କିଛି ଖରା କାମ ନୁହେଁ ।

କ୍ଷୀର—ଗୃ' ଅଣ୍ଡା ହୋଇଗଲା ବାବୁ !

ବ୍ରଜ—( ଟେବୁଲ ଉପରୁ ଟଙ୍କା ବାହାର କରି କ୍ଷୀରକୁ ଦେଲେ ) ନେ ଆଗରୁ ତୋର କଣ ବାକି ଥିବ, ମା' ଆସିଲେ ବୁଝି ଦେଇଦେବ । କାଲିଠୁଁ ଆଉ ଆସିବୁ ନାହିଁ, ଯା —

କ୍ଷୀର—ଟଙ୍କା ଏଇନେ ଥାଉ, ମା' ଆସିଲେ ନେବ ।

ବ୍ରଜ—କ୍ଷୀର ! ନେ କହୁଛି — ଯା —

( ଟଙ୍କା ନେଇ କ୍ଷୀର ମନ ଦୁଃଖରେ ଚାଲିଗଲା । ବାହାରୁ ବାମନ ଆସିଲେ । ବୟସ ୪୦।୪୫ ହେବ — ଅଦ୍ଭୁତ ଗାଉଁଲି ଚେହେରା । ବାହାରୁ ଡାକି ଡାକି ଆସିଛନ୍ତି )

ବାମନ—ବାପା ବରଜ ! ଉଃ —

ବ୍ରଜ—ଆରେ, ବାମନ ଦାଦା ଯେ — ( ପ୍ରଣାମ କରି ) ଗାଁରୁ ଆସିଲେ ?

ବାମନ—(ଥକ୍କା ହୋଇ ଚଉକିରେ ବସି ପଡ଼ିଲେ) ଗାଁରୁ ଆସିଲି କ'ଣ ବାପା, ଆଜି ଯମପୁରରୁ ଆସିଲି ବୋଲ — !

ବ୍ରଜ—କାହିଁକି ଦାଦା, କଣ ହେଇଚି ?

ବାମନ—କ'ଣ କହିବରେ ବାପା ବରଜ ! ବଜାର ଭିତରେ ଆସୁ ଆସୁ ମଟର ଟାଏ ଚଢ଼ି ଯାଇଥାନ୍ତା ! କ'ରେ, ମୋର ଉପରେ ପଡ଼ି, ଆଉ ଗୃହୁଁଚୁ କଣ ? ଆଜିକାଲି ଏ ଗାଡ଼ି ମଟର ଗୁଡ଼ାକ ଇମିତି ମତୁଆଲା ହେଇଚନ୍ତି — କୁ ଯାହା କହ ବରଜ, ସହର ବଜାର ଜାଗା···ବଡ଼ ବିପଦ

ଜାଗା, ଦାଣ୍ଡକୁ ଗୋଡ଼ କାଢ଼ିଲ ତ ମଲ, କେତେକେତେ କଏ ଯେ କେଉଁଠି ଆସି ହାବୁଡ଼ ଯିବ ତାର ଠିକଣା ନାହିଁ—

ବ୍ରଜ—ସେଇଠୁ ?

ବାମନ—ସେଇଠୁ ଆଉ କ'ଣ ! ଅଲ୍ପକେ ବଞ୍ଚିଗଲି ! ଲୋକ ଦୌଡ଼ି ଆସିଲେ—ଜମା ହୋଇଗଲେ ଆସି—ହାଁ ହାଁ ଚୁ ଚୁ ହଉ ହଉ ଭିଡ଼ ଠେଲି ଭିତରୁ କଷ୍ଟରେ ଆସିଲି ! ହେଲେ କଣ ହେଲା ବାପା ମୋର ଏ ତଳ ପାକିଟିଟା ସେ ଭିଡ଼ ଭିତରେ କଏ କେତେବେଳେ କାଟି ନେଇଛି—ଓହୋଃ, କି ବିଷମ କାଳ ହେଇଛିରେ ବାପା !

ବ୍ରଜ—ସେଇଠୁ ?

ବାମନ—ଆରେ ସେଇଠୁ ଆଉ କଣ ହୁଅନ୍ତା ! ଗୋଟିଏ ଗୋଟିଏ ଚୋର ପାଖକୁ ଆସିଲି ଚୁଲି । ଟଙ୍କା ସିନା ଗଲା, ଜୀବନଟା ରହିଗଲା…ଏଇ ଭାଗ୍ୟ ବୋଲ ! ବୋହୂ ! ବୋହୂ ! ତାକୁ କହ ବେଳାବେଳି ଗଣ୍ଡାଏ ବସେଇ ଦବ— । ଓହୋଃ ଗୋଟାଏ ଘାଟି ଆଜ ପାର ହେଲିରେ ବାପା !

ବ୍ରଜ—ଦାଦା, ମୁଁ ଏଇନେ ହୋଟେଲରେ ଖାଉଛି ।

ବାମନ—( ହଠାତ୍ ବୁଝି ନ ପାରି ) ହଉ ହଉ ! ଏଁ, କଣ କହିଲୁ ! ଏଠି ଗୋଟାଏ ହୋଟେଲ କଲୁଣି…କେବେଠୁ ବାପା ?

ବ୍ରଜ—ନାହିଁ ଦାଦା, ମୁଁ ଏଇନେ ହୋଟେଲରେ ଖାଉଛି !

ବାମନ—କାହିଁକି ବୋହୂ ନାହିଁ ନା କ'ଣ ?

ବ୍ରଜ—ନ ଥିଲେ କ'ଣ ହେଲା, ଆମ ଘରଣୀଙ୍କ ହାକାମେ ମୁଁ ଏଇଠି ରାନ୍ଧି ଦେବ । ସକାଳଓଳି ପହଞ୍ଚି ଦେଖିବା—

ବାମନ—ତୁ ରାନ୍ଧିବୁ ?

ବ୍ରଜ—(ହସି) ହେଲେ ହେଲେ ରାନ୍ଧୁଛି ! ତୁମେ ଟିକିଏ ବିଶ୍ରାମ ନିଅ, କେତେ ବେଳ ଲାଗିବ !

ବାମନ—ଆରେ, ବୋହୂ କଣ ବାପଘରକୁ ଯାଇଛି ?

ବ୍ରଜ—ହଁ, ଅଜୁଭାଇ ନିଜେ ଆସି ନେଇ ଯାଇଛନ୍ତି । ନେବେ ନେବେ ବୋଲି କେବେ ତ ଆଉ ସୁବିଧା ହଉ ନ ଥିଲା—ତା' ଛଡ଼ା ମୋର ତ ଏଇନେ ରୁକସତ ନାହିଁ—

ବାମନ—ଭଲ କରିଛୁ—ଏ ମହର୍ଗ କାଳକୁ ଭଲ କରିଛୁ ବାପା !

ବ୍ରଜ—ଗାଁରୁ କଣ ମୋକଦ୍ଦମା କାମରେ ଆସିଥିଲ କି ଦାଦା ?

ବାମନ—ନାହିଁ ରେ ବାପା, ମାଲି ମକଦ୍ଦମା ଭିତରେ ଆଜକାଲି ଆଉ ବାମନ ନାଏକ ନାହିଁ । ଆସିଥିଲି ତୋର ପାଖକୁ ତୋରି କାମରେ ବୋଲି । ସରିଥିଲି ତ ଜାଣ—ଉଃ—ଆଁଜକାଲି ବଜାର ଘାଟ ସବୁ କ'ଣ ହେଇଛି ରେ !

ବ୍ରଜ—ହଉ, ତୁମେ ବସ । ପଛେ କଥାବାର୍ତ୍ତା ହେବା—

ବାମନ—ନାହିଁ, କଥାବାର୍ତ୍ତା ଆଉ କଣ କ···ଚମର ସେ ଘରଭିଡ଼ ଅଗ୍ନି ବିଷୟରେ ଆସିଥିଲି । ଖାଲି ଶମଶାନ ହେଇ ପଡ଼ିଛି—ସବୁଙ୍କ ରୁଜି ଗଲା···କିଛି ତ ନାହିଁ··· ଭାବୁଥିଲି ସେଠି ଯେମନ୍ତ ଖଣ୍ଡେ ଦୋକାନ ହୁଅନ୍ତା,—ଭଲ ଚଳନ୍ତା !

ବ୍ରଜ—ଆମ ଜହରେ ତୁମେ ଦୋକାନ କରିବ ?

ବାମନ—ହଁ, ତୁ ବି ଦି' ପଇସା ପା'ନ୍ତୁ !

ବ୍ରଜ—ପଇସା କିଛି ଜୀବନରେ କମେଇଛି ଦାଦା, ହେଲେ ଘର ଖଣ୍ଡେ ତ କରି ପାରିଲି ନାହିଁ ! ବାପ, ଅଜାଙ୍କର ସ୍ମୃତି

ସମ୍ବଳ ଟିକକ ପଡ଼ିଛି···ପଡ଼ିଥାଉ ସେମିତି ଶ୍ମଶାନ ହୋଇ ! କେବେ ହେଲେ ତ ସେଇ ଶ୍ମଶାନର ମାଟି ମତେ ଡାକିବ !

...ମନ—ହଁ, କାଳେ କାଳେ ତ ତୁମମାନଙ୍କର ସେଇ ସବୁ କଥା ଗଲା ନାହିଁ । କ'ରେ, ଢ' ପଇସା କେମିତି କୋଉଠୁ ଆସିବ, ତାର ତ ବାଟ ପୁଣି କରିବା ଦରକାର ।

...ଜ—ହଉ ବାବା ତୁମେ, ବସ—ମୁଁ ଆସୁଛି (ଭିତରକୁ ଗଲେ)

...ମନ—ହଉ ବାପ, ହଉ । ( ଉଠି ଚଦର ଖଣ୍ଡିକ ଉଠିଦେଲେ । ଟେବୁଲ ଉପରେ ଥିବା କପ୍ ପିଆଲା ଉପରେ ନଜର ପଡ଼ିଲା । ଟେବୁଲ ଡ୍ରୟରକୁ ଫିଟା ଦେଖି ଟାଣି ଦେଲେ, ତାପରେ କେତେ ଖଣ୍ଡ ନୋଟ ନେଇ ନିଜ ପକେଟରେ ରଖିଲେ । ବାହାରୁ ଆସନ୍ତି ରଞ୍ଜନା । )

...ଞ୍ଜନା—ବ୍ରଜବାବୁ ଅଛନ୍ତି, ବ୍ରଜବାବୁ ?—

...ମନ—(ରଞ୍ଜନାକୁ ବେଶଭୂଷା ଦେଖି ଶଙ୍କିଗଲେ ) ହଁ, ବରଜ ଅଛି ।···ସେପେଇ କରୁଛି !

...ଞ୍ଜନା—ସେପେଇ ?···

...ମନ—ହଁ, ସେପେଇ ଯୋଗାଡ଼ରେ ଲାଗିଛି । ବଡ଼ ହୋଟେଲେରେ କାଇଁକି ଖାଇଥାନ୍ତା—ମୁଁ ଆସି ଗାଁକୁ ଘରଞ୍ଚିଗଲି; ଗଣ୍ଡାଏ ଫୁଟେଇ ଦଉଚି । କେତେବେଳେ ଲାଗିବ ! କଣ କାମ ଥିଲା ଝିଅ ?

...ଞ୍ଜନା—ଆପଣ···

...ମନ—ହେଁ···ହେଁ···ହେଁ···ମୁଁ ତା'ର ଦାଦ ହୁସାବ, ତୁମେ ତାର କୋଉ ହୁସାବ ? ମୁଁ ତ···

...ଞ୍ଜନା—Nonsense ! ( ବାହାରିଲେ )

...ଜ—(ଆସିଲେ) ଆରେ ଭାଉଜବୋଉ ଯେ ?—

ରଞ୍ଜନା—ଶୁଣିଲି କୁଆଡ଼େ ଗେଷ୍ଟେଇ ଯୋଗାଡ଼ରେ ଲାଗିଚ ?

ବ୍ରଜ—ହଁ, ବାମନ ଦାଦା ଆସିଚନ୍ତି ଗାଁରୁ । ଦାଦା, ତୁମେ ଯାଅ, ଗୋଡ଼ ହାତ ଧୁଅ—ଆଗ ଗୁ' ଟିକଏ ପିଇଦଅ । ତା'ପରେ...

ବାମନ—ଯାହା କହିଲୁ ବରଜ, ଗରମ ପାଣି ଟୋପାଏ ନ ହେଲେ—

ବ୍ରଜ—ଯାଅ; ସେଠି ବାଲଟିରେ ପାଣି ଅଛି, ଢାଳ, ଗାମୁଛା ସବୁ ସେଇଠି—

ବାମନ—ହଉ ବାପା, ତମେ ତମର ଗପସପ ହୁଅ—(ପ୍ରସ୍ଥାନ । ଗଲାବେଳେ ସନ୍ଦେହୀ ଦୃଷ୍ଟିରେ ଚାହିଁ ଦେଇଗଲେ । )

ରଞ୍ଜନା—ଘରଧନ୍ଦା ତ ବହୁତ ଦେଖୁଛ ବ୍ରଜବାବୁ !

ବ୍ରଜ—ହଁ, ବାହାର ଧନ୍ଦା ଯେତେବେଳେ କରୁ ନାହିଁ, ଘର ଧନ୍ଦାରେ ଲାଗିଚି । ବସ—

ରଞ୍ଜନା—ହାତରେ ରାନ୍ଧିବାକୁ ପଡ଼ୁଚି ?

ବ୍ରଜ—ଆସନ୍ତା କାଲଠୁଁ ଘରର ଯାବତୀୟ କାମ କରିବାକୁ ପଡ଼ିଲାଣି ଯେହେତୁ ଆଜ ଚାକରାଣୀଟିକୁ ବିଦାୟ କରି ଦେଇଚି । ଚାକରି ଯାହାର ନାହିଁ, ତା'ର ଆଉ ଚାକର କଣ ହବ ?

ରଞ୍ଜନା—ଚାକରଣୀଟା ଛାଡ଼ି ଦେଇ ତୁମର ସୁବିଧା ଯେ କଣ ହେଲା ମୁଁ ବୁଝିପାରୁନ ।

ବ୍ରଜ—ତୁମେ ତ ସେ ଅବସ୍ଥା ଭୋଗିନା, ଜାଣିବ କୁଆଡ଼ୁ ! ହଁ, କେମିତି ଚାଲି ଆସିଲ ଆଗେ କୁହ—

ରଞ୍ଜନା—ତୁମକୁ ନିମନ୍ତ୍ରଣ କରିବାକୁ । ଆସନ୍ତା ବୁଧବାର ଦିନ ଗୋଟାଏ Party ର ଆୟୋଜନ ହେଉଚି ।

ବ୍ରଜ—ଅଜୁଭାଇଙ୍କର Doctorate ପାଇବା ଉପଲକ୍ଷରେ !

ରଞ୍ଜନା—ହଁ, ସବୁ ଆୟୋଜନର ଭାର ମୁଁ ନିଜେ ନେଇଛି ।

ବ୍ରଜ—ଖୁସି ଖୁସି ହେଲି । ପ୍ରଥମ ନିମନ୍ତ୍ରଣଟା ମୁଁ ବୋଧେହୁଏ ପାଇଲି ?

ରଞ୍ଜନା—ଆସୁଚ ବୋଧହୁଏ ?

ବ୍ରଜ—ଧନୀ ଲୋକଙ୍କର ସେ ଭିଡ଼ ଭିତରକୁ ମୁଁ ନ ଗଲେ କଣ ଚଳିବନି ?

ରଞ୍ଜନା—ଧନୀ ଲୋକଙ୍କୁ ତୁମେ ଭାରି ଘୃଣା କର···ନା ?

ବ୍ରଜ—ନା, ମୁଁ ବରଂ କରୁଣାର ଆଖି ନେଇ ସେମାନଙ୍କୁ ଦେଖେ । ସେମାନେ ଭାବନ୍ତି ଯେ ସେଇମାନେ କେବଳ ଏ ଦୁନିଆର ଜୀବ—ସେଥିପାଇଁ ଦେଶର ଖାଦ୍ୟାଭାବର ଉତ୍କଟ କୁହାଟ ଶୁଭିଲାବେଳେ,···ସେମାନେ କରନ୍ତି ବଡ଼ ବଡ଼ ପାର୍ଟିର ଆୟୋଜନ, ବଡ଼ ବଡ଼ ମଜଲିସ୍ ! ସୁଖୀ ବୋଲି ସେମାନଙ୍କର ଯେଉଁ ଅହଙ୍କାର—

ରଞ୍ଜନା—I see ! ଗାଁକର ଖଣ୍ଡିଏ ଛାଡ଼ ଏକାବେଳେକେ ଦେଶଭକ୍ତ ଆଉ ନିରନ୍ନ କାଙ୍ଗାଳଙ୍କର ବନ୍ଧୁ ହେଇ ପଡ଼ିଚ ପରା !

ବ୍ରଜ—ଭାଉଜବୋଉ !

ରଞ୍ଜନା—ଏଇ ଭାଉଜବୋଉ ଡାକ ଖିବ ଅଳ୍ପ ଦିନର ନୁହେଁ ?

ବ୍ରଜ—କିନ୍ତୁ ଅଳ୍ପ ଦିନର ଏଇ ଡାକ ଭିତରେ ମମତା ଖୁବ ବେଶୀ ନାହିଁକି ରଞ୍ଜନା ଦେବୀ ?

ରଞ୍ଜନା—ଭାଉଜବୋଉ ଛାଡ଼ି ରଞ୍ଜନା ଦେବୀ ବୋଲି ଯଦି କୁହା ଯାଇ ପାରେ, ଖାଲି 'ରଞ୍ଜନା' ବୋଲି କହିଲେ ମମତା କଣ କମିଯିବ ବୋଲି ଭାବୁଚ ?

ବ୍ରଜ—ଜଣେ ଭଦ୍ର ମହିଳାଙ୍କୁ ସମ୍ବୋଧନ କରିବାକୁ ହେଲେ ମିସେସ୍ ଝମ୍ପା ଦେବୀର ବ୍ୟବହାର ଭଦ୍ରତାର ରୂପ !

ରଞ୍ଜନା—ଧନ୍ୟବାଦ ! ଖାଲି ଭଦ୍ରତାର ରୂପ ଦେଖି ଦେଖି ପୃଥିବୀର ସ୍ୱରୂପ ତୁମେ ଦେଖି ପାରିଲ ନାହିଁ ବ୍ରଜବାବୁ !

ବ୍ରଜ—ଅର୍ଥାତ ?

ରଞ୍ଜନା—ଝଡଟି ଚିହ୍ନି ତୁମେ ଭୁଲ କରିଚ !

ବ୍ରଜ—ମତେ ଗୋଟିଏ ଝଡର ଝାଙ୍କରେ ଦେଖିବାକୁ ତୁମର ଖୁବ ଆଗ୍ରହ, ନା ?

ରଞ୍ଜନା—ବ୍ରଜବାବୁ !

ବ୍ରଜ—ଗୋଲ୍ମୀର ବେଷ୍ଟନୀ ଛିଣ୍ଡି ମୁଁ ମୋର ନିଜର ଭାବନା ନେଇ ମୁକ୍ତ ଆକାଶ ତଳେ ଆସି ଛିଡ଼ା ହୋଇଚି— ଏଇଟାଇ' କଣ ମୋର ଭୁଲ ?

ରଞ୍ଜନା—ଶିପ୍ରାକୁ ସୁଖୀ କରିବାକୁ ତୁମର କଣ ଦରକାର ଥରେ ଭାବି ଦେଖିଚ ?

ବ୍ରଜ—ଯା' ହଉ ଶୁଣି ସୁଖୀ ହେଲି, ବନ୍ଧୁତାର ହାତ ବଢ଼େଇଚ ତୁମେ ଜଣେ କଳାକାର ପ୍ରତି !

ରଞ୍ଜନା—ସେ ହାତ ତ ସେଦିନ ବି ମୁଁ ବଢେଇଥିଲି ବ୍ରଜବାବୁ ! ସେଦିନ ତୁମେ ମତେ ଆଘାତ ଦେଇଥିଲ, ସୃଷ୍ଟିର ଶେଷ କଥା ଶୁଣେଇଥିଲ ମତେ···ଦେଇଥିଲ ମତେ ଚରମ ଅପମାନ—ମନେ ନାହିଁ ?

ବ୍ରଜ—ଆଜ ତାର ପ୍ରତିଶୋଧ ନବାକୁ ପାର୍ଟିକୁ ନିମନ୍ତ୍ରଣ କରିଚ ବୋଧହୁଏ ?

ରଞ୍ଜନା—ବ୍ରଜବାବୁ !

ବ୍ରଜ—ଯିବାକୁ ଚେଷ୍ଟା କରିବ !

ରଞ୍ଜନା—ତାହେଲେ ମୁଁ ଆସେଁ ? (ପ୍ରସ୍ଥାନୋଦ୍ୟତା) ହଁ, ଟିକିଏ ପିଇବାକୁ ଅନୁରୋଧ କରିବନି ?

ବ୍ରଜ—କିଛି ଆପତ୍ତି ନ ଥିଲା । କିନ୍ତୁ ଦରଭଙ୍ଗା ଘରେ ଭଙ୍ଗା କପ୍ ଆଜି ପିଆଇଲି, ସେଥିରେ ପୁଣି ଗୁଣ୍ଡ ଦେଇ ଚା' ତିଆରି କରିବାକୁ ହବ । ହେଇଟି ଦାଦା ଆସିଲେଣି—

ବାମନ—( ପ୍ରବେଶି ) ହଁ ବାପା ବରଜ ! ଭଜିକୁ ଆସମ୍ ଲାଗିଲା—

ରଞ୍ଜନା—ଗୁଡ୍ ନାଇଟ୍, ବ୍ରଜବାବୁ !

ବ୍ରଜ—ନମସ୍କାର ! ( ରଞ୍ଜନାର ପ୍ରସ୍ଥାନ )

ବାମନ—ମା' ଲକ୍ଷ୍ମୀଟି କିଏ, ବରଜ ?

ବ୍ରଜ—ଅଜୁଭାଇଙ୍କ ସ୍ତ୍ରୀ ରଞ୍ଜନା ଦେବୀ !

ବାମନ—ହଁ, ସେଇଆ ବୋଲ । ଅଜିତ୍ ବାବୁଙ୍କ ଲକ୍ଷ୍ମୀ ନ ହୋଇଥିଲେ ଇମିତି ଆଜି କିଏ ହୋଇଥାନ୍ତା—! ହଁ—କଣ କହୁଥିଲେ ?

ବ୍ରଜ—ସେ କିଛି ନୁହେଁ ଦାଦା, ତୁମେ ବସ—ମୁଁ ଗରମ ପାଣିର ବ୍ୟବସ୍ଥା କରେଁ—( ପ୍ରସ୍ଥାନ )

ବାମନ—ସେଇଆ କର ବାପ, ନହେଲେ ଏ କାଲୁଆ ଅଣ୍ଡା ମନକୁ ଗରମ କରିବ କିଏ ?—କଥାଟା ବାକି ରହିଗଲା—ଏ ଖଞ୍ଜଣା ଦେବୀ ଆସି ସବୁ ଗଞ୍ଜଣା କରିଦେଲେ । ନାଃ, କଥାଟାକୁ ଟିକିଏ ଗୋଳେଇ, ଖେଳେଇ, ଘାଣ୍ଟି, ଚକଟି ଦେଖିବାକୁ ହେଲାଣି !

## —ଦଶମ ଦୃଶ୍ୟ—

(ମନୋଜର ଘର ଅଳନ୍ଦ । ମୁଣ୍ଡ କୁଣ୍ଡେଇବାର ସମସ୍ତ ସରଞ୍ଜାମ ନେଇ କୁନ ଆସିଲା । କିଛି ସମୟ ପରେ ଆସିଛି ପାନୁ । )

ପାନୁ—ମୁଣ୍ଡ କୁଣ୍ଡାଉଛୁ କ'ଲେ ? ହଉ କୁଣ୍ଡା – କୁଣ୍ଡା –

କୁନ—ପାନାଭାଇ, କଣ କହିବୁ କି ?

ପାନୁ—ଗୋଟିଏ କଥା ଶୁଣିବୁ ?

କୁନ—କହୁନୁ !

ପାନୁ—ହଉ' ଶୁଣ୍ ତେବେ –

### —ଗୀତ—

ପାନୁ—(ଗୀତ) କଥାଟିଏ କହୁଁ, କଥାଟିଏ କହୁଁ, କଥାଟିଏ କହୁଁ,
କଥାଟିଏ ଲୋ କଥାଟିଏ—

କୁନ—କି କଥା ? କି କଥା ? କି କଥା ?

ପାନୁ—(ଗୀତ) ରସ ରସିଆ, କସ ମସିଆ, ମନ ଖୁସିଆ –
କଥାଟିଏ ଲୋ କଥାଟିଏ,
ମୋ କଥା ଶୁଣିଲେ ମଥା ଘୁରି ଯାଏ
ମରବ ଶମୁଟି ବଥା ଢଏ ଲୋ
କଥାଟିଏ··· ।୧।

କୁନ—ପାନୁଭାଇ କହନା –

ପାନୁ—(ଗୀତ) କଥା ସୁରୁ କରିଲେ ମୁଁ –

କୁନ—( ଗୀତ ) ଯେ ଶୁଣିବ ମାଗିବ 'ହୁଁ' ?

ନୁ—( ଗୀତ ) 'ହୁଁ' ନ କରିଲେ ବଗିଡ଼ି ଯିବ ମୁଁ
ଆଉ ପାଉଚ ମୋ ପକ୍ଷ କିଏ ଲୋ
କଥାଟିଏ ।୧।

ନ—ହୁଁ, ହୁଁ, ହୁଁ, ମୁଁ ହୁଁ କରିବ···କହନା—

ନୁ—ତେବେ ଶୁଣିବୁ କହ କି କଥା
ଚାଲକାରୁ ମତେ ବତା—ଏକ୍···କଲୁରେଇ ବେଙ୍ଗ କଥା—

ନ—ଜାଣେ—

ନୁ—ମଉନବନ୍ତୀ କନ୍ୟା କଥା ?—

ନ—ଜାଣେ—

ନୁ—ଧୂର ମହାଜନ ପୁଅ କଥା ?

ନ—ଜାଣେ

ନୁ—ନଖୁଆ କଣ୍ଡିର କଥା ?······

ନ—ଜାଣେ । (ଗୀତ) ସୌଦାଗର ଝିଅ କଥା ଜାଣେ,
ସାହାଡ଼ା ସୁନ୍ଦରୀ କଥା ଜାଣେ
ଡାଳିମ୍ବ କୁମର କଥା ଜାଣେ—

ନୁ—ଆଉ ହୁଣ୍ଡା ବର କଥା— ?

ନ—କହ ।

ନୁ—(ଗୀତ) ଏକ ରାଇଜରେ ଥିଲା—
ଅଲ୍ପଲୀ ବାଳୀ ସେ ତନୁପାତଳୀ ଲୋ ଗଜମୁକୁତା !
ବଡ଼ ଚହଟି ସେ ଗେଲ ବସରରେ
ବଢୁଥାଏ ହୋଇ ଅମରମତା !

ନ—(ଗୀତ) ଏମିତିକା ଛୁଡ଼ି ପଇଁଚ ନାଏ କ ?

ନୁ—ହୁଁ !

ଲୁନ—(ଗୀତ) ଏମିତିକା ଜାମା ତାର ଥାଏ କି ?
ଧାନୁ—ହୁଁ । (ଗୀତ) ବାପ ନାହିଁ ତାର ମାଆଟିଏ ଏକା
ଶିଳ ପାଖେ ଶିଳପଟାଟିଏ ଲୋ—
କଥାଟିଏ··· । ୨ ।
ଲୁନ—ସେଇଠ···ସେଇଠ ?
ଧାନୁ—(ଗୀତ) ସେ ଟୋକୀ ଦୁଲଣୀର ବୟସ ହେଲା ହାଇ ହାଇ ରେ
ମାଆର ମନ ତ ଘର ଧଇଲା—ହାଇ ହାଇ ରେ ।
ବାଛି ବାଛି କଲା ବର ସଜିଲ—ହାଇ ହାଇରେ ।
ଛଥି ଦେଖି ଡାଉଁ ଡାଉଁ ବାଜିଲା ଢୋଲ— ହାଇ
ହାଇରେ !
(ଆଲୋ) ବର ନୁହେଁ ତ ସେ ମୁଣ୍ଡିଆ ପାହାଡ଼, ଜନ୍ମ
ନ ହେଲେ ବି ଜନ୍ମାଟିଏ ଲୋ, କଥାଟିଏ !··· । ୩ ।
ଲୁନ—(ଗୀତ) ଧାନୁଭାଇ କହିବୁ ସତ—
ମୋର କଥା ତୁ କହୁ ନାହୁଁ ତ !
ଛଡ଼େଇଲେ ମୋତେ ଜାଣିଥା କହୁଛି
ସତ ସତିକା କାନ୍ଦିବି ମୁଁ ଭେଁ···ଭେଁ···
ଧାନୁ—(ଗୀତ) ଆହା ଲାଜକୁଳି ଲତାଟିଏ ଲୋ—କଥାଟିଏ ।୪।
ଧାନୁ—(ଗୀତ)—ଓଃ, ନାଡ଼ ନାଡ଼ ଦଣ୍ଡ          ବଇଠକ ମାରେ—
ମୁଦୁଗର ଟେକ ପଞ୍ଜ ସେ କରେ ।
ଖାଏ ଚଉକଷ-          ଶୁଏ ଘୁରି ଚିତ
ନଦ ନ ଭାଙ୍ଗେ ତା'          ଚଢ଼ିଗଲେ ହାତୀ—
ମାଲଟିଏ ଭଲ ମାଲଟିଏ ସେ ତ
ନିପଟ ହୁଣ୍ଡା ସେ ଦନ୍ତାଟିଏ ଲୋ—
କଥାଟିଏ···। ୫ ।

(ଗୀତ) ପର ବାସେ ଥାଏ ପର ମୁଣ୍ଡ ଖାଏ—
ପରବୋଲା ସେଇ ପରପଞ୍ଚଟି !
ନିଜ ସ୍ୱାମୀପାଶୁ ନ ପଡ଼ୁରେ ଝନେ—
ନ ବଢ଼ାଏ କେବେ ଟଙ୍କା ପାଞ୍ଚଟି !
ସେ ନୂଆ ଭଉଣୀ, ଲୁହ ଗୁମୁରଣୀ—
(ସେ) ଝୁରି ଝୁରି ହେଲା ବଟାଟିଏ ଲେ—
କଥାଟିଏ··· । ୭ ।

ଲୁନ– (ଡାକୁଥାଇ) ଆରେ ଘାନୁ ଭାଇ ! ଉଁ···ଉଁ···ଉଁ···(ଘାନୁର ପ୍ରସ୍ଥାନ) ହଉ, ରହୁଥା—ବୋଉକୁ କହୁଚ ।

ପାଙ୍କଣ—(ପ୍ରବେଶି) ଶୁଣିଲୁଟି; ଶୁଣିଲୁଟି; ଲୁନା ?

ଲୁନ—କ'ଣ ବୋଉ ?

ପାଙ୍କଣ—ଆଲୋ ସେଇ ହାର କଥା ମ !

ଲୁନ—ଗୋସେଇଁ ସିନା ସେମିତିକା ଲୋକ ବୋଲି କଥାଟାକୁ ଚପେଇ ଦେଲେ—

ପାଙ୍କଣ—କ'ଲୋ ହୁଣ୍ଡି, ଚପେଇ ଦେଲେ କ'ଣ ? ଏଇ ଗହଣା କ'ଣ ନୂଆ ହେଇ ଦାଣ୍ଡକୁ ଯାଇଚ ! ଜଗତ ଜାଣିଲା ନାଇଁ ଯେ ମହତ ପାଣିରେ ପଡ଼ିଲା । ଦଶଖଣ୍ଡ ପର ଯାଇଥିବ, ଏଇ ଗୋଟାଏ କଣ ?

-ନା, ଏଇଟା ଭଲ କଥା ନୁହେଁ, ଆମ ଘର କଥା ବାହାରେ ବାହାର ହବ – ଗାଁ ଲୋକେ ସଭିଏଁ ଆମକୁ ଛି ଛି କରିବେ-ଲୁ ନୂଆବୋଉଙ୍କୁ ପଚାରି ବୁଝ —ସବୁ କଥା ମୁକାବିଲା ହେଉ ।

ଙ୍କଣ – ଆଲୋ ବୋହୂ, ବୋହୂ ! ଆଡ଼କୁ ଆସିଲୁ— ! (ଗୀତା ଆସିଛନ୍ତି) ପୁଅକୁ ତୁ ଇମିତି କ ଔଷଧ ଦଉଚ ଶୁଣେ ?

ଗୀତା—କାହିଁକି କୋଉ ?

ପାର୍ବତୀ—ନାହିଁ, ଟଙ୍କା ଗୁଡ଼ାକ ପାଣି ପରି ଖର୍ଚ୍ଚ ହଉଚି ଯେ, ମୁଁ ସେଇ କଥାକୁ ପଚାରୁଚି ।

ଗୀତା—କିଏ ଖର୍ଚ୍ଚ କରୁଚି !

ପାର୍ବତୀ—ତତେ ମୁଁ ଏତେ ପରମାଣ ଦେଇ ପାରିବିନି—ଗହଣା ଗୁଡ଼ାକ ସବୁ ଖଣ୍ଡ ଖଣ୍ଡ କରି କିଏ କିଏ ମତେ ଫେରି ଆଖି ଦେଖେଉଚୁ !

କୁନ—(ହାର ଦେଖାଇ) ଏଇ ହାର ତୁମର ନୁହେଁ ।

ଗୀତା—ହଁ, ମୋର ।

କୁନ—ଘର ଭିତରୁ ବାଣ୍ଡକୁ କିମିତି ଗଲା ।

ପାର୍ବତୀ—ଗଲା ବୋଲି ଏକଦମ ଗୋସେଇଁଙ୍କ ହାତକୁ ଗଲା ! କଣ ସେ ଆଜି କହିଗଲେ ଶୁଣିଲୁ ତ ?

କୁନ—ହଁ, କହିଲେ ଏ ଘର ଇଜ୍ଜତ ବାଣ୍ଡରେ ପଡ଼ିଲା ।

ଗୀତା—ପୁଅ ସକାଶେ ମୁଁ ବାଧ୍ୟ ହୋଇଥିଲି କୁନ, ଗହଣା ଥାଇ ମୋର କ'ଣ ହବ ?

ପାର୍ବତୀ—ଗେରସ୍ତ ଘର ବୋହୂ...କୁଳକୁ ଘାଉ...ଦେଖେଲେ! କୁନା, ବୋହୂ ପଚାରୁଚନ୍ତି ଗହଣା ଥାଇ କ'ଣ ହେବ !

କୁନ—ଫେର୍ ଧାନୁଭାଇ ହାତରେ ଏ ବେପାର ଚାଲିଚି—

ପାର୍ବତୀ—ଆସୁ ସେ ଧାନା, ତା ମୁହଁ ଭାରି ବଢ଼ି ଯାଇଚି । ଖାଇବାକୁ ଦେଇ ଏଠି ରଖେଇଲାକୁ—ନା, କୋଉ କୁଳକୁ ସେ ହବ ନାହିଁ ! ଦେ, ସେ ହାର ମତେ ଦେ—ମନ୍ ଯେବେ ଫେରିଆସେ ମୁଁ ତାକୁ ଦେଖେଇବି ଘରଯା ଗୁଣ ଆପଣା ଆଖିରେ ଦେଖିବ ।

ଗୀତା — ଟଙ୍କା ତ ନହାନ୍ତି ଦରକାର ବୋଉ, କବିରାଜେ ଆଜି ଔଷଧ ଦେଇ ନାହାନ୍ତି । ଭାଇ ଯୋଉ ଔଷଧ ପଠେଇ ଥିଲେ ସେ ବି ସରିଲାଣି···ଟଙ୍କା ନ ହେଲେ···

ାବଂଶୀ — ଔଷଧ ପେଇ ପେଇ ପିଲାଟାକୁ ତୁ ସାରିଲୁ ! ଲୋକଙ୍କର ଗଣ୍ଡା ଗଣ୍ଡା ପିଲା ରୋଗରେ ପାଣି ହଉଚନ୍ତି, ତୋ ଭଳିଆ ଏ କାଳ ମହର୍ଗରେ କିଏ ଏତେ ଔଷଧ ଗିଳଉଚି କହିଲୁ !

ୀତା — ବୋଉ !

ବଂଶୀ — ଖବରଦାର୍ ! ଯାହା କରୁଚୁ ପଛକେ କର ହେଲେ ଏ ସବୁ କଥା ଆଉ ଜଣେ ଯେମିତି ନ ଜାଣେ । ଘରର ମହତ ପଦାରେ ପଡ଼ୁଛି—ଲୋକେ କହୁଚନ୍ତି, ମହାପାତ୍ର ଘର ଭଙ୍ଗଣା ବସିଲେ । ଛି,ଛି, କୁଳ କୁଟୁମ୍ବ ସମସ୍ତଙ୍କ ଲାଜ ! ( ବାହାରେ ଡାକବାଲାର ପାଟି ଶୁଭିଲା ) ଶୁଣିଲୁ କୁନା, କିଏ କଣ କହୁଛି । ହଉ, ତୁ ଆଉ ଛିଡ଼ାହେଲୁ କାହିଁକି ! ଯା—(ଗୀତାର ପ୍ରସ୍ଥାନ । କୁନା ବାହାରକୁ ଯାଇ ଫେରି ଆସିଲା)

ନ — ବୋଉ ଲୋ ବୋଉ, ଡାକବାଲା ଆସିଚି ।

ାବଂଶୀ — ତୋ ଶାଶୁ ଘରୁ ଚିଠି ଆସିଚି କି'ଲୋ ?

ନ — ନାହିଁ ମ, ସତିଶ ଟଙ୍କା ଆସିଚି—ବ୍ରଜ ଭାଇ ମଣିଅଡ଼ର କରି ପଠେଇଚନ୍ତି ।

ାବଂଶୀ — ଭଣଜା ଏକୋଇଶିଆକୁ କନା ଗୁଖଣ୍ଡେ ମିଳୁନି, ଆଉ ଆଜି ମତେ ଦେଖଉଚି ଟଙ୍କା ! ଯା, ଡାକବାଲାକୁ ମନା କରିଦେ'—ଓ୍ୟାପସ ନେଇ ଯାଉ ସେ ଟଙ୍କା !

ଦର୍କାର ନାଇଁ—ଯା, କଣ୍ଟେ ଯାଉଚୁ ? ( କୁନର ପ୍ରସ୍ଥାନ । ବାହାରୁ ଘନୁ ଆସିଛି ) ମତେ ଦେଖାଉଚି ଟଙ୍କା— !

ଘନୁ—ଆଲୋ ଅପା, ନୂଆବୋଉ କୁଆଡ଼େ ଗଲେ ? ବ୍ରଜଭାଇ ଟଙ୍କା ପଠାଇଚନ୍ତି ।

ପାଙ୍କଣି—ତୋର ସେ ଟଙ୍କାରେ କଣ ଅଛି ?

ଘନୁ—ତମୋର ସିନା ନାଇଁ, ତୋର ତ ଅଛି ?

ପାଙ୍କଣି—ନା, ସେ ଟଙ୍କା ମୁଁ ଫେରେଇ ଦେଲି ।

ଘନୁ—ଫେରେଇ ଦେଲୁ ! ଭଲ କଲୁ ଅପା, ଭଲ କଲୁ—

ପାଙ୍କଣି— କ'ଣ କହିଲୁ !

ଘନୁ—ଖୁବ ଭଲ କଲୁ । ବୃକଣ୍ଡି ବାବଦରେ ବ୍ରଜଭାଇଙ୍କର କେତେ ଟଙ୍କା ପାଇବାର ଥିଲା···ତେଣୁ ଟଙ୍କା ପାଇ ସେ ବୋଧେ ପଠେଇଥିଲେ । ତାଙ୍କ ଟଙ୍କା ତାଙ୍କ ପାଖକୁ ଫେରି ଗଲା ଭଲ ହେଲା । ବାକି ଅପା, ମନୁଭାଇ । ଫେରି ଆସିଲେ ଏଇ କଥା ଗୁଡ଼ାକ ଯେତେବେଳେ ଶୁଣିବ ତମକୁ ସବୁ କଣ ବୋଲି ଭାବକ କହିଲୁ !

ପାଙ୍କଣି—ମୋ ଘର କଥାରେ କଥା କହିବାକୁ ତୁ କିଏ ରେ ! ପୋଡ଼ାମୁହାଁ ?

ଘନୁ—ତତେ ତ ମୁଁ ପର ବୋଲି ଭାବେ ନା ଅପା ।

କୁନ—ଡାକବାଲା ଚାଲିଗଲା ବୋଉ । ଘନୁଭାଇ, ଦେଖିଲୁ ଏ ବଠଫଳ ମୋ ହାତକୁ କେମିତି ହେଉଚି ।

ପାଙ୍କଣି—ପର ବୋଲି ତ ଭାବୁନୁ, ସାତପର ଭଳିଆ ଚୁଗୁଲି ଗାଇ ବୁଲୁଚୁ କିମିତି ।

ଘନୁ—ସମ ବୋଲ । ମୁଁ ତୋ ନାଁ ରେ ଚୁଗୁଲି ଗାଇ ବୁଲୁଚି, ଏ ଚୁଗୁଲି ତୋ ଆଗରେ କିଏ ଗାଉଚି ଅପା ?

।ବଂଶୀ — ତା’ ନହେଲେ ଗୋସେଇଁ ମହାପ୍ରଭୁ କେମନ୍ତ ଶୁଣିଲେ ?

ନୂ — ଗୋସେଇଁ ମହାପ୍ରଭୁ ଗୋଟିଏ ଗୁଲଖୋର — ଅଫିମ ଖାଆନ୍ତି ଚୂଗୁଲ କରନ୍ତି । ଗୋଟିଏ ଜନ୍ତୁ ସେ —

ନ — ଧନାଭାଇ; ତୁ କେଡ଼େ କଥା କହିଲୁ । ଗୋସେଇଁ ମାହାପ୍ରଭୁ ଶୁଣିଲେ···

ନ — ଓହୋ, ଫାଶୀ ଦେଇଦେବେ ! ଟଡ଼ାକାଟି ଦୁନିଆକୁ ଟଡ଼ା କାଟିବା ବୁଦ୍ଧି ଏ କପିଳ ଗୋସେଇଁଙ୍କଠି ଯେତେ ଅଛି, ଆଉ କାହାଠି ନାହିଁ — ଷୋଳ କଳାରେ ପରିପୂର୍ଣ୍ଣ ।

ବଂଶୀ — (ବାଗରେ) ଧନା, ତୋ ମୁଣ୍ଡ ବିଗିଡ଼ ଯାଇଚି କିରେ ?

ନୂ — ନା, ମୋ ମୁଣ୍ଡ ନୁହେ ତମ ମୁଣ୍ଡ ।

ନ — ନୂଆକୋଉର ଗହଣା ଗୋସେଇଁଙ୍କ ହାତକୁ କିମିତି ଗଲା ?

ନୂ — ବହୁତ ପଇସା କାଢ଼ିବନି ନୂଆବୋଉ ତା ପିଲାର ଚିକିତ୍ସା କରେ କିମିତି ? ମାଇପି ବୁଦ୍ଧି, ଯାହାଠିକି ବୋଲି ବିଶ୍ୱାସ ସେଇଥିପା କଲା ?

। — ଶୁଣିଲୁ ବୋଉ, ଯେତେ ସବୁ ନାଟର ଗୁରୁ ଏଇ ଧନାଭାଇ !

— ହଁ, ଧନାଭାଇ ଗରିବ, ନାଟର ଗୁରୁ କହ କା ଯାହା କହ ! ବାକି ଗରିବ ନୂଆବୋଉ କଥା ଟିକିଏ ବୁଝ ।
( ବ୍ରୁନ ଖଟେଇ ହୋଇ ପ୍ରସ୍ଥାନ କଲା । )

।ଶୀ — ଆମେ ସବୁ ଚୋର ପର ହେଲୁ, ନୂଆବୋଉଠି ଚୋର ଏତେ ମାୟା ! ହଁ, ରେ ଧନା —

— ସେଇ ମାୟା ଟିକକ ଲଗେଇ ଭଗବାନ ମଣିଷକୁ କ’ଣ ନ କରିଚନ୍ତି କହିଲୁ ଅପା ! କେଳେ କେଳେ ଭାବେଁ, ମାୟା ଯଦି

ଦୁନିଆରେ ନ ଥାନ୍ତା···ମୋ ଭଳି ଅଘଣ୍ଟଟାଏ କେମିତି ଚଳୁଥାନ୍ତା ! ଘରଦ୍ୱାର ନାହିଁ, କେଣ୍ଟ ନାହିଁ···

ପାର୍ବତୀ—ତୁ ମୋ ବାପ ଘର ନାଁ ବୁଡ଼େଇଲୁ ।

ଘାନୁ—ଏକା କଥା । ମୋ ଛଡ଼ା ତୋ ବାପ ଘରେ ଆଉ କେ ଅଛି । ମୁଁ ନ ଥିଲେ ତୋ ବାପ ଘର ନାଁ ବୁଡ଼ିଥାନ୍ତା ମୁଁ ଏବେ ଥାଇ କରି ବୁଡ଼ୁଚି—ସେଇ ଏକା କଥା ।

ପାର୍ବତୀ—ହଇରେ, ବାହା ସାହା ନ ହେଇ ସବୁଦିନେ ତୁ ଇମିତି ଠଙ୍ଗ ଠଙ୍ଗ ହେଇ ବୁଲୁଥିବୁ ?

ଘାନୁ—ଏକା କଥା । ବାହା ହେଇ ଯାହା ବାହା ନ ହେଇ ସେଇଯା । କୁନାଟାକୁ ତ ବାହା ଦେଇ ଘରେ ବସେଇଚୁ ।

ପାର୍ବତୀ—ଘାନା ।

ଘାନୁ—ଏମିତି ବୁଲିବାରେ ଯୋଉ ମଜା, ତୁ କୁଆଡ଼ୁ ଜାଣିବୁ ଅପା । ଚିନ୍ତା ନାହିଁ, ଦକ ନାହିଁ, ଭାବନା ନାହିଁ, ଯୋଉଁଠି ପହଞ୍ଚିଲି ସେଠି କୁଣିଆ । ଆଉ ବାହା ହବା କଥା କହୁଚ ଯେ, ମୁଁ ବାହା ହେଲେ ଦୁନିଆରେ ବାହା ନ ହେଲା ଲୋକ କିଏ ରହିବ ?

ପାର୍ବତୀ—ଘାନା, ମୁଁ ଉଚ୍ଚେ କାନେ କାନେ କହୁଚି ରେ, ଏ ବାସୁର ଢଙ୍ଗ ଗୁଡ଼ା । ମୁଁ ବଞ୍ଚି ଥାଉଁ ଥାଉଁ କିମିତି ମଣିଷ ହବୁ, ଗୁଡ଼ିଏ ବର୍ଷାଏ ଚୋର ହବ, ବାହା ସାହା ହବୁ ମୋ ବାପ ଘର ଅଂଶ ରହିବ—ଏଇଆ ମୁଁ ଖାଲି ଭାବୁଚି

ଘାନୁ—ସବୁ ମୁଁ ବୁଝୁଚି ଲୋ ଅପା— ।

ପାର୍ବତୀ—ଛେନା ଗୁଡ଼ ବୁଝୁଚୁ । ବୁଝୁଥିଲେ ଏମିତି ଅମଣିଷ ହୁଅନ୍ତୁ

ପାନୁ—ମୁଁ ମଣିଷ ହେଲେ ମୋ ଭଲଆ ଅମଣିଷଙ୍କ ଅବସ୍ଥା କ'ଣ ହବ
ମୁଁ ଖାଲି ସେଇ କଥା ଭାବୁଚି ଅପା !

ପାବଂଣ୍ଠି— ଉଁ ! ହଉ ଆ, ଆ—( ଯାଉଁ ଯାଉଁ ଫେରି) ହଇରେ ଜୋଇଁଙ୍କ ସାଙ୍ଗରେ ଦେଖା ହେଲା ? କୁନା କଣ ସବୁଦିନେ ମୋର ପାବଂଣ୍ଠି ଭାବିଥିବ—ତା' ଖବର କିଛି ବୁଝିବେ ନାଇଁ !

ପାନୁ—କାଇଁକି, ସେ ତ ଏଠି ଖାଇ ପିଇ ବେଶ୍ ଭଲ ଅଛି ।

ପାବଂଣ୍ଠି—ଜୋଇଁ ଦେଖା ହେଲେ ?

ପାନୁ—ନାଇଁ, ମୋ ଯିବା ଖବର ଶୁଣି ଲୁଚିଲେ । ଆଉ ତାଙ୍କ ବ୍ୟବସାୟ ବୃତ୍ତି ଯାହା ଶୁଣିଲି ସବୁ ରାଜ୍ୟଛଡ଼ା, ଦୁନିଆ ବାହାର କଥା । କି ଗୋଟାଏ ମାଗଣା ଏଜେଣ୍ଟ ହେଇଛନ୍ତି !

ପାବଂଣ୍ଠି — କି ଏଜେଣ୍ଟ !

ପାନୁ—କେଜାଣି ବାବୁ ଏଜେଣ୍ଟ କି ପ୍ରେସିଡ଼େଣ୍ଟ ! ବୁଝିଲୁ ଅପା, ଝିଅଟା ତୋର ଯେମିତି ମଣି, ଜୋଇଁଟାଏ କରିଚୁ ସେମିତି ହୀରାର ଖଣି !

ପାବଂଣ୍ଠି—ଘରକୁ କଣ ଆସିବେ ନାଇଁ ସେ ?

ପାନୁ—ନା, ବ୍ରହ୍ମଗୃହ ପାଲଟି ଗଲେଣି !

ପାବଂଣ୍ଠି — ବ୍ରହ୍ମଗୃହ··· ?

ପାନୁ—ହଁ, ଶୀଳାଗୃହ ! ମାଲ— ! ଉଦ୍ଦେଲମାନ !

ପାବଂଣ୍ଠି — ଏଇଗୁଡ଼ାକ ଖୁବ୍ ଶିଖିଚୁ ! ଛିଃ, ଛିଃ ! ! ଆ; କହୁଛି ଆ — ( ପ୍ରସ୍ଥାନ )

ପାନୁ—କହୁଛି ଆଉ କ'ଣ ? ଦେଖିଲି ତ ଝିଅ ଜୋଇଁ ହଲେ ଚୋ'ର !

କୁନ—( ଆସି ମୁଣ୍ଡରେ ଖୋସିଥିବା ଫୁଲ ଦେଖାଇ ) ଦେଖିଲୁ ଖାନାଘର କେମିତି ହେଉଛି— ! ( ଘାନୁ ମୁଣ୍ଡଟାକୁ ସୁଦ୍ଧି ପକାଇଲା ଆଗ୍ରହରେ )

---

## —ଏକାଦଶ ଦୃଶ୍ୟ—

(ଅଜିତ ବାବୁଙ୍କ ଘର — ପରଦା ଉଠିଲା ପରେ ଦେଖାଗଲା ପାର୍ଟି ଉଦ୍ଦେଶ୍ୟରେ ଅଭିନବ ସାଜସଜ୍ଜା । ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ନୃତ୍ୟ ଗୀତର ବିବିଧ ଆୟୋଜନ । ଅନ୍ତରାଳରେ କୋଳାହଳ ଶୁଭୁଥାଏ । ରଞ୍ଜନା ଦେବୀ ଅତିଥିମାନଙ୍କର ଯତ୍ନ ନେବାରେ ଲାଗିଛନ୍ତି । ମଣ୍ଡପରେ ନୃତ୍ୟରତା ଝିଅଟିଏ । ନୃତ୍ୟ ଶେଷ ହେଲାବେଳକୁ ଆସିଲେ ବସନ୍ତ । )

ବସନ୍ତ — ( ଅତିଥିମାନଙ୍କ ପ୍ରତି ) ଆପଣମାନେ ଆସନ୍ତୁ । The table is ready. Others are waiting, ଆସନ୍ତୁ — ( ସମସ୍ତଙ୍କୁ ନେଇ ଚାଲିଗଲେ । ରଂଜନା ଆସି ସିଡ଼ି ଉପରକୁ ଯାଉଁ ଯାଉଁ ଡାକିଲେ । )

ରଞ୍ଜନା—ଶିପ୍ରା ! ଶିପ୍ରା !···

ଅଜିତ—( ଆସିଲେ ) ଦେଖିଲ ରଂଜନା, ଏତେ ସମୟ ଅପେକ୍ଷା କରି ମଧ୍ୟ ବ୍ରଜବାବୁଙ୍କର ଦେଖାନାହିଁ । ଗାଡ଼ି ଫେରିଲା— ଡ୍ରାଇଭର ଆସି ଖବର ଦଉଛି । ବାବୁ ଘରେ ନାହାନ୍ତି ।

ରଞ୍ଜନା—ମୁଁ ଜାଣିଥିଲି, ବାବୁ ଆସିବେନି—

ଅଜିତ—ଜାଣିଥିଲି···ମାନେ ?—

ରଞ୍ଜନା—କିମିତି ଆସିବେ ? ସହରର ବିଶିଷ୍ଟ ମାନ୍ୟଗଣ୍ୟ ଲୋକେ ଆସିଛନ୍ତି । ବ୍ରଜବାବୁ ଆସିଲେ ତାଙ୍କର ସମ୍ମାନ ନଷ୍ଟ ହେଇଯିବ ନାହିଁ ?

ଜିତ—ମାନ୍ୟଗଣ୍ୟ ଲୋକଙ୍କ ସଂପର୍କରେ ଆସିଲେ ସମ୍ମାନ ନଷ୍ଟ ହବ ! କଣ ତୁମେ କହୁଚ ରଂଜନା ?

ଞ୍ଜନା—ଅବଶ୍ୟ ଏ ଭଳି ପାର୍ଟିକୁ ଯେ ରାଜସୂୟ ଯଜ୍ଞ ଆଖିରେ ଦେଖିବ—

ଜିତ—ବ୍ରଜବାବୁ କଳାକାର । ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂପର୍କରେ ଆସିଲେ ବା ସେମାନଙ୍କ ସହିତ ପରିଚିତ ହେଲେ…… ବ୍ରଜବାବୁଙ୍କ ପକ୍ଷରେ ଏଇଟା ନିଶ୍ଚୟ ଅଗୌରବର କଥା ନୁହେଁ !

ଞ୍ଜନା—ବିଶିଷ୍ଟ ଧନବାନ୍ ବ୍ୟକ୍ତିଙ୍କୁ ବ୍ରଜବାବୁ ରୀତିମତ hate କରନ୍ତି ଯେ— !

ଜିତ—କାହିଁକି ? (ବିସ୍ମିତରେ)

ଞ୍ଜନା—ନହେଲେ ଆସି ନ ଥାନ୍ତେ କାହିଁକି ! କମ୍ବା ହୁଏତ କୌଣସି Presentation ଦବାକୁ ପଡ଼ିବ, ଏଇ ଭୟରେ···(ଭିତରେ କୋଳାହଳ)

ଜିତ—ହଉ ତୁମେ ଆସ । ମିସେସ୍ ଚୌହାନ୍ ସେଠି ତୁମ ପାଇଁ ବଡ଼ ଅସ୍ଥିର ହୋଇ ପଡ଼ିଛନ୍ତି । (ପ୍ରସ୍ଥାନ)

ଞ୍ଜନା—ଶିପ୍ରା—!

ପ୍ରା—(ଓହ୍ଲାଇ ଆସ ଲେ) କ'ଣ ନୂଆ ଖବର ?

ଞ୍ଜନା—ବ୍ରଜବାବୁତ ଆସିଲେ ନାହିଁ, ଆସ ତୁମକୁ guestମାନଙ୍କ ସଂଗରେ ଟିକିଏ ପରିଚିତ କରାଇ ଦିଏଁ —

ପ୍ରା—ଲାଭ କ'ଣ ହବ ନୂଆ ଖବର ?

ଞ୍ଜନା—ଏ ପ୍ରଶ୍ନର ଉତ୍ତର ଦବାକୁ ହେଲେ ଏ ଯୁଗର ସଭ୍ୟତା ସମ୍ବନ୍ଧରେ ପଦେ ଅଧେ କହିବାକୁ ପଡ଼ିବ !

ଶିପ୍ରା — ଯୁଗର ସଭ୍ୟତା ଯା'ହେଉ, ଭଦ୍ରତା ସମ୍ବନ୍ଧରେ ମତେ କ
ଜଣାଅଛି !

ରଞ୍ଜନା — ତାହେଲେ ତୁମର ଏ ବ୍ୟବହାର ଭଦ୍ରତାର କୋ
ପର୍ଯ୍ୟାୟରେ କହି ପାରିବ ?

ଶିପ୍ରା — ଅପରିଚିତ ଭଦ୍ରଲୋକମାନଙ୍କ ଆଗେ ସାମ୍ନାରେ ମୁଁ ସା
ଛୁଡ଼ା ହେବାଟା ଏ ଯୁଗ ସଭ୍ୟତାର ଯେଉଁ ପର୍ଯ୍ୟାୟର ଦ
ପର୍ଯ୍ୟାୟରେ ନିଶ୍ଚୟ ନୁହେଁ ।

ରଞ୍ଜନା — କିନ୍ତୁ ସେମାନେ ସମସ୍ତେ ତୁମର ହିତକାଂକ୍ଷୀ, ତୁ
ଭାଇଙ୍କର ମଧ୍ୟ । ସେମାନଙ୍କର ଆଦର, ଅଭ୍ୟର୍ଥ
ଆମ୍ଭମାନଙ୍କ ସାଧାରଣ ଭଦ୍ରତାର ବିଶେଷ ଅଂଗ !

ଶିପ୍ରା — ତୁମର ବା ଭାଇଙ୍କର ଯୋଉମାନେ ବନ୍ଧୁ ସେମାନଙ୍କୁ
ଆପ୍ୟାୟିତ କରିବ — ଏଇ କଥାଟା ମୋ ପ୍ରତି ପ୍ରଚ୍ଛ
ବ୍ୟଂଗ ନୁହେଁ କି ନୁଆବୋଉ ?

ରଞ୍ଜନା — ସବୁବେଳେ ମତେ ଅପମାନିତ କରିବାର ଚେଷ୍ଟା କ
ନାଇଁ ଶିପ୍ରା । [ଆହତା ହୋଇ]

ଶିପ୍ରା — ତୁମ ମାନ୍ ରଖି ମୋ ମାନ୍ ବା ମୁଁ ତଳେ ପକେଇ ଦେ
କିମିତି ?

ରଞ୍ଜନା — ଅ-ର୍ଥା-ତ୍ ?...

ଶିପ୍ରା — ତୁମେ ବିବାହିତ, ତୁମ ପରି ମୁଁ ଯାଇ ମାନ୍ୟାସ୍ପଦ ଅତିଥି
ମାନଙ୍କ ସହିତ ଅବାଧ ମିଳାମିଶା କରିବି; ସେମାନ
ସହିତ କଥାବାର୍ତ୍ତା କରିବି ! କାଇଁକି ତୁମେ ନିଜର ଦୁନି
ପରି ସମସ୍ତିଙ୍କର ଦୁନିଆକୁ ଦେଖୁଚ ନୁଆବୋଉ
ତୁମର ସୌଖୀନ୍ ସ୍ୱପ୍ନ ଭିତରକୁ ମତେ ଟାଣି ତୁମ
ବିଶେଷ କିଛି ଗୌରବ ବଢ଼ିବ ନାଇଁ !

ଞ୍ଜନା — କିନ୍ତୁ ତୁମ ଗୌରବ ତ ବଢ଼ିପାରେ । ସେମାନେ
ସମସ୍ତେ ଜାଣିବେ, ତୁମେ ଏଇ ଘରର ଝିଅ — ଆଉ ଜଣେ
ବିଶିଷ୍ଟ କଳାକାରର ସ୍ତ୍ରୀ !

ପ୍ରା — ଜଣେ ଦରିଦ୍ର କଳାକାରର ସ୍ତ୍ରୀ ହିସାବରେ ତୁମେ ଏଇ
ଘରର ଝିଅକୁ ଜବରଦସ୍ତି ଚଢ଼ାଇବାକୁ ଚାହଁ ଅଥଚ
କହୁଚ ଗୌରବ ବଢ଼ିବ ! ଏଇ ରୂପ ନେଇ ସେମାନଙ୍କ
ଆଗରେ ଛିଡ଼ା ହେଲେ ତୁମେ ବୋଧହୁଏ ଖୁବ୍ ଆନନ୍ଦ
ପାଇବ ···ନା !

ଞ୍ଜନା — ( ଉତ୍ତେଜିତ କଣ୍ଠସ୍ୱର ) ଶି-ପ୍ରା — ?

ପ୍ରା — ତୁମର ଅତିଥିମାନେ ମୋର ପରିଚୟ ପାଇବାକୁ କାହିଁକି
ବ୍ୟାକୁଳ, ସେ କଥା ମୁଁ ଜାଣେନା, କିନ୍ତୁ ସେମାନଙ୍କୁ
ନିରାଶ ହେବାକୁ ହେବ ! ମୁଁ ମୋ ସ୍ୱାମୀଙ୍କ ମାନ, ମହତର
ମୁଣ୍ଡ ବିକ୍ରେଇ ତୁମ ବନ୍ଧୁମାନଙ୍କ ଆଗରେ ନାଚି ଗାଇ
ପାରିବି ନାହିଁ ।

ଞ୍ଜନା — ଅକାରଣ ଆପଣା ସ୍ୱାର୍ଥର ମୁଣ୍ଡ ବିକ୍ରେଇ ଖାଅନି
ଶିପ୍ରା ! ସେମାନଙ୍କ ସହିତ ତୁମର ପରିଚୟ ହେବା ଫଳରେ
ତୁମ ସ୍ୱାମୀଙ୍କର କଲ୍ୟାଣ ହୋଇପାରେ । ବ୍ରଜନାଙ୍କୁ
କେବଳ ଦରିଦ୍ର ନୁହନ୍ତି, ବେକାର୍ !

ପ୍ରା — ସୁନ୍ଦର ତୁମର ଯୁକ୍ତି ନୂଆବୋଉ ! କିନ୍ତୁ ମୁଁ ଜାଣେ, ଭାଇଙ୍କର
କଲ୍ୟାଣ କିମ୍ବା ମୋର ମଙ୍ଗଳ କାମନା କରି ତୁମେ ଆଜି
ପାର୍ଟିର ଆୟୋଜନ କରିନା, ନିଜ ବଡ଼ଲୋକର ଅହଂକାର
ଦେଖାଇବାକୁ ତୁମେ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଚ !

ଞ୍ଜନା — ତୁମେ ତାହେଲେ ଆସିବନି ?

ପ୍ରା — ନା, ତୁମେ ଯାଅ — ( ଫେରି ଯାଉଥିଲେ )

ରଞ୍ଜନା—( ବାଧା ଦେଇ ) ଶୁଣ ଶିପ୍ରା, ଯିବାପାଇ ମୁଁ ତୁମକୁ ଆଦୌ ବାଧ କରୁ ନାହିଁ । ତୁମର ଇଚ୍ଛା ହେଲେ ଭଦ୍ରଲୋକମାନଙ୍କ ସହିତ ତୁମେ ଆଳାପ କରି ପାର ଅବା ନ କରି ପାର – ସେଥିରେ ମୋର କିଛି ଯାଏ ଆସେ ନା – କିନ୍ତୁ ମତେ ବିଦ୍ରୂପ କର –

ଶିପ୍ରା— (ବାଧା ଦେଇ ) ବିଦ୍ରୂପ ! ନା, ନୂଆବୋଉ ! ବରଂ ସବୁବେଳେ ତୁମେ ମତେ ଆଘାତ ଦବାର ଚେଷ୍ଟା କରିଚ !

ରଞ୍ଜନା – ଶିପ୍ରା !

ଶିପ୍ରା—ତୁମର ଖିଆଲ୍ ଚରିତାର୍ଥ କରିବାକୁ ତୁମେ ସ୍ବତନ୍ତ୍ର ଅତିଥିମାନଙ୍କ ଆଗରେ ମତେ ନେଇ ଛିଡ଼ା କରିବାକୁ ! କିନ୍ତୁ ଏ କଥା ତୁମର ମନେ ରଖିବା ଉଚିତ ନୂଆବୋଉ, ତୁମ ପରି high-heal ପିନ୍ଧି ସେମାନଙ୍କ ଆଗକୁ ଗଲେ ମୋ ବିବେକ ମତେ ବିଦ୍ରୂପ କରିବ ! ଅନ୍ୟ ଗୋଟିଏ ପରିବାରର ବଧୂ ହୋଇ ଅପରିଚିତ ଭଦ୍ରଲୋକଙ୍କ ଆଖି ଆଗରେ ଯାଇ ଛିଡ଼ା ହବା ମୋ ପକ୍ଷରେ ଅତି ଅସୁନ୍ଦର କଥା ହବ !

ରଞ୍ଜନା—ଶିପ୍ରା !

ଶିପ୍ରା—ବିବାହିତା ନାରୀର ଧର୍ମ୍ମ ସ୍ବୈର ନୁହେଁ !

ରଞ୍ଜନା—I see ! ତାହାଲେ ପୁରୁଷର ଦାସୀ ହୋଇ ରହିବା ସ୍ତ୍ରୀର ଧର୍ମ୍ମ,··ନୁହେଁ ।

ଶିପ୍ରା—ସ୍ତ୍ରୀ ପୁରୁଷର ଦାସୀ ନୁହେଁ, ନୂଆବୋଉ । ଘରର ଲକ୍ଷ୍ମୀ

ରଞ୍ଜନା – ଶି-ପ୍ରା । ।

ଶିପ୍ରା—ହଁ, ତୁମେ ଶିକ୍ଷିତା, ଆଧୁନିକା, ସ୍ବାଧୀନା ସବୁ ହୋଇପାର କିନ୍ତୁ ସ୍ବେଚ୍ଛାଚାରିଣୀ ହବା ତୁମ ପକ୍ଷରେ ସୁନ୍ଦର ନୁହେଁ ।

ଅଞ୍ଜନା—ସ୍ୱେ-ଚ୍ଛା-ଚ୍ଚ୍-ଣୀ । what do you mean ଶିପ୍ରା ?

ଶିପ୍ରା—ଭାଇଙ୍କର ଇଚ୍ଛା ବିରୁଦ୍ଧରେ ଏ ପାର୍ଟିର ଆୟୋଜନ କରି ନିଜେ ଯାଇ ଭଦ୍ରଲୋକମାନଙ୍କୁ ଜଣ ଜଣ କରି ଘରକୁ ନିମନ୍ତ୍ରଣ କରି ପୁଣି ସେମାନଙ୍କ ଆଖି ଆଗକୁ ନିତେ ଟାଣିବାର ଅର୍ଥ କ'ଣ ? ମୁଁ ସେଠିକି ଯାଏଁ ଭାଇ କ'ଣ ଏ କଥା ସମର୍ଥନ କରୁଚନ୍ତି ?

ଅଞ୍ଜନା—Stop ଶିପ୍ରା !

ଶିପ୍ରା—ଢ'ଣ୍ଡନର ଏ ଚକ୍ମକ ଦୁନିଆ ତୁମ ଆଖି ଝଲସେଇ ଦେଇଚି । ତୁମେ ଅନ୍ଧୁଣୀ ହୋଇଯାଇଚ । ସେଥିପାଇଁ ନିଜ ପର ସମସ୍ତଙ୍କୁ ନେଇ ତୁମେ party ରେ clubରେ, meetingରେ ପରିଚିତ କରାଇବାକୁ ଚାହୁଁଚ । ତୁମର ଏ ଘରୁ···

ଅଞ୍ଜନା—Shut up ! Shut up, ଶିପ୍ରା । ଯଥେଷ୍ଟ କହିଚ । ଏ ଘର ସମ୍ପର୍କରେ କିଛି କହିବା ଦରକାର ନାହିଁ । ନିଜ ଘର ସମ୍ପର୍କରେ ତୁମେ ସଚେତନ ରହିପାର । ଇସ୍, କି ଅଭଦ୍ରତା । ମୋର ଚଳିବା ରୀତି ଧାରା ଭିତରେ ତୁମେ ଏତେ କଦର୍ଯ୍ୟ ଚରିତ୍ରହୀନତାର idea କରିପାରୁଚ ? ସତେରେ ଶିପ୍ରା, ମୋ ସମ୍ବନ୍ଧରେ ତୁମେ ଏତେ ଛୋଟକଥା ଭାବିପାର···ମୁଁ ଜାଣି ନ ଥିଲି ।

ଶିପ୍ରା—ନୂଆବୋଉ !

ଅଞ୍ଜନା—ନା ନୂଆବୋଉ, ନୁହେଁ । ମୁଁ ତୁମକୁ ଆଜି ଠିକ୍ ଚିହ୍ନିଲି । ହଁ ମୋର ଐଶ୍ୱର୍ଯ୍ୟ ଦେଖି ତୁମେ ଈର୍ଷା କରୁଚ । ତୁମେ ନିହାତି mean—

ଶିପ୍ରା—କେବଳ meanness ନେଇ ମୁଁ ତୁମ ଐଶ୍ୱର୍ଯ୍ୟରେ ଦାଗ ବସେଇବାକୁ ଚାହୁଁନାହିଁ । ତୁମେ ଆଜ ମତେ ପଠେଇ ଦିଅ ମୋ ଭୁଂଗା କୁଡ଼ିଆକୁ—( ଆଖିରେ ଲୁହ )

ରଞ୍ଜନା—Go to hell, ଶିପ୍ରା । କିଏ ଖାତିର କରିଚି ତୁମର ଯିବା ଆଉ ଆସିବାକୁ । ଆଉ କଣ, ଏଇ ମୁହୂର୍ତ୍ତରେ ତୁମେ ଚାଲିଗଲେ ବି ମୁଁ ଟିକିଏ ଅନୁତାପ କରିବି ନାହିଁ ! ( ଆସିଛନ୍ତି ବ୍ରଜ ) ସମ୍ମାନ ଯେ ଦେଇ ଶିଖିନ, କୌଣସି ପ୍ରକାର ସମ୍ମାନ ମୁଁ ବି ତାଙ୍କୁ ଦେବାକୁ ରାଜି ନୁହେଁ, ହକଦାର ନୁହେଁ ସେ କୌଣସି ପ୍ରକାର ସମ୍ମାନ ପାଇବାକୁ । ମୋର ସୁଖର ସଂସାରରେ ନିଆଁ ଲଗେଇବା ମତଲବ ଯଦି ତୁମର ଥାଏ—ତୁମେ ବର୍ତ୍ତମାନ ଚାଲିଯାଅ !

( ବ୍ରଜର ପ୍ରବେଶ )

ବ୍ରଜ—ଆସ ଶିପ୍ରା, ମୁଁ ତୁମକୁ ନେଇ ଯିବାକୁ ଆସିଚି ! (ଶିପ୍ରାର ହାତ ଧରି ) ସେ ଦିନ ମୁଁ କହିଥିଲି, ଦକ୍ଷଯଜ୍ଞରେ ସତୀଙ୍କର ସେ ଶୋଚନୀୟ ଅବସ୍ଥା ତୁମେ ସହି ପାରିବ ନାହିଁ ! ଆସ ମୋ ହାତରେ ।

ରଞ୍ଜନା—ଓଃହୋଃ, ତୁମେ ତାହେଲେ ଆସିଯାଇଚ—?

ବ୍ରଜ—ଯଥା ସମୟରେ ଆସିଚି, ରଞ୍ଜନା ଦେବି ! ଭାବିଥିଲି ଆସିବିନି ବୋଲି, କିନ୍ତୁ ଆସି କିଛି କ୍ଷତି ହେଇନି ଦେଖୁଚି ! ଅନ୍ତତଃ ଅନେକ ଦୁଶ୍ଚିନ୍ତାରୁ ତୁମମାନଙ୍କୁ ରକ୍ଷା କରି ପାରିଚି !

ରଞ୍ଜନା—ନେଇଯାଅ ତୁମ ସହଧର୍ମିଣୀଙ୍କୁ— ! ଦରିଦ୍ର କଳାକାରର ସ୍ତ୍ରୀ···ଲକ୍ଷପତିଙ୍କ ଏଇ ମଖମଲ ଆସନରେ ବଡ଼ ଅସହ୍ୟ ହେଇ ପଡ଼ୁଚି ତାଙ୍କର ଏ ଦୈନ୍ୟ !

—( ହସି ହସି ) ଆହୁରି ଅସହ୍ୟ ହେଇ ପଡ଼ିଛି ତୁମର ଆଭିଜାତ୍ୟର ଅହଂକାର ! ରଞ୍ଜନା ଦେବୀ ! ଖୁବ୍ ଦେଖିଲି ତୁମ ସୌଖିନ ସଂସ୍କାରର ବୈଭବ, ଖୁବ୍ ଦେଖିଲି ତୁମ ପାର୍ଟିର ଆୟୋଜନ ! ଆସ, ଶିପ୍ରା—( ଶିପ୍ରାକୁ ନେଇ ଚାଲିଗଲେ ।)

ଞ୍ଜନା—ଯେତିକି ଆଜି ଦେଖିଲ, ସେ କେବଳ ଆରମ୍ଭ ବ୍ରଜବାବୁ ! ଆହୁରି ତୁମେ ଦେଖିବ—ଐଶ୍ୱର୍ଯ୍ୟ ଆଉ ଅହଂକାରର ଉଚ୍ଚ ଶିଖରରେ ଛିଡ଼ା ହୋଇ ମୁଁ ତୁମକୁ ଆହୁରି ଦେଖିବାର ସୁଯୋଗ ଦେବି ! This is the begining of the end ହା...ହା...ହା...ହା...

ଜବ—ସେ' କଣ କଲ ତୁମେ ରଞ୍ଜନା ? ଶିପ୍ରାକୁ ତୁମେ ଏଠୁ ଧକ୍‌କା ଦେଇ ବାହାର କରିଦେଲ ? ସେ ଯେପରିକି ଏ ଘରର କେହି ନୁହେଁ । ଇମିତି ଗୋଟାଏ ନଗଣ୍ୟ ଲୋକ ଧରି ଭଉଣୀ ମୋର ଚାଲିଗଲା ! କାହିଁକି...କାହିଁକି ଆଜି ଭଲ ଦିନଟାଏ ତୁମର ଜନ୍ମଦିନରେ ତାକୁ ତୁମେ ଇମିତି ଭାବରେ କ୍ଷତ ବିକ୍ଷତ କଲ ? ( କହି କହି ଆସିଲେ )

ରଞ୍ଜନା – ବେଶ୍ କରିଛି ! ( ପ୍ରସ୍ଥାନୋଦ୍ୟତା )

ଜ – ର-ଞ୍ଜ-ନା ! ଉଃ—

ଞ୍ଜନା—ହା...ହା...ହା...ହା । This is the begining of the end ! ହା...ହା...ହା... !

"ଵିଷ୍‌କନ୍ଟକ"

# ଦ୍ୱିତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

[ପ୍ରକାଶକ ପ୍ରକାଶ ବାବୁଙ୍କ ପ୍ରେସ ସଲଗ୍ନ ଅଫିସ । ପରଦ ଉଠିଲା ପରେ ଦେଖାଗଲା—ଖଣ୍ଡିଏ ସାଇନବୋର୍ଡ ଦେ ଦେଖି ଉତ୍ତେଜିତ ଭାବରେ ପଦଚାରଣ କରୁଥିଲେ ପ୍ରକାଶ ବାବୁ ]

ପ୍ରକାଶ—ହେ ଗଣପତି ! ଗଣପତି !

ଗଣପତି—( ଭିତରୁ ଆସିଲେ ) ମତେ ଡାକୁଚନ୍ତି ସାର୍ ( ଗଣପତି ହାତରେ ମୁଦ୍‌ଗର )

ପ୍ରକାଶ—Hopeless !

ଗଣପତି—କଅଣ ସାର୍ ?

ପ୍ରକାଶ—ତୁମ ଗଣ୍ଡି ଆଉ ମୁଣ୍ଡ । ହନୁମନ୍ତ ରୂପ ଯେମିତି, ତୁମର ବୁଦ୍ଧି ଟା ବି ସେମିତି ହନୁମାନ ପରି ।

ଗଣ—ସେ କ'ଣ ଖାଲି ଅନୁମାନ ସାର୍ ?

ପ୍ରକାଶ—ଡଫ୍‌ଫର ।

ଗଣ—କଲି ସାର୍ !

ପ୍ରକାଶ—ଏ ସାଇନ୍‌ବୋର୍ଡ ଲେଖେଇବାକୁ ତୁମେ ବରାଦ ଦେଇଥିଲ

ଗଣ—ଆଜ୍ଞା ।

ପ୍ରକାଶ — କଣ ଲେଖେଇଚ ?

ଗଣ—(ପଢ଼ି) "ପ୍ର-ପ୍ର-ଟୋ-ଭ" ସାର୍ ।

ପ୍ରକାଶ — ମାନେଟା ସ୍ୱାର କଣ ହେଲା ସାର୍ ? (ସ୍ୱଗତରେ)

ଣ—'ପ୍ରକାଶକ – ପ୍ରକାଶ ଚୌଧୁରୀ-ଭବନ Short cutରେ 'ପ୍ର-ପ୍ର-ଚୌ-ଭ । ଏ ଯୁଗଟା ସେମିତି ସର୍ଟକଟ୍ କ ନା ସାର୍ !

କାଶ—ଇଡ଼ିଏଟ । ମୁଁ କହିଥିଲି 'ଚୌଧୁରୀ ଭବନ' ଲେଖେଇବାକୁ, ତୁମେ ତୁମ ବୁଦ୍ଧିରୁ ସାମାନ୍ୟ ଟିକଏ ଖର୍ଚ୍ଚ କରି ଲେଖେଇ ଦେଲ ପ୍ର-ପ୍ର-ଚୌ-ଭ । ଓଲୁ କୋଉଠିକାର । କେତେ ଟଙ୍କା ନୁକସାନ କଲଚ ଏଥିରେ ?

ମୋଟେ ସାତ ଟଙ୍କା ଆଠଅଣା ସାର । ଚଳାଣେକ ହୋଲି ଅଳ୍ପ ଖର୍ଚ୍ଚରେ ଇମିତି କରି ହେଉଚି ।

କାଶ—ଖୁବ୍ ବାହା ଦୁରସ୍ତ କରିଚ । ତୁମରି ସକାଶେ ମୋ ପ୍ରେସ ବ୍ୟବସାୟ ରସାତଳକୁ ଗଲା । ( ରାଗରେ ପଠା ଖଣ୍ଡିକୁ କଚୁଡ଼ି ଦେଲେ )

ଣ—ଆଚ୍ଛା, ଭାଙ୍ଗି ଯିବ ସାର୍ ।

କାଶ—ଯାଉ, ତୁମେ ବସ ସେଇଠି—ଲେଖ । ମୁଦ୍‌ଗର ଉଣି କଲମ ଧର ।

ଣ—ଏ ଦୁଇଟାଙ୍କର କିନ୍ତୁ ସଦାବେଳେ ଭାରି ସହଯୋଗ ସାର୍ !

କାଶ—କୋଉ ଦୁଇଟାଙ୍କର ? (ବିସ୍ମିତ ଭଙ୍ଗି)

ଣ—ଏଇ କଲମ ଆଉ ମୁଦ୍‌ଗର ! ଗୋଟିଏ ମଡ଼ଉଇବ, ଛଡ଼େଇବ···ଅନ୍ୟଟି ଭାଙ୍ଗି ଚୂରି ସମତୁଲ କରିଦବ !

କାଶ—ମାନେ !

ଣ—କବିର ଲେଖାରେ କେଶ ହେଇଯାଏ ପାଗଳ, ଦୁଷମନ ହାତରୁ ଛଡ଼େଇ ଆଣେ ତା'ର ଶହ ଶହ ଯୁଗର ସ୍ୱପ୍ନ, ଶହ ଶହ ଚଳଉଥିବାର ନାଚ ଉଠେ—ଆଉ ମୁଦ୍‌ଗର··· ହେଁ-ହେଁ···

ପ୍ରକାଶ—(ଖାତାରେ ଟେବୁଲ ବାଡ଼େଇ) ଆଃ, ବନ୍ଦକର, ବନ୍ଦକର କନ୍ଦୁଛ—

ଗଣ—ଜଲ ସାର୍ !

ପ୍ରକାଶ—ଲେଖ—(ଚିନ୍ତା କରି) ହଁ, ଲେଖ । ଗୋଟାଏ ଚିଠି··· ହଁ, ଚିଠି ନୁହେଁ ତ ଆଉ କ'ଣ—ସାମାନ୍ୟ ଚିଠି ଖଣ୍ଡିକ ପାଇଁ ଗୋଟାଏ ଜୀବନର ଦୀର୍ଘ ଅଜ୍ଞାତ ବନବାସ···ପଞ୍ଚ-ପାଣ୍ଡବଙ୍କ ଅଜ୍ଞାତ ବାସ ପରି ସାରା ଜୀବନ ରହିଗଲା ଅପ୍ରକାଶିତ !

ଗଣ—ସତ କଥା, ସାର୍ !

ପ୍ରକାଶ—କ'ଣ ସତ ?

ଗଣ—ଏଇଲାଗେ ସେଇ ଚିଠି ଖଣ୍ଡିକ ହେଇଚି ମୋର ଆତ୍ମହତ୍ୟାର କାରଣ !

ପ୍ରକାଶ—( କାବା ହୋଇ) ଆତ୍ମହତ୍ୟା ?

ଗଣ—କରିବାକୁ ମୁଁ ବାଧ୍ୟ ସାର୍ !

ପ୍ରକାଶ—ମାନେ ?

ଗଣ—ସେଇ ଚିଠି କଥା ଆପଣ କେମିତି ଜାଣିଲେ···

ପ୍ରକାଶ—ମୁଁ ତୁମକୁ କେତେବେଳୁ Dictation ଦେଲିଣି, ତୁମେ ଏପର୍ଯ୍ୟନ୍ତ ଗୋଟାଏ ବୁନ୍ଦା ଦେଇ ନ' ! ଉଠ ତୁମେ,—ଗଧ କୋଉଠିକାର ! ମ୍ୟାଗାଜିନ୍ ପାଇଁ ମୁଁ ତୁମକୁ ଗୋଟାଏ କ୍ଷୁଦ୍ର ଗଳ୍ପର matter ଡାକୁଚି, ତୁମେ କିଛି ନ ଲେଖି ଆତ୍ମହତ୍ୟା କରୁଚ ! hopeless !

ଗଣ—ଆପଣ ନିଷ୍ଠୁର, ଖଗି ନାହାନ୍ତି ସାର୍ ! ( ହସି ହସି

ପ୍ରକାଶ—ଉଃ, କି ଦୁର୍ଯୋଗ ।

ଣ—ନା ସାର, ଦୁର୍ଯୋଗ କିଏ କହୁଛି । ଏଇ ତ ସୁଯୋଗ···
ମହା ସୁଯୋଗ ସାର । ପ୍ରେସ ରିପୋର୍ଟରଙ୍କୁ ଡାକିଲେ, ଏ
ପ୍ରେସ ଘରଟି ଏଠି ଗୋଟିଏ ବ୍ୟାୟାମଶାଳା କରନ୍ତୁ ।
ବ୍ୟାୟାମ ଶାଳ, ମୁଷ୍ଟିଯୋଦ୍ଧାମାନେ ଆସିବେ, ଆଗ୍ରହୀ ଯୁବକ-
ମାନେ ଆସିବେ—ଦେଶର ସ୍ୱାସ୍ଥ୍ୟ ଅତୁଟ ରହିବ, ଲୋକ
ଆପଣଙ୍କର ଜୟ ଜୟକାର କରିବ— ।

କାଶ—Hopeless – (ପ୍ରସ୍ଥାନୋଦ୍ୟତ)

ଣ—ମୋ ଚିଠି କଥା ପୁଣି କଣ ହେବ ସାର ? ମୋ ଚିଠି ସାର,
ଘରୁ ଆଜ ଆସିଛି ।

କାଶ—ଘରୁ ନା ଘରଣୀଙ୍କଠୁଁ ? ଗଣପତି । ତୁମ ସ୍ତ୍ରୀ ଅଷ୍ଟୁପ୍ତ
ତୁମକୁ ଯିବା ପାଇଁ ଲେଖିଚନ୍ତି ?

ଣପତି—ନ ଯିବା ପାଇଁ ସାର୍, ଯୁଦ୍ଧକୁ ନ ଯିବା ପାଇଁ ।

କାଶ – ମାନେ ? ତୁମେ ସ୍ତ୍ରୀ ଭିତରେ···

ଣପତି—ମିଲଟାରୀକୁ ଦରଖାସ୍ତ ପଠେଇଥିଲି ।

କାଶ—ମିଲଟାରୀ ?

ଣ—Navy sir !

କାଶ – ଏଇଠି ରହି ତୁମେ ଘେର ସ୍ତ୍ରୀ' ଭିତରେ navyକୁ
ବାହାରିଲଣି । ଇମିଡିଆଟ ଗଣ୍ଡ ବୁଦ୍ଧି ନେଇ ଯୁଦ୍ଧକୁ
ବାହାରିଚ । ନିତାନ୍ତ ଯଦି ସେ ଇଚ୍ଛା ଥିଲା, ବାହାଟିଏ
ହଉଥିଲ କାହିଁକି ?

ଣ—ମୁଁ ତ ହେଉ ନ ଥିଲି ସାର୍ ।

କାଶ—ହେଉ ନଥିଲ, ମାନେ ?

ଣ – ମୋର ଇଚ୍ଛା ନଥିଲା; ଧରି ବାନ୍ଧି ମତେ ସେଥିରେ ପକେଇ
ଦେଲେ –

ପ୍ରକାଶ — ପଚେଇ ଦେଲେ । କିଏ ତୁମକୁ ଧରି ବାନ୍ଧି ବେଯାଓ
ବସେଇ ଦେଲା ଶୁଣେ ?

ଗଣ — ମୋ ମନ, ସାର । ନ ହେଲେ ବୁଢ଼ିମା ବସ୍ତି ସବୁଦ
ଖାଲି ଲୁହ ଗଡ଼େଇଲା— । ନାସ୍ତିର ହେଇ ବାହା ହେଲ
ନ ହେଲେ ମୁଁ ଠିକ୍ ଜାଣେ—

ଗଣ — ଏ ନାସ୍ତି ସୃଷ୍ଟି ସକାଶେ ଦିନେ ସବୁ ଧ୍ୱଂସ ହେଇଯିବ
ନାସ୍ତି ମା' ଖାଇବ ବି ସେଇ !

ପ୍ରକାଶ — ଛି, ଛି, ଗୋଟାଏ born ପହେଲମାନ୍‌କୁ କିଏ ଝି
ଦେଇଛି କେଜାଣି ବାବୁ !

ଗଣ — କେଇ ନାହାନ୍ତି ସାର୍, ତାଙ୍କ ଘରେ ନେଇ ରଖେଇଚନ୍ତି
ବାପ ଘରେ ତାଙ୍କ ମା'ଙ୍କ ପାଖରେ ବେଶ୍ ଆରାମରେ
ଅଛନ୍ତି ।

ପ୍ରକାଶ — ସେ ଯାହା ହଉ, ତୁମର ତାଂକ କଥା ଶୁଣିବା ଉଚିତ

ଗଣ — ସେ ବି ଆମ କଥା ଖୁବ୍ ଅଳ୍ପ ଶୁଣନ୍ତି । ମଝିରେ ମଝିରେ
ଅଶୁଦ୍ଧ ଓଡ଼ିଆରେ ଖଣ୍ଡେ ଖଣ୍ଡେ ଚିଠି ଦିଅନ୍ତି—ଚିଠି
ନୁହେଁ, ହୁକୁମ ନାମା ! ଆଜ ସେଇଥିରୁ ଖଣ୍ଡିଏ ଆସିଛି
ଚିଠି ଆସଂନାଇଁ ଯେ ମୋ ଉପରେ ଜୋର୍ ଚପେଇ ଦବା
ଯୋଗାଡ଼ ।

ପ୍ରକାଶ — ଗଣପତି, ତୁମେ ତୁମ ସ୍ତ୍ରୀଙ୍କ ପାଖକୁ ଫେରିଯାଅ । ମ
ଅଛନ୍ତି, କିନ୍ତୁ ବିଷୟ ସମ୍ପତ୍ତି ମଧ୍ୟ ଅଛି—କ'ଣ ଦରକା
ଏଇ ତ୍ୟାଗ ସ୍ୱୀକାର ! ଜୀବନରେ ଖାଲି ଏଇ ମୁଦ୍‌ଗ
ମଣିଷର ଦରକାରରେ ଆସେ ନା; ଅନେକ ଇଟା, ବାଲି
ସୁରକି ଦରକାର । ତାହେଲେ କେବଳ ଯାଇ ମୂଳଦୁଆ
ଠିକ୍ ହବ । ତୁମେ ସଂସାର କରିବ, ତୁମକୁ ସା
ସଂସାରୀ ହବା ! (ପ୍ରସ୍ଥାନ)

( ମନକୁ ମନ ) ଯିବ ? ପ୍ରେସ୍ ଗୁଡ଼, ମୁଦ୍‌ଗର ଗୁଡ଼ ଯିବ ସାର୍ ?

( ଆସିଛୁ )ମୋ ବାକି ପଇସା ନ ଦେଇ କୁଆଡ଼େ ଯିବ ହୋ ବାବୁ ! ପଇସା କାଢ଼ ।

କଏ…ହରି କି'ରେ ?

ବାବୁ, ସେ ଦଶ ଟଂକା ଆଜି ନ ଦେଲେ ହବ ନାହିଁ । ହେଇଛି ଦଉଚ ବୋଲି କହି ସେତେବେଳେ ବାହାରି ଆସିଲ ।

କ'ଣ ହେଲା ସେଇଠୁ ! ମୁଁ କଣ କୁଆଡ଼େ ପଳେଇଗଲି ! ହଉ, କିଛି ପରବାୟୁ ନାହିଁ, ଟଂକା ଦେଇଦେବି !

ଆ, ଆସିଚୁ ଯେତେବେଳେ……ଥରେ try କରି ନେ !

( କିଛି ବୁଝି ନପାରି ) କଅଣ ବାବୁ ?

ନେ, ଏ ମୁଦ୍‌ଗର ଉଠା—

( ହତାଶ ଭାବେ ) ନାହିଁ ବାବୁ ମୋର କାମ ଅଛି—

ଆରେ, କାମ ତ ସବୁଦିନେ ହଉଚ; ବାକି ବ୍ୟାୟାମ-ଆ-ହା ଦେଶରେ ସ୍ୱାସ୍ଥ୍ୟ, ସଂପତ୍ତି, ଶକ୍ତି — ଆ, ଟିକିଏ ବ୍ୟାୟାମ କର, ଦେଖିବୁ ତୋ ଚେହେରା ଏକଦମ୍ ବଦଳି ଯିବ । ଆରେ ହରି, ଟଙ୍କା ବଡ଼ ନୁହେଁ, ବଡ଼ ହଉଚି ଶ୍ରୀ, ସ୍ୱାସ୍ଥ୍ୟ । ଏ ମୁଦ୍‌ଗରକୁ ଯୋ ମାନେ ନିନ୍ଦା କରନ୍ତି, ସେମାନେ ତାଙ୍କ ଭାଗ୍ୟକୁ ଉପହାସ କରନ୍ତି । ଆଜି ମୁଁ ତତେ ଛାଡ଼ିବି ନାହିଁ । ମୁଁ ହଉଚି ଅବୈତନିକ ସେକ୍ରେଟେରୀ, ତୁ ହେଲୁ ମୋର ଅବୈତନିକ ଶିଷ୍ୟ । ଅଭ୍ୟାସ କଲେ ଚେହେରା ବଦଳିଯିବ ।

ହରି—ବଦଳିଯିବ କଣ ବାବୁ ? ଜୀବନରେ ତେର ସୁସ୍ଵାଦୁ ଖାଇଲ, ତେର ସରାପ୍ ପିଇଲ, ଖୁବ ଭସ୍ୱାଇଲ୍ କଣ ଜୀଇଁବାକୁ—କେବଳେ ପାଉଚ କୋଉଠି ? ପାଞ୍ଚପ୍ରାଣୀ କୁଟୁମ୍ବ ଘରେ···

ଗଣ—କିଛି ପରବାୟ ନାହିଁ, ଜଟେ ସବୁ ମିଳବ । ସ୍ୱାସ୍ଥ୍ୟ ଥିଲେ ଶକ୍ତି, ଶକ୍ତି ଥିଲେ ସବୁ । ଇଠା ମୁଦ୍‌ଗର—

ହରି—ବାବୁ, ତମେ ମତେ ହସେଇଲ—

ଗଣ—ମୁଁ ଜାଣେ, ଇମିତି ନଲଠା ହସ ହସି ମରିବାକୁ ତୁମ ମାନଙ୍କର ଜନ୍ମ ହୋଇଚ । ଦେଖ, ମୋ ଦେହକୁ ଦେଖ କାମନା ଅଛି, କାମ ନାଇଁ—ଆରାମରେ ବସି ରାଜଚ ବଢ଼େଇ ଗୁଳାଚ ।

ହରି—ବାବୁ ମୋ ଟଂକା—

ଗଣ—ହଁ ତୋ ଟଂକା, କିଛି ପରବାୟ ନାଇଁ । (ଲୁଗାପଟା ସଜାଡ଼ି ହେଉଁ ହେଉଁ କଣ କେମିତି ଖୋଜୁଥିଲେ )

ପ୍ରକାଶ—( ଫେରି ଆସିଛନ୍ତି ) କ'ଣ ଖୋଜୁଚ, ଗଣପତି ?

ଗଣ—ଜୀବନର ପୁଂଜ ସାର୍, ହିସାବ ଖାତା—

ପ୍ରକାଶ—ହିସାବ ଖାତା ଖୋଜୁଛ । ଏଇ ଜଏ ?

ଗଣ—ସେଇ ପାନଦୋକାନୀ ହରିଆ, ସାର୍ । ( ହରି ନମସ୍କାର କଲା । )

ପ୍ରକାଶ—ସେଇ, ତିନିପଇସା ତ ।

ଗଣ—ମିଛ !

ପ୍ରକାଶ—ଏଠି ପୁଣି କାହିଁକି ?

ଗଣ—ବାକି ପାଉଣା ସାର୍ !

ପ୍ରକାଶ—କରଜ କରି କରି ଦୁନିଆକୁ ଦେଓ୍ୟାଳିଆ କରି ଛାଡ଼ିଲ ତୁମେ ?

ଗଣ—ଦୁନିଆ ତ ମତେ ଦେଓ୍ୟାଳିଆ କରି ଛାଡ଼ିଚି, ସାର !

ପ୍ରକାଶ—ହଉ ତୁମେ ଯାଅ, ମୁଁ ବୁଝୁଛି ।

ଗଣ—ଟଂକା ଆପଣ ଦେବେ ! thank you sir ! କିଛି ପରବାୟୁ ନାହିଁ ହରିଆ—(ପ୍ରସ୍ଥାନ)

ପ୍ରକାଶ—ତମର କେତେ ଟଂକା ?

ହରି—ଦଶ ଟଙ୍କା ! ଗୋଟିଏ ବୁଢ଼ୀର ସତ୍କାର କରିବାକୁ ଗଣପତି ବାବୁ ମୋଠୁଁ ଧାର ନେଇଥିଲେ ।

ପ୍ରକାଶ—ବୁଢ଼ୀର ସତ୍କାର !

ହରି—ହଁ, ବାବୁ, ନିଆଣ୍ଟ ବୁଢ଼ୀଟିଏ ମରିଗଲା—ବୁଢ଼ୀର କେହି ନାହିଁ । ଗଣପତି ବାବୁ ତ ତାର ସବୁ କାମ ତୁଟେଇଲେ—

ପ୍ରକାଶ—(ଖୁସି ହୋଇ) ସତେ ! ହଉ, ହଉ, ଏ ଦଶଟଂକା ନିଅ— (ତୁରୁ ବାହାର କରି ଦେଲେ )

ହରି—ଦଣ୍ଡବତ୍ ବାବୁ । (ପ୍ରସ୍ଥାନ)

ପ୍ରକାଶ—ଯାଅ—ଯାଅ—

ପାନୁ—( ପ୍ରବେଶ କରି ) ଗଣିଭାଇ ଅଛନ୍ତି ?

ପ୍ରକାଶ—ଗଣିଭାଇ···ଓଃ ତୁମେ ଗଣପତି ବାବୁଙ୍କୁ ଖୋଜୁଚ, ତୁମେ କିଏ ?

ପାନୁ—ଗଣପତି ବାବୁ ହେଉଚନ୍ତି ମୋ ଭଉଣୋଇ । ମୁଁ ତାଙ୍କୁ ନେବାପାଇଁ ଆସିଚି !

ପ୍ରକାଶ—ଭଲ କରିଚ । ମୁଦ୍‌ଗର ବୁଲେଇ ବୁଲେଇ ଲୋକଟା ଖାସ ଜଳିଆ ହୁଣ୍ଡା ପାଲଟି ଗଲାଣି । ସେଥିରେ ଫେର ସୁନ୍ଦରୁ

ବାନ୍ଧାଉଛ । ଆଚ୍ଛା, ତୁମେ ବସ—ମୁଁ ତାକୁ ଡାକ ଦେଉଛି । ( ପ୍ରସ୍ଥାନ )

ଧାନୁ—ଗଣିଭାଇ ସ୍ତ୍ରୀ ଉପରେ ଫେର ଯୁଦ୍ଧକୁ ବାହାରିଲାଣି—

ଗଣ—( ପ୍ରବେଶି ) କ ହୋ ବାବୁ ତମେ କୁଆଡ଼େ ?

( ସ୍ତ୍ରୀ ନିଗ ଶଳାକୁ ଦଣ୍ଡବତ କଲେ )

ଧାନୁ—ଗଣିଭାଇ, ମୁଁ ତୁମକୁ ନେଇ ଯିବାକୁ ଆସିଛି !

ଗଣ—ନେଇହିଁ ଯାଏଙ୍ଗେ !

ଧାନୁ—ତୁମେ ଯିବ ନାହିଁ ?

ଗଣ—ନା—

ଧାନୁ—ନାଁ କହିଲେ ଚୁଲିବ କଏ ?

ଗଣ—କାହିଁକି !

ଧାନୁ—ନିଜ ମାଉସ୍ତ, ପରୁଚୁର ଆସୁଣି !

ଗଣ—କହୋ, ପୁରୁଷ ପୁଅ···ନିଜ ମାଉସ କାହିଁକି ? ଧାନବନ୍ଧୁ, ଲଜ୍ଜା-ନିବାରଣ ! କିଛି ପରବାୟୁ ନାହିଁ ।

ଧାନୁ—ସେ କୁନାଠାକୁ ସେଠୁ ନେଇଆସ । ନାହିଁତ ମନୁଷ୍ୟଙ୍କ ଯାହା ହେଲା ହେଲା—ତା ନାମ ବି ବଡ଼ିଯିବ ।

ଗଣ—କାହିଁକି, ବାପଘରେ ଯଦ ରହିବାକୁ ମନ, ବାହା ହଉଥିଲେ କାହିଁକି ? ତାଂକୁ ଗଲି ଏଇ କଥା ଆଗେ ପଚାରି ଆସିବ ।

ଧାନୁ—ତୁମରି ଅଯୋଗ୍ୟ ପଣିଆରୁ । ସ୍ନେହସ୍ତି କରି ଯୋଉ ଖବର ଗୁଡ଼ାକ ବୁଝି ପକାଉଚ ନା—

ଗଣ—ଓଃ ! ଅବିବେଚକ ବୋଲି ମତେ ପରିହାସ କରୁଚ ? କିଛି ପରବାୟୁ ନାହିଁ !

ପ୍ରକାଶ — ( ଆସିଲେ ) ଗଣପତି, ତୁମେ ଯାଅ, ଫେରି ଆସିଲେ ମୁଁ ଆଉ ତୁମକୁ ଅବୈତନିକ ଭାବରେ ରଖିବି ନାହିଁ । ତୁମେ ସ୍ଥିତମତ ବେତନ ପାଇବ !

ଗଣ — ତା'ହେଲେ ଯିବି ସାର୍ ?

ପ୍ରକାଶ — ହଁ, ଆଜି ବାହାରି ଯାଅ —

ପାନୁ — ଏଇନେ ଗୁଜବଟି ଆଗ ।

ଗଣ — ହଉ ସାର୍ ନମସ୍କାର ! ଗୁଲ ଧାନବନ୍ଧୁ, ଲଣ୍ଡା ନିବାରଣ —

ପ୍ରକାଶ — ଆରେ, ଏମିତି କଣ ଯାଆନ୍ତୁ ? ତମର ଲୁଗାପଟା ନେଇଯାଅ । ପାଖରେ ପଇସା ପତ୍ର କିଛି ଅଛି ନା···

ଗଣ — ( ପକେଟରୁ ଆଣି ଦେଖାଇଲେ ) ସାର୍, ତିନି ପଇସା !

ପ୍ରକାଶ — (ହସି ହସି) ଗଧ କୋଉଠିକାର । ଆସ ମୋ ସାଙ୍ଗରେ ।

---

## — ଦ୍ୱିତୀୟ ଦୃଶ୍ୟ —

[ ସହରର ରାସ୍ତା — କଥାବାର୍ତ୍ତା ହେଉଁ ହେଉଁ ଆସିଲେ ବ୍ରଜ ଆଉ ବସନ୍ତ ]

ବସନ୍ତ — ତୋ ଭଉଣୀର ସଂସାରଟା ତା'ହେଲେ ଇମିତି ଧୀରେ ଧୀରେ ଚୂନା ହୋଇଯିବ !

ବ୍ରଜ — ମୁଁ ଯୋଉଦିନ ମନୋଜ ହାତରେ ଗୀତାର ହାତଧର କଲି, ସେଦିନ ମୁଁ ମନେ କରିଥିଲି, ସେ ସୃଷ୍ଟିଛଡ଼ା ଲୋକଟା ଜେଲ ଛାଡ଼ି ଦୁଏତ ବସା ବାନ୍ଧିବ ।

ବସନ୍ତ — ( ବକ୍ରୂପ ଭଙ୍ଗୀ କରି ) ବସା ବାନ୍ଧିବ ! ଜେଲ ହାଜତରେ ସେ ବସା ବାନ୍ଧିଲା, ଆଉ ତୁ ବସା ବାନ୍ଧିଲୁ ଭାଷା ସାହିତ୍ୟ ଭିତରେ ! ତାର କିଛି ବ୍ୟବସାୟ ରହି ନାହିଁ ଆଉ ତୁ

ସ୍ୱକଷ୍ଟ ଖଣ୍ଡିକ ଖାଇ ବର୍ତ୍ତମାନ ସ୍ୱଚ୍ଛ ବେକାର୍ । ସତରେ ବ୍ରଜ ! ଅଦ୍ଭୁତ ସାଧନା ତୁମ ଦୁହିଁଙ୍କର । ନଖାହା ଝିଅ ଗୋଟିଏ ଗୋଟିଏ ବେକରେ ବାନ୍ଧି କ ଘର ତୁମେ ନ କରୁଚ ।

ବ୍ରଜ — ବେଇମାନ୍ ଦୁନିଆ, ବୁଝିଲୁ ବସନ୍ତ । ବେଇମାନ୍ ଦୁନିଆ— ଯାହାର ଖାଏ, ତା'ର ନିନ୍ଦା ଗାଏ, ତାକୁଇ ଅସ୍ୱୀକାର କରେ । ଶିଳ୍ପୀର ରକ୍ତ ଶୋଷି ପେଟ ବଢ଼ାଏ ଶିଳ୍ପପତି । ଦାତା ଶ୍ରେକନ୍ନ ପେଟରେ ଦୁନିଆର ସେବା କରେ । ନିମକହାରାମ୍, ବେଇମାନ୍ ସମସ୍ତେ । ମନୋଜ ବେକରେ ଫୁଲମାଳା ପକେଇ ଗାଁବାଲା ତାକୁ 'ନେତା' ସଜେଇ ଜେଲ ଭିତରକୁ ପଠେଇ ଦେଲେ — ତା'ପରେ ଲୁଟ୍ କଲେ ତା'ର ଘର । ମନୋଜର ସାବତ ମା' କ ଭଉଣୀ ନୁହଁନ୍ତି, ତା'ଘର ଲୁଟିବାରେ ଆଜ କେତେକ ହିତାକାଂକ୍ଷୀ ବନ୍ଧୁଙ୍କର ହାତ ବି ଥିଲା । ସେ କପିଲ ଗୋସେଇଁ ଟି ପ୍ରଥମ ଉଦ୍ୟୋକ୍ତା । (ଟିକିଏ ନୀରବ ତା ପରେ) ଆଜ ମୋ କଥାତ ତୁ ଜାଣୁ ବସନ୍ତ, ମଣିଷ ଭିତରେ ମୁଁ ହଉଚି ଗୋଟାଏ ବ୍ୟତିକ୍ରମ ! ଅଦୃଷ୍ଟକୁ ମଣିଷ ଯେବେ ନିଜ ହାତରେ ଗଢ଼ି ପାରୁଥାନ୍ତା ବସନ୍ତ, ତାହେଲେ ଆଜ ଦୁଃଖ କ'ଣ ଥିଲା ! ଖୁବ୍ ଦେଖିଲି, ଦୁନିଆ ମୁଁ ଖୁବ ଦେଖିଲି ବସନ୍ତ, ନୂତନ ଅଭିନବ କିଛି ନାହିଁ; ସବୁ ଚିରାଚରିତ ! ଗୋରୁ ଘର ଜମି ବୃଷ, ନହେଲେ ଭିକ ମଗା, ସେଇ ଯିବା ଆସିବା, ଭୋଜନ, ଶୟନ, ସେଇ ପିଲା ଛୁଆ ନେଇ ଘର ସଂସାର ! ଖାଲି ପୁରୁଣା, ଖାଲି ପୁନରାବୃତ୍ତି । ଆଜ ଆଉ ଆସନ୍ତା କାଲି ଭିତରେ ତଫାତ୍ କିଛି ନାହିଁ !

ବସନ୍ତ—ଓଃହୋ, ତୋ କଥା ଶୁଣି ମନେ ହେଲା ବ୍ରଜ, ମୁଁ ଯେମିତି ଗୋଟାଏ ଫିଲସଫି କ୍ଲାସରେ ବସିଛି ! ବନ୍ଧୁ, ଭକ୍ତ, ବର୍ଣ୍ଣନ, ସାହିତ୍ୟ ସବୁ ଗୁଡ଼ିକ ଅବସ୍ଥା ଆଡ଼କୁ ଟିକିଏ ଦୃଷ୍ଟି ପକା—

ବ୍ରଜ—ଅନ୍ୟ ଗୋଟିଏ ସୃଷ୍ଟି ଆଡ଼କୁ କେବେ ଦୃଷ୍ଟି ପକେଇଚୁ ବସନ୍ତ ? ଚନ୍ଦ୍ର ଆଜ ରଜନୀଗନ୍ଧାର ସୌଧ ପଞ୍ଚକେଶ ଭିତରେ ନଦୀ ଜଳରେ ଜୁଆରର ଆତଙ୍କ ! ବନ୍ଧୁର ଏ ଧାଡ଼ିଟା ତୋର ମନେ ଅଛି ?

ବସନ୍ତ—ଅଛି । ବନ୍ଧୁରେ ଯାହା ଅଛି ସେ କଥା ଥାଉ । ଜୀବନ ଆଜ ରଜନୀଗନ୍ଧା ଭିତରେ ଆକାଶ ପାତାଳ ତଫାତ ।

ବ୍ରଜ—ସ୍ୱର୍ଗକୁ ସିଢ଼ି ବାନ୍ଧିବ ବାନ୍ଧିବ ବୋଲି ଗର୍ବର ହତାଶାରେ ମଲା ଲଙ୍କାର ରାବଣ । ଜଳପୋଡ଼ି ଗ୍ଲାରଖାର ହୋଇଗଲା ଦୈତ୍ୟଘରର ସୁନାର ସେ ରାଜଧାନୀ । ତଥାପି ତା'ର ତପସ୍ୟା······ତାର ସାଧନା······ମାଟିର ସଂସାରକୁ ଟାଣି ଆଣିଲା ସ୍ୱର୍ଗର ନାରାୟଣଙ୍କୁ । ସ୍ୱର୍ଗକୁ ସେ ସିଢ଼ି ବାନ୍ଧି ପାରିନ ଏ କଥା ଯେମିତି ସତ, ଭକ୍ତ ଭଗବାନଙ୍କୁ ଦରଆ ସେପାର ଟାଣି ନେଇଚି—ତେବେ ବି ସେମିତି ସତ୍ୟ । ସାଧନାକୁ ମୁଁ ସବୁଦିନେ ମୂଲ୍ୟ ଦେଇ ଆସିଛି ବସନ୍ତ, ସଂସାରକୁ ନୁହେଁ ।

ବସନ୍ତ—ତାଂକୁ ସଂସାର ଯଦି ସୁନ୍ଦର ନହେଲା, ସେ ସାଧନାର ମୂଲ୍ୟ କୋଉଠି— ଶ୍ମଶାନରେ ?

ବ୍ରଜ—ଦେଖ୍, ବସନ୍ତ । କଚ୍ଛି ଦିନ ସୁକଶା କଲି, କନ୍ଧି ଛପେଇ ଛଡ଼ାକେତେ ଚଳାଇ,—ସବୁଥିରେ ଦରବୃଷ୍ଟା ଆଉ ବସ୍ତାବ ! ଦରଖାସ୍ତିକା ପରି ନାଲି ଫିତାର ଫାଇଲଗୁଡ଼ାକ ଟେବୁଲ ଉପରେ ଜମିଯାଏ, ହାକମଙ୍କ ନାଲି ଆଖି······ଇଏ ହେଲା

ଗୃହକର୍ତ୍ତା । ଆଜି "ଓଉଡ଼ଆରେ ବଡ଼ ଖଉଦଦାରଙ୍କୁ ତୁ ଜାଣୁ—ଯୌବନ ରସ ଅଭାବରେ ଜୀବନ ହୁଏ ନୀରସ, ସେ ରସକୁ ସେମାନେ ଗୃହାନ୍ତ ଦ୍ୱାରା ମୂଲ୍ୟରେ । ଯାହା ହେଉଛି ହଜି ବସନ୍ତ, କଣ ଦରକାର ଦାସତ୍ୱ ସ୍ୱୀକାର ?

ବସନ୍ତ—ତୋ' ସ୍ତ୍ରୀର ଅବସ୍ଥା ଦେଖୁଚୁ ତ ! ସେ କଣ ଖାଲି ତୋ ଆଟସ୍ଥ ଜୀବନର ମଡ଼େଲ ହୋଇ ରହିଯିବ ? ତା'ର ଜୀବନରେ କଣ କିଛି ସୋହାଗ ନାହିଁ ?

ବ୍ରଜ—ବସନ୍ତ !

ବସନ୍ତ—ମନ ରୋଗ ତାକୁ ଖାଇଛି ! ତୁ କଣ ଗୃହୁଚୁ, ସେଇଥିରେ ଶୀଘ୍ର ମରିବ ?

ବ୍ରଜ—ରୋଗ ପ୍ରତି କାହାର ଲୋଭ ନ ଥାଏ ବସନ୍ତ, ସେ କିନ୍ତୁ ଆସେ, ନିହାତି uncalled for—ନିହାତି ଅପ୍ରତ୍ୟାଶିତ ! Life is a fun if you play it safe !

ବସନ୍ତ—This is suicide···this is murder....

ବ୍ରଜ—(ହସି) ବଞ୍ଚିବାଟାଇ ସଂସାରରେ ହେଉଛି accedent, ଭୁଲ ବୁଝୁଚୁ ! ଆଜ୍ଞା ଭାଇ, ଆସେ । ( ପ୍ରସ୍ଥାନ )

ବସନ୍ତ—Life is a fun if you play it safe, ଏଇ safe-ଟିର ଅର୍ଥ କଣ ବ୍ରଜ ? ( ଯାଉଥିଲେ—ତେଣୁ ଆସିଛନ୍ତି ମନୋଜ ) କିଏ ? ଆରେ ମ-ନୋ-ଜ୍ !

ମନୋଜ—ବସନ୍ତ କି ରେ ? ନମସ୍କାର ଭାଇ, ସିଧା ଜେଲରୁ ଆସୁଛି ।

ବସନ୍ତ—ଜେଲରୁ ! କମିତି ?

ମନୋଜ—କର୍ତ୍ତୃପକ୍ଷଙ୍କର ଖୁସି ହେଲା, ଛାଡ଼ିଦେଲେ ।

ବସନ୍ତ—ତୋ ଚେହେରା କାହିଁକି ଏମିତି ହୋଇଛି ମନୁ ! ମୁଁ ଶୁଣିଥିଲି ଖାଇପିଇ ଜେଲରେ କୁଆଡ଼େ ଖୁବ୍ ମୋଟା ହୋଇଯାନ୍ତି—

ମନୋଜ—ଗୋଟିଏ ରୋଗୀ ପାଇଁ କିଛି ରକ୍ତ ଦେଇଥିଲି, ଯା' ଫଳରେ ଏ ଯାତ୍ରା ବଞ୍ଚିଗଲା । ରୋଗୀଟି କିଏ ଜାଣୁ ? ଜେଲର ଅଧକ୍ଷ ନିଜେ ! ଆରେ ବସନ୍ତ ! ଦେଖିଲୁ, ଏ ପେଣ୍ଟ, ଜାମା ବୁଟା ପାଇଁ ଠିକ୍ ହବନି ? ଦେଖୁଚୁ ଏ କଣ୍ଢେଇଟି ?

ବସନ୍ତ—(ମନୋଜଙ୍କ ଗୋପନ କରି) ଏଇନେ ବ୍ରଜ ଏଇବାଟେ ଗଲା । ଘରକୁ ଯିବା ଆଗରୁ ଟିକିଏ ତା ସାଙ୍ଗରେ ଦେଖା କରି ଯିବୁ !

ମନୋଜ—ବ୍ରଜ ଭାଇଙ୍କର ସବୁ ଭଲ ତ ?

ବସନ୍ତ—ସବୁ ଭୁଲ୍ !

ମନୋଜ—ଭୁଲ୍ ?

ବସନ୍ତ—ହଁ, ଭୁଲ୍, ମହାଭୁଲ୍ ! ତାର ବାହା ହବା ଭୁଲ୍, କବିତା ଲେଖିବା ଭୁଲ୍, ବଞ୍ଚି ରହିବା ବି ଭୁଲ୍ ! କହିଲୁ ଦେଖି ମନୁ, ତୁମମାନଙ୍କର ନିହାତି ଯଦି ଏମିତି ଲକ୍ଷ୍ମୀଛଡ଼ା ଜୀବନ ଗଢ଼ିବାକୁ ଥିଲା, ତା' ହେଲେ ବିବାହ କରୁଥିଲ କୋଉ ସାହସରେ ! କିଏ କବିତା ଲେଖିବ, କିଏ ଜେଲ ଯିବ, ଫାଶୀ ଖାଇବ···ଆଉ ସେମାନଙ୍କର କଣ ବ୍ୟବସ୍ଥା ଶୁଣେ ।

ମନୋଜ—ମତେଇ ତା'ହେଲେ ଲକ୍ଷ୍ମୀ ଛଡ଼ା ବୋଲି କହୁଚୁ ?

ବସନ୍ତ—ହଁ, ଗୋଟାଏ ଜେଲ ଫେରନ୍ତା ଉଦ୍‌ଭ୍ରାନ୍ତକୁ ମୁଁ ଆଉ କ'ଣ ବୋଲି କହିବି ! ଏ ସଂସାରକୁ ଆସିବା ହେଉଛି ତୁମମାନଙ୍କର ସର୍ବପ୍ରଥମ ଭୁଲ୍ ! ଛି ! ଛି ! ତୋ ଘରର ଅବସ୍ଥା କଣ ଜାଣୁ ମନୋଜ ?

ମନୋଜ—କ'ଣ ବସନ୍ତ ?

ବସନ୍ତ—ଯାହା ପାଇଁ ଖୁସି ହୋଇ ଘେଣ୍ଟା, ଜାମା, ଖେଳନା ଧରି ଘରମୁହାଁ ଦୌଡ଼ୁଚ, ଖେଳଘର ଭାଙ୍ଗି ହୋଇ ସେଇ ପୁଅ ତୋର ଚାଲି ଯାଇଛି ! !

ମନୋଜ—(ହାତରୁ ସବୁ ତଳେ ଖସି ପଡ଼ିଲା) ଚାଲିଗଲା !

ବସନ୍ତ—ତୁ ଆ' ମୋ ସାଙ୍ଗରେ—

ମନୋଜ— ବୁଢ଼ା ଚାଲିଗଲା ! ( ପାଗଳ ପରି ) ସତ କହୁଚୁ ତୁ ବସନ୍ତ, ବୁଢ଼ା ଚାଲିଗଲା ! ଯୋଉ ଟିକକ ଥିଲା, ସେ ବନ୍ଧନ ବି ଆଜି ଛୁଟିଗଲା ! ମନୋଜ ଆଜି ମୁକ୍ତ ! ଜେଲ ହାଜତରୁ ନୁହେଁ ସଂସାର ବନ୍ଧନରୁ ! ( ଟଳି ଟଳି ପ୍ରସ୍ଥାନ । )

ବସନ୍ତ—ମନୁ, ଶୁଣ ମନୁ— (ଅନୁଗମନ କଲେ )

---

## —ତୃତୀୟ ଦୃଶ୍ୟ—

[ ବ୍ରଜର ଘର । ପରଦା ଉଠିଲା ପରେ ଦେଖାଗଲା ଶିପ୍ରା ଶଯ୍ୟାରେ ଶୋଇଛନ୍ତି । ବ୍ରଜ ଓ ରଞ୍ଜନା କଥାବାର୍ତ୍ତା କରୁଥିଲେ । ]

ବ୍ରଜ—କଲ୍ୟାଣକ ହେବାର ଆଶା ମୋର ନାହିଁ ରଞ୍ଜନା ଦେବି ! ଜୀବନରେ ଯାହା କେବେ ରୂପ ପାଇବନି—ଯାହା କେବେ ହୋଇ ଉଠିବନି ଜୀବନର ସତ୍ୟ ଆଉ ବାସ୍ତବ, କଣ ଲାଭ ତାର ବ୍ୟର୍ଥ ତପସ୍ୟା କରି ! ତାଠୁଁ ବରଂ ଭାଗ୍ୟ ହାତରେ ନିଜକୁ ଛାଡ଼ ଦବା ଭଲ ।

ରଞ୍ଜନା—ଭାଗ୍ୟ ହାତରେ ଛାଡ଼ିଦେଇ ଶିପ୍ରାକୁ ତୁମେ ଭଲ କରି ପାରିବ ବ୍ରଜବାବୁ !

ବ୍ରଜ—ଭାଗ୍ୟକୁ ମୁଁ କୌଣସି ଦିନ ଅସ୍ୱୀକାର କରି ନାହିଁ !

ରଞ୍ଜନା — ତୁମେ ଯାହା କହୁଚ କହ, ମୁଁ ଶିପ୍ରାକୁ ଏଠୁ ନେଇଯିବି ।

ବ୍ରଜ — ଏଭଳି ରୋଗୀକୁ ତୁମ ଘରକୁ ନେଲେ ତୁମ ଘରର ସ୍ୱାସ୍ଥ୍ୟ ନଷ୍ଟ ହବ ରଞ୍ଜନା ଦେବି ! ତା'ଛଡ଼ା ଯୋଉ ଟଙ୍କାରେ ତୁମେ ଶିପ୍ରାର ଚିକିତ୍ସା କରିବ, ସେଥିରେ ତାଙ୍କ ମନ ଆହୁରି ରୋଗାକ୍ରାନ୍ତ ହୋଇ ପଡ଼ିବ !

ରଞ୍ଜନା—କଣ ତୁମେ କହୁଚ ?

ବ୍ରଜ—ତୁମର ଘରୁ ଆସିଚି ସେ ଏଇ ମାରାତ୍ମକ ରୋଗର ଜୀବାଣୁ ! ଚିକିତ୍ସା କରିବାର ଦାୟିତ୍ୱ ତୁମର ନୁହେଁ, ମୋର !

ରଞ୍ଜନା—ରୋଗର ଜୀବାଣୁ କିଏ ବ୍ରଜ ? ଗଲା ଦିନର ସେ ସବୁ କଥା ଥରେ ମନେ ପକାଅ—ସ୍ପଷ୍ଟ ଦେଖିବ, ଆଜି ପର୍ଯ୍ୟନ୍ତ ରଞ୍ଜନା ଯାହା ସବୁ କରି ଆସିଛି, ସେ କାଳ ଭାଗ୍ୟକୁ ଉପହାସ କରିବା ପାଇଁ ! ଏଇ ରଞ୍ଜନାକୁ ପ୍ରତ୍ୟାଖ୍ୟାନ କରି ସେଦିନ ଶିପ୍ରାକୁ ତୁମେ କରିଥିଲ ଜୀବନର ସାଥୀ··· ଭାଗ୍ୟ କଣ କଲା ଦେଖିଲ ତ ? ମୁଁ ତ ହୋଇ ପାରିଲି ନାହିଁ, ତୁମେ ମଧ୍ୟ ସୁଖୀ ହୋଇ ପାରିଲ ନାହିଁ ! ଜୀବନର ଏଇ ସବୁ ଦୁର୍ଦ୍ଦିନ ପାଇଁ ମୁଁ ଯଦି ତୁମକୁଇଁ ଦାୟୀ କରେ ?

ବ୍ରଜ—ରଞ୍ଜନା, କଣ ତୁମେ କହି ଚାଲିଚ ? ତୁମେ ନା ଶିକ୍ଷିତା ! ତୁମେ ନା ବଧୂ···ଗୃହିଣୀ । ଛିଃ ଛିଃ ମୋର ବିଶ୍ୱାସ ଥିଲା ତୁମେ ଅହଂକାରୀ । କିନ୍ତୁ ଆଜି ଦେଖୁଚି ତୁମେ···ନା, ଯାଅ ତୁମେ, ଯାଅ ତୁମେ···

ରଞ୍ଜନା—ବ୍ରଜବାବୁ, ରଞ୍ଜନାକୁ ବିଦ୍ଧ କରି କ୍ଷତ ବିକ୍ଷତ କରିବାକୁ ଆହୁରି କଣ ଅସ୍ତ୍ର ଅଛି ? କଲେଜର ସେ ଦିନର ସେ ଅପମାନ ରଞ୍ଜନା ସହିଥିଲା, ଆଜି ବି ଚରିତ୍ରହୀନାର ଅପବାଦ ସେ ମଥା ପାତି ନେଉଚି । ଆଉ କଣ

ଅଚ୍ଛା କନ୍ହବାବୁ ! କହିଯାଅ—ଯିବା ପୂର୍ବରୁ ତୁମର ସବୁ କଥା ମୁଁ ଶୁଣିଯାଏଁ, ଯେମିତି ଆଉ କିଛି ବାକି ନ ଥିବ— । ଚୁପ୍ ହେଲ କାହିଁକି କୁହ...କହିବ ନି ! (ଆଗକୁ ଆସି)

ବ୍ରଜ—ମୋର ଅନୁରୋଧ ରଞ୍ଜନା ଦେବି ! ତୁମେ ଚାଲି ଯାଅ । ଅବସ୍ଥାର ରଥଚକ୍ରତଳେ ନିଷ୍ପେଷିତ ମୁଁ...ଜୀବନର ପ୍ରତି ପଦେ ଦେଖିଚି ବିତୃଷ୍ଣା ଓ ବିସ୍ବାଦ—ଯାହା କିଛି ମଧୁର ସମ୍ଭାବନା ସେ ଏଇ ଶିଶ୍ରାକୁ ନେଇ । ରଞ୍ଜନା ଦେବି ! ଅନେକ ଅପମାନ ମୁଁ ତୁମକୁ ଦେଇଚି ଆଉ ଦେଇପାରେ, ତାଠୁ ତୁମେ ଘର ଚାଲିଯାଅ—

ରଞ୍ଜନା—ବ୍ରଜବାବୁ ! (ଆଖିରେ ଲୁହ)

ବ୍ରଜ—ଜୀବନ ନାଟକରେ ଭିନ୍ନ ଭିନ୍ନ ଅଙ୍କର ଅଭିନୟ ହେଇ ଚାଲିଚି । ଯାହା କିଛି ନୂଆ ମନେ ହୁଏ, ସବୁ ପୁରୁଣା... ପୁନରାବୃତ୍ତି—ଅତି ଜଣାଶୁଣା କଥା—

ରଞ୍ଜନା—Philosophyର ରୁଦ୍ଧ Economicsର ଖବର ଟିକିଏ ରଖିଲ ନାହିଁ ? ବିସ୍ବାଦର ବିଭୀଷିକା ଭିତରେ ସ୍ୱାଦର ଗନ୍ଧ ବି ଟିକିଏ ପାଇଲ ନାହିଁ ତୁମେ !

ବ୍ରଜ—(ଧ୍ୟାନମଗ୍ନ ଋଷି ଭଳି ଗୁରୁ ଗମ୍ଭୀର କଣ୍ଠରେ) ଆଣ୍ଡାମାନ ଶିଳାତଟେ ପ୍ରତିହତ ବଙ୍ଗୋପସାଗରର ଅଶ୍ରୁ-ତରଙ୍ଗ ।

ରଞ୍ଜନା—ବ୍ରଜବାବୁ !

ବ୍ରଜ—ବୁଦ୍ଧଦେବଙ୍କର ତପୋଭଙ୍ଗ ହବନି ରଞ୍ଜନା ଦେବି ! ଅନ୍ତରାଳରୁ ମଳୟକୁ ପେଷିଦେବାକୁ ହବ ମ୍ଳାନ-ମୁଖରେ, ହତାଶାରେ ।

ରଂଜନା—( ଅଳ୍ପ ହସି ) କଳ୍ପନା ତ ଖୁବ୍ ଦେଖୁଚ ବାବୁ, କମିଶନ ହସାର ତଳକୁ ସେ ଝାଗକୁ ନଜର ଅଛି ?

ବ୍ରଜ—ଆଗରୁ କେତେ ଖଣ୍ଡି ବହି ଛପା ହେଲଣି—ବହି ଟଙ୍କାରେ ଚଳୁଚି ଏକ ପ୍ରକାର । କେତେବେଳେ ଖଟା, କେତେବେଳେ ବା ମିଠା—

ରଞ୍ଜନା—ତୁମ ଜୀବନରେ ଖଟାଟାଇ ସତ୍ୟ ହୋଇ ରହିଗଲା ବ୍ରଜବାବୁ, ମିଠା ହୋଇ ରହିଲା ମିଥ୍ୟା ! ମୁଁ ତୁମକୁ କହୁଚି 'ଭାର୍ଯ୍ୟା ଭ୍ରମିକ' ସହୀତ ବଧୂ ବୋଲି, ତା ନ ହେଲେ କହିଆନ୍ତି 'ପଳାୟନପନ୍ଥୀ' 'ଫେବ୍ୟର' । ଶିପ୍ରାର ଅବସ୍ଥା କଣ ହେଲାଣି ଦେଖୁଚ । ମୋ କଥା ଶୁଣ, ଆଉ ଉନେ ତମର ମୋର ଦୁଏତ ଦେଖା ହବନି । ତମର ସେ ବହି ଖଣ୍ଡକ ଛାପିଦିଅ । ସେଥିରେ ଖାଲି 'ସୁନାମ' ନୁହେଁ, ଯଥେଷ୍ଟ ଟଙ୍କା ମଧ୍ୟ ଆସିବ ।

ବ୍ରଜ—ଟଙ୍କା କଣ ମଣିଷ ଜୀବନର ସବୁ ?

ରଞ୍ଜନା—କୋଉ ଭିତ୍ତି ଉପରେ ତମର ଏ ଦର୍ଶନ ତତ୍ତ୍ୱ ଶୁଣେ ? ଭୋକଲା ପେଟ ଆଉ ଶୁଖିଲା ମନର ମୂଳଦୁଆ ଉପରେ ଆଦର୍ଶର ପିରାମେଡ଼୍ । ଦୁଃସ୍ୱପ୍ନ, ବ୍ରଜବାବୁ ! ତୁମେ ଖାଲି ଦୁଃସ୍ୱପ୍ନ ଦେଖୁଚ । ସେ ତୁମର ସାଧନା ନୁହେଁ, ଉଦାସ ।

ବ୍ରଜ—କଥା କଣ ତୁମର ସରିବ ନାଇଁ ରଞ୍ଜନା ଦେବି ! ଗୁଲସାଅ ତୁମେ, ମତେ ଉତ୍ୟକ୍ତ କର ନାଇଁ । କ୍ଷୀର, କ୍ଷୀର··· !

କ୍ଷୀର—(ଆସିଛି) ବାବୁ !

ବ୍ରଜ—ମା'ଙ୍କ ପାଖରେ ଥିବୁ, ମୁଁ ଆସୁଚି । (ପ୍ରସ୍ଥାନ)

ରଞ୍ଜନା—( ଖଟ ଉପରେ ବସି ) ଶିପ୍ରା·········ଶିପ୍ରା·········

(ଧୀରେ ଧୀରେ ଉଠାଇ )

ଶିପ୍ରା—ଓଃ ! (କଣ୍ଠ ଲେଭଟାଇ) ନୂଆବୋଉ, ତୁମେ ଆସିଚ ?

ରଞ୍ଜନା—ଶିପ୍ରା······

ଶିପ୍ରା—କାହିଁକି ଆସିଲ ନୂଆବୋଉ ! ଏ ଅଂଧାର ଘର······ ପାପଟିଏ ମିଞ୍ଜି ମିଞ୍ଜି ହୋଇ ଜଳୁଚ······କେଜାଣି ତୁଏତ କେତେବେଳେ ଲିଭିଯିବ—ଅନ୍ଧାର ଘରେ ଛୁଆଁ ହୋଇ ତୁମେ ଡରିବ ନୂଆବୋଉ, ତୁମେ ବରଂ ଚାଲିଯାଅ—

ରଞ୍ଜନା—ତୁମ ଭାଇ ମତେ ପଠେଇଚନ୍ତି ଶିପ୍ରା, ମୁଁ ତୁମକୁ ନବା ପାଇ ଆସିଚ ! ତୁମେ ଯାହା ହେଲଣି, ଭଲ treatment ନ ହେଲେ···

ଶିପ୍ରା—Treatment ? (ହସିଲେ) ଅଭାବ ତ କିଛି ନାହିଁ··· ସେଇ ଶିଶିରେ ଔଷଧ·····ଲେମ୍ବୁ, ବେଦାନା···ଆଦର, ଯତ୍ନ·········

ରଞ୍ଜନା—ମତେ କଣ କ୍ଷମା କରିବନି, ଶିପ୍ରା ?

ଶିପ୍ରା—କ୍ଷମା ଦବାର ଯୋଗ୍ୟତା ମୋର ନାହିଁ ନୂଆବୋଉ, ବରଂ ମୁଁ ତୁମଠୁ ମାଗି ନଉଚି········ଯଦି ମୋର ଭୁଲ ହୋଇଥାଏ·····ତୁମେ ମତେ କ୍ଷମା·········

କ୍ଷୀର—(ବାଧା ଦେଇ) ମା' ଏଇନେ ଔଷଧ ଖାଇବେ—

ରଞ୍ଜନା—ମୁଁ ଦଉଚି । (କ୍ଷୀର ଦେଖାଇ ଦେଲା, ଶିଶିରୁ ଢାଳି ରଞ୍ଜନା ଔଷଧ ଖୁଆଇଦେଲେ । )

ଶିପ୍ରା—ନୂଆବୋଉ, ଗୋଟିଏ ଗୀତ ଗାଅ—ଶୁଣୁ ଶୁଣୁ ମତେ ନିଦ ହୋଇଯିବ ।

ରଞ୍ଜନା—ହଁ ଶୁଅ, ମୁଁ ଗାଉଚି । କ୍ଷୀର, ତୁ ଯା ବାହାରେ ଖେଳୁ । (କ୍ଷୀରର ପ୍ରସ୍ଥାନ)

— ରଞ୍ଜନାର ଗୀତ—

ଗାଇଯା, ଗାଇଯାରେ ତୁ ଗାଇଯା'
                    ଗୀତ ଗାଇଯା ମନ ଚହଲ —
(ଘୋଷା) ପରଶ ଲଭିଲ ଯାହାର ଯେ ସୁରେ
                    ଭଜାଲ ବଣିଲ ସପନ ମହଲ ।
ଯେ ସୁରେ ଛନକା ଝୁଇଁଲ ପହିଲେ ପହିଲେ
ସେ ସୁରେ ଛପିଲ ଆଶା ଓ......
                    ଘୁମୁରି ଗୁମୁରି ତହଲେ
ଯେ ସୁର କୁହୁକେ ମଉଳା ମଞ୍ଜରୀ
                    ମୁଞ୍ଜାରିଲରେ
                    ମାଗିଲ ମାଧବୀ ଫଗୁଣ ଦୋହଲ । ୧ ।
ଯେ ସୁରେ ଲହର ଘୁଞ୍ଚରି ଘୁଇଲ
ଭୁଲମନ କଲ ଚଞ୍ଚଳ ଚଞ୍ଚଳ ଛଇଳା
ଯେ ସୁରେ ଚମକ ଚମକ କୋଇଲ
                    ଡାକ ଉଠେ ଉହୁ ଉହୁ ରେ
                    ଗହଣେ ଘୂରଲ ଲହର କୁହୁଳା । ୨ ।

( ଗୀତ ଶୁଣୁ ଶୁଣୁ ଶିପ୍ରାକୁ ନିଦ ହୋଇ ଯାଇଛି । ପଙ୍ଖା ହାତରୁ ତଳେ ରଖି ଉଠିଲେ ରଞ୍ଜନା । ଶିପ୍ରା ଲୁଗା କାନରୁ ଘୁଞ୍ଚେନେଇ ଫିଟାଇ 'ଜୟମାଲ୍ୟ' ପାଣ୍ଡୁଲିପିଟିକୁ ଆଲମାରିରୁ କାଢ଼ି ନେଲେ । ପାଣ୍ଡୁଲିପିଟିକୁ ହାତ ବ୍ୟାଗରେ ଲୁଚାଇ ରଖି ଯଥାସ୍ଥାନରେ ଘୁଞ୍ଚେନେଇ ଝୁଲାଇ ପୂର୍ବ ପରି ବସି ରହିଲେ । ଏତିକବେଳେ ଶିପ୍ରା ବ୍ୟସ୍ତ ହେବାରୁ ପୂର୍ବର ସେଇ ଗୀତକୁ ଗୁଣୁ ଗୁଣୁ କରି ଆରମ୍ଭ କଲେ । ପ୍ରବେଶ କଲେ ବଜ । )

ବ୍ରଜ—ତୁମେ ଯାଇନ' ଘରକୁ ଜବୋଲି ?

ରଞ୍ଜନା—ନା—

ବ୍ରଜ—ଶିପ୍ରାର ଦେହ ଆଉ ମନକୁ ବିଷାକ୍ତ କରିବାକୁ ତୁମର ଏ ଅକ୍ଲାନ୍ତ ଚେଷ୍ଟା କେଉଁଥିପାଇଁ ?

ରଞ୍ଜନା—(ଖଟରୁ ଓହ୍ଲାଇ ମଞ୍ଚ ଆଗକୁ ଆଗେଇ ଆସିଲେ) ଇମିତ ଚିତ୍କାର କଲେ ରୋଗିଣୀର କଷ୍ଟ ବଢ଼ିବ, ଆସ୍ତେ କଥା କୁହ

ବ୍ରଜ—ଶେଷ କଥା [illegible] ତୁମକୁ ଶୁଣେଇ ଦେଉଛି । ଶିପ୍ରା ଏଇଠି ରହିବ, ଆଜି ମୃତ୍ୟୁ ଯଦି ତା ଭାଗ୍ୟରେ ଥାଏ, ସେ ମରିବ ତାର ସ୍ୱାମୀର ଏଇ ସଂସାର ଭିତରେ ।

ରଞ୍ଜନା—ଏ ସବୁ ତମେ କଣ କହୁଚ ! ଶିପ୍ରା ଶୁଣିଲେ···

ବ୍ରଜ—ଶିପ୍ରା ତା' ସ୍ୱାମୀର ଅବସ୍ଥା ଜାଣେ, ସେ ଜାଣେ ସବୁ ।

ରଞ୍ଜନା—ଆଜି ତୁମେ ଜାଣ ଜିଦ୍ ବଜାୟ ରଖିବାକୁ । ମାତ୍ର ଜାଣନା, ତୁମର ସେଇ କର୍ତ୍ତବ୍ୟର ଦାମ୍ଭି-ଦମ୍ଭ । ଅନ୍ୟାୟ ଜିଦ୍ ସକାଶେ ଗୋଟାଏ ସରଳ ପ୍ରାଣ କେମିତି ମଉଳି ଗଲାଣି ! ଗୋଟାଏ ନିଷ୍ପାପ ନିର୍ଦ୍ଦୋଷ ଜୀବନ ଆଜ ଝୁଲୁ ଯିବା ଉପରେ ।

ବ୍ରଜ—ରଞ୍ଜନା ଦେବି !

ରଞ୍ଜନା—ଜଣେ ଭଲ ଡାକ୍ତର କି ନାହିଁ ? ତୁମର ସ୍ତ୍ରୀକୁ ବଞ୍ଚାଇବାର ଦାୟିତ୍ୱ କଣ ତୁମର ନୁହେଁ ?

ବ୍ରଜ—ତୁମର ପରାମର୍ଶ ଲୋଡ଼ା ନାହିଁ, ଧନ୍ୟବାଦ !

ରଞ୍ଜନା—ଓଃ !

ବ୍ରଜ—ତେବେ କି ଛୁଡ଼ା ହୋଇ ଅପମାନ ସହିବାକୁ ଚାହୁଁଚ !

ରଞ୍ଜନା—ତମର କଣ ଧାରଣା ?

ବ୍ରଜ — ମୋର ଧାରଣା ଥିଲା, ଅନ୍ୟକୁ ଅପମାନ ଦବା ଯାହାର ବିଳାସ, ସାମାନ୍ୟ ଅପମାନରେ ସେ ଜଳି ଉଠିବ —

ରଞ୍ଜନା — ମାଇ ରଞ୍ଜନା — ରଞ୍ଜନା — । ସବୁ ଧାରଣାର ଅତୀତ ସେ — (ପ୍ରସ୍ଥାନ)

ଶିପ୍ରା — ଉଃ ! (କଣ୍ଠ ଲେଇଁଠାଇଲେ)

ବ୍ରଜ — (ପାଖକୁ ଯାଇ) ଶିପ୍ରା ! !

ଶିପ୍ରା — ଆଜି ଯାହା ହେଲେ ବି·····ସେ ମୋ ନୂଆବୋଉ । ତାକୁ କାହିଁକି···

ବ୍ରଜ — ଏ କାହିଁକିର ଜବାବ ମୁଁ ଆଉଦିନେ ଦେବି — ଆଜି ନୁହେଁ ।

ଶିପ୍ରା — ମୁଁ ଜାଣେ । ସବୁ ଶୁଣିଚି ମୁଁ । କଲେଜ କଥା ନୂଆବୋଉ ଭୁଲି ନାହାନ୍ତି —

ବ୍ରଜ — ଭୁଲିଯିବା ଉଚିତ ଥିଲା ଶିପ୍ରା । କଲେଜ ଜୀବନରେ ବହୁତ ରୋମାନ୍ସ ଥାଏ··· ବହୁତ ଇଗ୍‌ନୋରାନ୍ସ ବି ଥାଏ·····କିନ୍ତୁ ତାକୁଇ ଧରି ଏ ଦେଶର ଶିକ୍ଷିତ ମଣିଷ କ'ଣ ତାର ଭବିଷ୍ୟତ ଗଢ଼ିବ ! ସେ ସବୁ ଥାଉ, କେମିତି ଲାଗୁଚି କହିଲ·····

ଶିପ୍ରା — ଆଜି ଟିକିଏ ଭଲ ଲାଗୁଚି —

ବ୍ରଜ — ତୁମେ ନିଶ୍ଚୟ ଭଲ ହେଇଯିବ ଶିପ୍ରା, ମୁଁ ତୁମକୁ ସୁଖୀ କରିବି ।

ଶିପ୍ରା — ମୁଁ ତ ଦୁଃଖରେ ନାହିଁ । ତୁମେ ଅଛ, ମୁଁ ଅଛି । ଆମ ଦୁନିଆ ତ ଭାରି ସୁନ୍ଦର । ଆଉ ବେଶୀ କିଛି ତ ମୁଁ ଲୋଡ଼େଁ ନାହିଁ । ତମରି କୋଳରେ ମୋର ମରଣ ହଉ, ଏଇ ଏତିକି ତ କାମନା ।

ବ୍ରଜ — ଶିପ୍ରା, ମୁଁ ତମକୁ ବଞ୍ଚେଇଛି ମୋର ସବୁ କିଛି ସାମର୍ଥ୍ୟ ଦେଇ —

ଶିପ୍ରା — ମୋ ଲାଗି ଦୁଃଖ କର ନାହିଁ ତୁମେ । ମୁଁ ବୁଝି ପାରୁଛି, ମୋର ସମୟ ଅତି ଅଳ୍ପ ।

ବ୍ରଜ — ଶିପ୍ରା !

ଶିପ୍ରା — ମୋର କୌଣସି ଆଶା ଅପୂର୍ଣ୍ଣ ନ ରଖିବାକୁ ତୁମେ ଶକ୍ତି ଅନୁସାରେ ଚେଷ୍ଟା କରିଛ । କିନ୍ତୁ ମୋର ଗୋଟିଏ ଅନୁରୋଧ···ରଖିବ ?

ବ୍ରଜ — ଅନୁରୋଧ କାହିଁକି···କୁହ ତୁମେ କଣ ଚାହଁ ।

ଶିପ୍ରା — ଯିବା ପୂର୍ବରୁ ମୁଁ ଦେଖି ଯିବାକୁ ଚାହେଁ ମୋ ସ୍ୱାମୀଙ୍କ ଲଲାଟରେ ବିଜୟ ଟୀକା !

ବ୍ରଜ — ବୁଝି ପାରୁନାହିଁ ଶିପ୍ରା !

ଶିପ୍ରା — ତମ କବିତି ଅପ୍ରକାଶିତ ରଚନା —

ବ୍ରଜ — ଶିପ୍ରା !

ଶିପ୍ରା — ଅର୍ଥର ଆକାଂକ୍ଷାରେ କହୁ ନାହିଁ···ସାମାନ୍ୟ ଆଡ଼ମ୍ବରର ଆଶାରେ ତମ ମାନକୁ ମୁଁ ଅପମାନିତ କରିବାକୁ ଚାହୁଁନାହିଁ — ମୁଁ ଖାଲି ଏତିକି ଚାହେଁ, ପରିଶ୍ରମ ତୁମର ସାଫଲ୍ୟ ଶ୍ରୀ-ମଣ୍ଡିତ ହେଉ ! କୁହ, ମୋ କଥା ରଖିବ ?

ବ୍ରଜ — ତୁମେ କହୁଛ, ମୁଁ ନିଶ୍ଚୟ ତୁମ କଥା ରଖିବି । ଆଜି··· ଏଇକ୍ଷଣି ଯିବି ପ୍ରକାଶକଙ୍କ ପାଖକୁ ।

ଶିପ୍ରା — କୁହ, ମତେ ଭୁଲ ବୁଝିନାହଁ ତ ?

ବ୍ରଜ — ମୁଁ ଲେଖା ନେଇ ଆସେଁ — (ଶିପ୍ରା ସୁଖୀ ହେବ ଏଇ କଳ୍ପନାରେ ଉନ୍ମତ୍ତ ହୋଇ ବ୍ରଜ ଲେଖା ଆଣିବାକୁ ଗଲେ ମାତ୍ର ତାଙ୍କୁ ହତାଶ ହେବାକୁ ପଡ଼ିଲା । 'ଜୟମାଲ୍ୟ'ର

ପାଣ୍ଡୁଲିପି ଅପହୃତ । ସୁରଥଆଉ ଖୋଜି ଖୋଜି ବ୍ରଜ ପାଗଳ ହୋଇ ଉଠିଲେ ) ଶିପ୍ରା !

ଶିପ୍ରା — କୁହ !

ବ୍ରଜ — ଆଉ କହିବାର କିଛି ନାହିଁ ଶିପ୍ରା ! ଭାଗ୍ୟ — ଭାଗ୍ୟ । ଯେତେବେଳେ ଥିଲା, ସେତେବେଳେ ବ୍ୟବହାର କରିବାଇଁ, ଯେତେବେଳେ ପ୍ରୟୋଜନ ହେଲା—ସେତେବେଳେ ପଦାର୍ଥ ନାହିଁ ! ଅଦୃଷ୍ଟର ଏ ପରିହାସ ନୁହେଁ ତ ଆଉ କ'ଣ ? କିନ୍ତୁ ଦୁଃଖ ମୁଁ ସେଥିପାଇଁ କରୁନି ଶିପ୍ରା ! ଯୋଉ ଲେଖା ପ୍ରକାଶ କରିବାରେ ଆଗ୍ରହ ନ ଥିଲା, ସେ ଲେଖା ହଜିଗଲେ କ୍ଷତି କଣ ! କିନ୍ତୁ ଦୁଃଖ ମୋର ତୁମର ପାଇଁ । ଏ ଘର୍ଷ ଜୀବନର ସାଥିଭୁ ମଧ୍ୟରେ ତୁମେ କୁହି ନ ଥିଲ କିଛି··· ମୁହଁ ଖୋଲି କହି ନ ଥିଲ ପଦେ କଥା । ଆଜି ତୁମର ଏ ଇଚ୍ଛା···ତୁମର ଏ ଆକାଂକ୍ଷା ମୁଁ ପୂର୍ଣ୍ଣ କରି ପାରିଲି ନାହିଁ ! ଯାଠୁଁ ବଡ଼ ଅବଶୋଷ ଆଉ କଣ ହୋଇପାରେ ଶିପ୍ରା ! କଳାକାର ଆଜି ପରାଜିତ, ନିଷ୍ପେଷିତ ! ବୁଭୁକ୍ଷ ଜୀବର ସର୍ବସ୍ୱ ତାର ଲେଖା ଆଜି ଅପହୃତ ! ଆଜିର ଏ ରିକ୍ତତା ଭିତରେ ମୁଁ ବୁଝି ପାରୁଛି ଶିପ୍ରା, ଭାଗ୍ୟକୁ କେବେ ହେଲେ ଅସ୍ୱୀକାର କରି ହେବ ନାହିଁ !!

---

## —ଚତୁର୍ଥ ଦୃଶ୍ୟ—

[ ମନୋଜର ଘର—ଅନ୍ଧାର । ମନୋଜ ଓ ଗୀତା ଆସିଛନ୍ତି ]

ମନୋଜ—ଛି, ଗୀତା ! ଭୁଲିଯାଅ ସବୁ । ଯାହା ଯାଇଛି ତାହା ଆଉ ଫେରି ଆସିବନି ! ମୁଣ୍ଡ ବାଡ଼େଇ କାନ୍ଦିଲେ ବି ବୁଢ଼ା ଆଉ ତୁମ କୋଳକୁ ଫେରି ଆସିବନି । ପିବା

ଆସିବା ହଉଛି ସଂସାରର ବୈଚିତ୍ର୍ୟ ! ଆଜି ଯେ ଯାଉଛି, ତାକୁ ଯେମିତି ହସି ହସି ବିଦାୟ ଦବାକୁ ହବ, କାଲି ଯେ ଆସୁଛି ତାକୁ ସେମିତି ହସି ହସି ସ୍ୱାଗତ କରିବାକୁ ପଡ଼ିବ ! ଆଜିର ଅନ୍ଧାର ଭେଦ କରି ଆସନ୍ତା କାଲିର ଯୋଉ ନୂଆ ସୂର୍ଯ୍ୟ ଉଇଁ ଆସୁଚି, ତାଙ୍କୁ ତୁମେ ପ୍ରଣତି ଜଣାଅ । ତୁମେ ଏଇ ଦେଶର ନାରୀ, ତୁମର ଐତିହ୍ୟ, ତୁମର ପରମ୍ପରା ବାନ୍ଧିବା ପାଇଁ ନୁହେଁ, ଉଜାଡ଼ିବା ପାଇଁ ନୁହେଁ— ସଜାଡ଼ିବା ପାଇଁ ! ମୁଁ ଜାଣେ, ବହୁତ ଅବସ୍ଥାର ତୁମେ ସହ୍ୟ କରିଚ, ସେ ଅତ୍ୟାଚାରର ଦାଗ ଏବେ ବି ତୁମ ମୁହଁରେ ଅଛି—

ଗୀତା—( ଲୁହ ପୋଛି ) ସେକଥା ତୁମେ କୁହ ନାଇଁ, ବୋଉ ଶୁଣିଲେ ତାଙ୍କ ମନରେ କଷ୍ଟ ହବ ।

ପାର୍ବତୀ—( ପ୍ରବେଶି ) କଷ୍ଟ କଥା ଆଉ କାହିଁକି କହୁଚୁଲୋ ମା'— କଷ୍ଟ ଭୋଗି ଭୋଗି ଦିନ ଗଲା, ଇଷ୍ଟନାମ ନବାକୁ ବେଳ ବି ଟିକିଏ ମିଳିଲା ନାଇଁ ।

(ପାର୍ବତୀ କାନ୍ଦୁଥିଲେ । କୁନାର ପ୍ରବେଶ)

କୁନ—ବୋଉ, ତୁ ମନା କରି ଦେ, ମୁଁ ଯିବି ନି ।

ପାର୍ବତୀ—ଝିଅ କଥା ଶୁଣୁଚୁରେ ମନୁ ! ( ଧାନୁ ଆସନ୍ତି )

କୁନ—ନା, ମୁଁ ସେ ଖଣ୍ଡିଆ ଗୃହରେ ରହିପାରିବି ନି ।

ଧାନୁ—ମଲା, ଏଠି ଏବେ କୋଉ ସୁବର୍ଣ୍ଣପୁରରେ ଅଛୁକି !

କୁନ—ଧାନାଭାଇ, ମୋ କଥାରେ କଥା କହିବାକୁ ତୁ କିଏ !

ଧାନୁ—ନାଇଁ ତମ, ମା' ଝିଅଙ୍କ କଥାରେ କିଏ କାଇଁକି କଣ କହିବ ! ବୁଝିଲୁ କୁନା, ତମ ମା ଝିଅଙ୍କ କଥାଗୁଡ଼ାକ ସବୁ ତମକୁ ଭାରି ସୁନ୍ଦର ! (ଗୀତାର ପ୍ରସ୍ଥାନ)

ମନୋଜ—ଘନୁ !

ଘନୁ—ତମେ ମୋତେ ଜାଣିନ, ମନୁ ଭାଇ ! ତମେ ଜେଲ୍‌କୁ ଗଲ ସେ ଗୋସେଇଁଙ୍କି ଡକେଇ କେତେ ପୂଜା ହୋମ କଲେ କହ୍ନିବ, କହ୍ନିବ କଲେ ସବୁ ? ଅଣହେଲାରେ ପିଲଟା ଖେଗି ଖେଗି ମଲା—ତେବେକେ ଟୋକାର ସରଗ ଛୁଟୁ-ନାଇଁ ! ଶାଗୁ ଘର ଗ୍ଲୁଡ଼ ଏଠି କାଇଁକି ରହ୍ନିବୁ ! ଏଠି ତୋର କ'ଣ ଅଛି ?

ପାର୍ବତୀ—ଙ୍ଖ—ନା !

ଘନୁ—ଅପା, ତୁ ବୁଢ଼ୀ ମଣିଷ । ଠାକୁର ଘରେ ବସି ଗୀତା କି ଭାଗବତ ପଢ଼ । ଆଉ ଜନ୍ମକୁ ବାଟ ସଫା କର—ଏଇଟାକୁ ପାଖରେ ରଖିବୁ କାଇଁକି ! ମନୁଭାଇ ଆସିଲାଣି, ତା ସଂସାର ସେ ବୁଝୁ···ତୁ ବସ ଚୁପ୍ ହୋଇ—

ପାର୍ବତୀ—ହଇରେ ଟୋକା, ନ କହ୍ନି ନ କହ୍ନି ତୁ ତ କଣ ଖୁବ୍ କହ୍ନିଲୁଣିରେ !

ଘନୁ—କହ୍ନିଲଣି କୋଉଠି ? ଗୁଣ ବାହୁନଲେ କ'ଣ ସରିବ ! ଖାଲି ନୂଆବୋଉ ଭଲ ଲୋକ ବୋଲି—ହୁଣ୍ଡି ଠାଏ··· ଅଲଗା ଠାଏ·····ସବୁ ସହ୍ନିଯାଏ । ନ ହେଲେ ତମ ଗୁଣ ଗାଇଲେ ପରା ସରିବ ନାଇଁ !

ମନୋଜ—ଏ ଘନୁ, ଯା ସିଆଡ଼େ । ଆମ ଘର କଥାରେ ପାଟି ଫିଟେଇବା ଦରକାର ନାଇଁ !

ପାର୍ବତୀ—ସେଇଥି ତାକୁ କହ୍ନିବୁଟି ବାପ !

ଘନୁ—ଏଁ !

କୁନ—ମିଛ ସତ ଯୋଡ଼ କେତେ କଥା ସେ ନ କହୁଚି ଲୋ ବୋଉ ! ନୂଆବୋଉ ତାର ଗୋଟିପଣ, ଆମେ ସବୁ କେହ୍ନି ନୁହଁ । ବୋଉ, ସେ କଥା କହ୍ନିବ—କହ୍ନିବ କ'ଲେ !

ପାର୍ବତୀ—ହଁ, ଥାଉ—

ଭାନୁ—ଥାଉ କାହିଁକି ? କହୁନାହଁ—କହ—ସବୁ କଥା ଆଜି ଠିକେ ଠିକେ ପଡ଼ିଯାଉ—

ପାର୍ବତୀ—(ରାଗରେ) ସିଏ କଣ କହିବ ! ମୁଁ କହୁଛି ଶୁଣ । ଏଇ ଯାନା ଛତରା ହାତରେ ଚଟି ପତର, ଗହଣା ଗାଣ୍ଠି—ତୋହର ସବୁ କାରବାର ଯାର ହାତରେ । ଘର କାମକୁ ହଁ' ବୋଲି ଅନେଇ ଯିବନି । ଖାଲି ହେଁ ହେଁ ଫେଁ ଫେଁ. ହସ ଖୁସି କୁନାଟା ମୋର ଥିଲା ବୋଲି ପିଲାଟା ଆହୁରି ଏତେ ଦିନ ବଞ୍ଚିଲା !

ଭାନୁ—ମିଛ କଥା, ସବୁ ମିଛ କଥା, ମନୁଭାଇ !

ମନୋଜ—ଭାନୁ, ଯାଉଚୁ ମୋ ଆଗରୁ—

କୁନ—ଦେଖୁଚ କମିତିକା ମୁହଁ, ସେଇ ନୂଆବୋଉ ଦେଇଚ । ସବୁବେଳେ··ପର ପୁଅଟା ସେ—ତାର ସାଙ୍ଗରେ ଛି, ଛି, ଥୁ, ଥୁ—( କଥା ନ ସରୁଣୁ ମନୋଜ ମାରନ୍ତି । )

ପାର୍ବତୀ—ମନୁ, ତୁ କଣ କଲୁରେ ! ମୋ ଝିଅକୁ ତୁ ଏତେ ଘାଏଁ ମାରିଲୁ । ତୋହର କିଛି ଦୋଷ ନାହିଁ, ଆମେ ମା' ଝିଅ ଚୋର ଭଗାରି ! ( ଗୀତାକୁ ଡାକି ଡାକି ମନୋଜର ପ୍ରସ୍ଥାନ )

କୁନ—ବୋଉ ! ( କାନ୍ଦି କାନ୍ଦି )

ଗଣପତି—(ସହସା ପ୍ରବେଶ କରି ) ହଉ କିଛି ପରବାୟୁ ନାହିଁ, ଯେତିକି ହେଇଗଲା·······ଖୁବ ହୋଇଗଲା—ଯେତିକି କାଳି ମୁହଁରେ ଲଗିଲାଣି ଲଗିଲାଣି—କିଛି ପରବାୟୁ ନାହିଁ—ଗାଡ଼ି ଆସିଲାଣି, ଏଥର ଆସ । କୁନାର ହାତ ଧରି ଟାଣିକି )

ଲୁନ—( ହାତ ଛୁଆଁଇ ) ବୋଉ !

ଘାନୁ—ହଁ, ଗଣି ଭାଇ ! ତୁମେ ତାକୁ ନେଇ ଯାଅ । ଏଠି ରହିଲେ ଖାଲି ମୁହଁରେ କଣ କୁଳରେ କାଳି ଲଗେଇବ ! ଏ ଗାଁ ମାଇପଙ୍କ କଥାରେ ପଡ଼ି ତା ମୁଣ୍ଡ ବିଗିଡ଼ି ଗଲାଣି ।

ଲୁନ—ତୋ ମୁଣ୍ଡ ବିଗିଡ଼ି ଯାଇଚି ! ( ରାଗରେ )

ଗଣ—ହଉ ଥାଉ ! ଆସ—(ଗୀତାକୁ ନେଇ ମନୋଜ ଫେରିଲେ । ଲୁନା ହାତକୁ ନେଇ ଗଣପତି ହାତରେ ଦେଲେ । )

ମନୋଜ—ଆଜ ତାକୁ ଏଠୁ ନେଇ ଯାଅ । ବାପଘରେ ରହି ଝିଅ ଘର କରେ ନା, ଶାଶୁ ଘର ତା'ର ଘର । ଯା' ଲୁନା—

ଗଣ—ଆସ, ସମସ୍ତଙ୍କୁ ମୁଣ୍ଡିଆ ମାରି, ପଥ ସୁମରି ମୋ ସାଙ୍ଗରେ ଚାଲିଆସ । ( ଲୁନାକୁ ନେଇ ଚାଲିଗଲା । ଗଲାବେଳେ ଲୁନା ସମସ୍ତଙ୍କୁ ବିକଳ ଆଖିରେ ଚାହିଁ ଚାହିଁ ଗଲା । ଘାନୁ ଆଖିରେ ଲୁହ । )

ଘାନୁ—(ପଛରୁ) ଯା ଲୁଳିଆ, ଯା—ଠାକୁରେ ତୋର ଭଲ କରନ୍ତୁ ।

ମନୋଜ—ବୋଉ ଗୀତାକୁ ନେଇ ମୁଁ ଆଜ ଏଠୁ ଚାଲି ଯାଉଚି ।

ପାର୍ବତୀ—ତୁ ଚାଲିଯିବୁ !

ମନୋଜ—ହଁ ବୋଉ, ଏ ଘର ଆଉ ଆମ ପାଇଁ 'ଘର' ହେଇ ନାହିଁ । ଯଦି କିଛି ଦୋଷ କରିଥାଉଁ, ନିଜ ଗୁଣରେ କ୍ଷମା ଦବୁ । ( ଉଭୟେ ପ୍ରଣାମ କରୁ କରୁ ) ଆଶୀର୍ବାଦ କର ବୋଉ, ଦେଶ ଆଉ ଦଶର ସେବା କରିବା ଲାଗି ଦୁନିଆରେ ଆମକୁ ଯେମିତି ଟିକିଏ ଥାନ ମିଳୁ ! ଆସ ଗୀତା—

ପାର୍ବତୀ—ମ—ନୁ !

ମନୋଜ—ଆଉ ଡାକ ନା ବୋଉ ! ବୁଢ଼ା ମଲାଣି, ଏ ଘରର ସବୁ ବନ୍ଧନ ମୋର ଛୁଟି ଯାଇଛି ! ( ଗୀତା ଓ ମନୋଜର ପ୍ରସ୍ଥାନ )

ପାର୍ବତୀ—ଆରେ ଧାନା, ତାଙ୍କୁ ସବୁ ଡାକରେ ।

ଧାନୁ—କାହାକୁ ଡାକିବା ଦରକାର ନାହିଁ ଅପା ! ଘରର ସବୁ ଝରକା କବାଟ କଳ ଦେଇ ଏଥର ହସିକି ଡାକୁଥା—

ପାର୍ବତୀ—ହଇରେ ଧାନା, ମୋ ବାପଘର ବଂଶରେ କେହି ନାହିଁ ! ଖାଲି ତୁ ଅଛୁ । ତୋର ସକାଶେ ଏତେ ଫନ୍ଦା କଲିଣି ବାପ, ଆ—

ଧାନୁ—( ଠୋ ଠୋ କରି ହସି ) ବୁଦ୍ଧିଆ କଥାଟାଏ ଏଥର କହିଲୁ ଅପା, ଏ ସମ୍ପତ୍ତିଯାକ ସବୁ ମୋ ନାଁରେ କରିଦବୁ ? ମୋତେ ବାହା କରେଇ ତୋ ପାଖରେ ରଖିବୁ ?

ପାର୍ବତୀ—ହଁରେ ବାପ, ତୁ ଯାହା କହିବୁ, ସେଇଆ କରିବି !

ଧାନୁ—ଅପା, ଆପଣା ପୁଅ ବୋହୂଙ୍କୁ ତ ରଖି ପାରିଲୁନି, ଝିଅ ଜୋଇଁ ତ ପର ହୋଇଗଲେ—ଆଜି ମୁଁ......ଭାଇର ପୁଅ, ପୁରୁଷ—ସ୍ତ୍ରୀ ମତେ ରଖିବ, ମୁଁ ଫେର ରହିବି ! ହା...ହା...ହା...

ପାର୍ବତୀ—ଧାନା !

ଧାନୁ—ଦୀନବନ୍ଧୁ ମତେ ଏଇ ବୁଦ୍ଧି ଦିଅନ୍ତୁ ଅପା, ପର ଧନରେ ମୋର ଯେମିତି କୋଉଦିନ ଲୋଭ ନ ହୁଏ ! ମୁଁ ଚାଲିଲି, ଅପା......

ପାର୍ବତୀ—ତୁ ବି ଚାଲିଯିବୁ ଧାନା ?

ଧାନୁ—ହଁ, ତୋ ଘର ରହିଲା, ବାଡ଼ି ବଗିଚା ରହିଲା, ଆରାମରେ ଏଥର ଚଳିବୁ ଆଉ ଏ ବାପୁଡ଼ା ପୁରୁଷ କଥା ଟିକିଏ ମନେ ପକାଉଥିବୁ । ( ପ୍ରସ୍ଥାନ )

ପାର୍ବତୀ—ଆରେ ଖ-ନା ! ଖନାରେ ! ମୋ ମୁଣ୍ଡ ଖାଉଛି, ଆରେ
ଶୁଣ୍......

(ଡାକି ଡାକି ତରତରରେ ଗ୍ଲାଗଲାବେଳେ ଦୁଆର ବନ୍ଧରେ ମୁଣ୍ଡ ପିଟି ହୋଇଗଲା । ପାର୍ବତୀ 'ଉଃ' ବୋଲି ଆର୍ତ୍ତନାଦ କରି ଉଠିଲେ ।)

---

## — ପଞ୍ଚମ ଦୃଶ୍ୟ —

[ଅଜିତ ବାବୁଙ୍କ ଘର—ପରଦା ଉଠିଲା ପରେ ଦେଖାଗଲା ପିଆନୋ ପାଖରେ ବସି ଗୀତ ଗାଉଛନ୍ତି ରଂଜନା ଦେବୀ ]

—ଗୀତ—

ତୁ ଲଗ୍‌ନାଲେ ଖୁସ୍ ବେ ଶ୍ଳେର୍......ଲଗନା—
ଜାଗ୍ ନା ତା ତନ୍ ମନ ସାରା ଲଗନା
ଯାରେ ( ମୋର ) ବାଗ୍‌ନାରେ ହସିଛି ଗୁମେଲୀ
ଫୁଟି......ମନ ଖୋଲି,
ଝାଲେଇ ଝିଲି ମିଲି ଉଜେ ମରମ ଝରି ଚହଲି । ୦ ।

ସବୁଜ ସୁଷମା ଦେଇ ଶ୍ଳେଷ୍ଟ ଦୁନିଆଁ ତା'ର
ରୂପ ଯୌବନ ଭରି,
ଝାମେଲି ଜମେ ଝୁଲଣାରେ ଥରି ଥରି
ମନ ଖୋଲି । ୧ ।

ଝୁମ୍ ଝୁମ୍ ଝୁମ୍...ଝୁମା ଝୁନ୍...ଝୁରେ ମୁକୁତା ଚୋପି
ଝୁରେ ତା' ଯଉବନ ଫଉଲି ଗୋ,

ସେଇ ସୋହାଗ ଗୀତ ଗୁଂଜରି
ମଧୁକର ବୁଲେ ଗୋ—
ବୁଲେ ଖେଳି ଖେଳି ଲୁଚକାଳି······
ମନ ଖୋଲି । ୨ ।

ଦରଓ୍ୟାନ—( ଗୀତାନ୍ତେ ପ୍ରବେଶ କରି ) ମେମ୍ ସାହେବ ! ପ୍ରକାଶ ବାବୁ—

ରଞ୍ଜନା—ହଁ, ଆସନ୍ତୁ—( ଦରଓ୍ୟାନର ପ୍ରସ୍ଥାନ )

ପ୍ରକାଶ—(ଆସିଲେ) ନମସ୍କାର !

ରଞ୍ଜନା—ନମସ୍କାର । ବସନ୍ତୁ ! କମିତି ବହି ଚାଲିଛି ପ୍ରକାଶ ବାବୁ ?

ପ୍ରକାଶ—ପ୍ରଥମ ସଂସ୍କରଣ ମାସ ଭିତରେ ଶେଷ ହୋଇ ଗଲାଣି ।

ରଞ୍ଜନା—ସତେ !

ପ୍ରକାଶ—ହଲ୍ଲା ପକେଇ ଦେଇଛି ସାହିତ୍ୟ ଜଗତରେ । ଦ୍ୱିତୀୟ ସଂସ୍କରଣ ଛାପିବା ଦରକାର ।

ରଞ୍ଜନା—ଛାପନ୍ତୁ । କେତେ ଛାପିବେ ?

ପ୍ରକାଶ—ତିନି ହଜାର ଛାପିବି । Demand ଯେମିତି ଦେଖୁଛି ଦୁଇଏକ ମାସ ଭିତରେ ଏତକ ଶେଷ ହୋଇଗଲେ ଆଶ୍ଚର୍ଯ୍ୟ ନୁହେଁ ।

ରଞ୍ଜନା—ଛାପିବାକୁ ଆପଣଙ୍କର ଆଗ୍ରହ ଏବଂ ଜିଦ୍ ଉଭୟ ଅଛି ଦେଖୁଛି ।

ପ୍ରକାଶ—ଅନବଦ୍ୟ ହୋଇଛି ଏଇ ଜୟମାଳ୍ୟ । ମାସ ଭିତରେ ଆଡ୍‌ଭାନ୍‌ସ ଅର୍ଡ଼ର ମଧ୍ୟ ରଖି ପାରିଲିଣି କେବଳ ଆପଣଙ୍କ ଉପରେ ଭରସା କରି ।

ରଞ୍ଜନା—କେତେ ଅର୍ଡ଼ର ପାଇଛନ୍ତି !

ପ୍ରକାଶ – କେବଳ ଡକ୍ଟର ଦାସ୍ ଏକ ହଜାର ନେବେ ।

ରଞ୍ଜନା – ଡକ୍ଟର ଦାସ୍ ?

ଅଜିତ – ( ପ୍ରବେଶି ) ହଁ, ମୁଁ । ( ପ୍ରକାଶ ନମସ୍କାର କଲେ । ଅଜିତ ବାବୁ ପ୍ରତି ନମସ୍କାର କଲେ ) ମୋର କିନ୍ତୁ ବହି ଖୁବ୍ ଶୀଘ୍ର ଦରକାର, ଯେତେ ଚଞ୍ଚଳ ପାରିବେ ।

ପ୍ରକାଶ – ନିଶ୍ଚୟ ପାଇବେ ସାର୍ ! ମୁଁ ତା'ହେଲେ ଆସୁଚି ଆଜ୍ଞା – ( ରଞ୍ଜନାପ୍ରତି )

ରଞ୍ଜନା – ଆସନ୍ତୁ । (ପ୍ରକାଶ ବାବୁଙ୍କର ନମସ୍କାର କରି ପ୍ରସ୍ଥାନ) ତୁମେ ହଜାରେ କପି କିଣିବ ?

ଅଜିତ – ଏଥିରେ ଆଶ୍ଚର୍ଯ୍ୟ ବୋଧ କରିବାର କଣ ଅଛି ରଞ୍ଜନା ! ତୁମେ ଯଦି ହଜାରେ କପି ଅନାୟାସରେ କିଣିପାର, why not I ?

ରଞ୍ଜନା – I see !

ଅଜିତ – 'ଜୟମାଲ୍ୟ'ର ଗୋଟାଏ ବିରାଟ ମ୍ୟୁଜିୟମ ତୁମେ ଯେତେବେଳେ ଗଢ଼ିବାକୁ ଯାଉଚ, ସେ କ୍ଷେତ୍ରରେ ମୁଁ ତୁମକୁ ସାହାଯ୍ୟ କରୁଚି ମାତ୍ର !

ରଞ୍ଜନା – ବ୍ରଜବାବୁଙ୍କୁ ସାହାଯ୍ୟ କରିବା ମୋର ଉଦ୍ଦେଶ୍ୟ !

ଅଜିତ—ମୋର ମଧ୍ୟ ଠିକ୍ ସେଇ ଧାରଣା ରଞ୍ଜନା ! ଅନ୍ତତଃ Rs 500/- hard cash ତା'ଛଡ଼ା wide publicity ଉଭୟ ଦିଗରୁ ହିତକର ! କିନ୍ତୁ ଗୋଟାଏ କଥା ମୁଁ ବୁଝି ପାରୁନି ରଞ୍ଜନା, ବ୍ରଜ ତୁମ ପ୍ରସ୍ତାବରେ ରାଜି ହେଲା କିପରି ?

ରଞ୍ଜନା – ଟଙ୍କାର necessityକୁ କିଏ ସବୁବେଳେ ଅସ୍ୱୀକାର କରିବ ! ତୁମେ ଜାଣ ଡକ୍ଟର୍ ଭାର୍ଗବ କଣ କହିଛନ୍ତି ?

କିଛିଦିନ ପାଇଁ changeରେ ଗଲେ ଶିପ୍ରାର ସ୍ୱାସ୍ଥ୍ୟ ଫେରି ଆସିବ । ସେଥିପାଇଁ ବହୁତ ଟଙ୍କା ଦରକାର । ଆଜି ସେଇ ଟଙ୍କା ବୁଜିବାକୁ ଅକ୍ଳେଶରେ ପାଇ ପାରିବେ ଏ ବନ୍ଧୁରୁ !

ଅଜିତ—ତୁମର ଏ ideaକୁ ମୁଁ ସର୍ବାନ୍ତଃକରଣରେ ସମର୍ଥନ କରୁଚି । କିନ୍ତୁ ମୁଁ ଜାଣେ, ଏ ଟଙ୍କା ଶିପ୍ରାର କୌଣସି ଦରକାରରେ ଆସିବନି । ଜୀବନରେ କମ୍ ବଡ଼ ଆଘାତ ଶିପ୍ରାକୁ ତୁମେ ଦେଇନ' । You have killed her ! ତୁମେ ଶିପ୍ରାକୁ ହତ୍ୟା କରିଚ !

ରଞ୍ଜନା—ନା, ମୁଁ ସବୁବେଳେ ସେମାନଙ୍କର ସୁଖ ସୌଭାଗ୍ୟ କାମନା କରି ଆସିଚି—ପ୍ରତି ପଦେ ମୁଁ ସେମାନଙ୍କୁ ଦେଇଚି ବଡ଼ ହବାର ପ୍ରେରଣା । କିନ୍ତୁ ସେମାନେ ମତେ ଭୁଲ ବୁଝିଚନ୍ତି ।

ଅଜିତ୍—ତୁମେ ଯାହାକୁ ପ୍ରେରଣା ବୋଲି କହୁଚ, ମୁଁ ତାକୁ କହିବି ପ୍ରତାରଣା ! ତୁମେ କେବଳ ନିଜକୁ ପ୍ରତାରଣା କରିନା, ମତେ ମଧ୍ୟ ପ୍ରତାରିତ କରିଚ ! ତୁମର କଥାରେ ବିଶ୍ୱାସ କରି ମୁଁ ପାର୍ଟିର ଆୟୋଜନ କରିଥିଲି, ତୁମର ଉପରେ ଆସ୍ଥା ରଖି ମୁଁ ଶିପ୍ରାକୁ ମୋ ଘରକୁ ନିମନ୍ତ୍ରଣ କରି ଆଣିଥିଲି— ! କିନ୍ତୁ ତୁମେ କଣ କଲ ରଞ୍ଜନା ! ସେଦିନ ତୁମେ ମୋର ମେରୁଦଣ୍ଡ ଭାଙ୍ଗି ଦେଲ ! କଣ ବୋଲି ଶିପ୍ରା ମତେ ମନେ କରିଗଲା ସେଦିନ ! ସ୍ତ୍ରୈଣ, କାପୁରୁଷ ଛଡ଼ା ସେ ତା'ର ଭାଇକୁ ଆଜି ଅନ୍ୟ ଆଖିରେ ଦେଖି ପାରିନାଇଁ । ଗ୍ଳାନି ଭିତରେ ଚିରଦିନ ସେ ଦାଗ ମୋର ରହିଗଲା ରଞ୍ଜନା, ଶିପ୍ରାକୁ ମୁହଁ ଦେଖାଇବାର ସାହସ ପର୍ଯ୍ୟନ୍ତ ତୁମେ ମୋର ରଖିଲ ନାହିଁ !

ରଞ୍ଜନା—ଶିପ୍ରାର ଜୀବନ ପାଇଁ ତୁମେ ତା'ହେଲେ ମତେଇ ଦୋଷୀ ସାବ୍ୟସ୍ତ କରୁଛ ?

ଅଜିତ୍—ନିଶ୍ଚିନ୍ତ ଥାଅ ରଞ୍ଜନା, ସେଥିରେ ତୁମର କିଛି କ୍ଷତି ହେବନି ।

ରଞ୍ଜନା—ମୋର କ୍ଷତି ନ ହେଉ, ତୁମର ଯଦି ଲାଭ ହେଉଛି ବୋଲି ମନେ କରୁଛ, ତା'ହେଲେ ତୁମେ ମୋର ଶତ ସହସ୍ର ନିନ୍ଦା କରିପାର, I don't care !

ଅଜିତ୍—ନିନ୍ଦା ମୁଁ ମୋଟେ କରୁନି ରଞ୍ଜନା, ମୁଁ ଖାଲି ବିଶ୍ଳେଷଣ କରି ଦେଖି ଯାଉଛି.....ଶିପ୍ରାର ସଂସାର ଉପରେ ତୁମର ଏତେ ଲୋଭ କାହିଁକି ! ଏ ପ୍ରଶ୍ନର ଉତ୍ତର ତୁମେ ନ ଦେଇ ପାର, କିନ୍ତୁ ମୁଁ ସ୍ପଷ୍ଟ ଦେଖୁଛି, ତୁମେ ଅଭିନୟ କରି ଚାଲିଛ । ରଞ୍ଜନାର ସତ୍ତା ତୁମ ଭିତରେ ନାହିଁ, ତୁମ ଭିତରେ ଅଛି ତୀବ୍ର ହଳାହଳ ।

ରଞ୍ଜନା—(ଉତ୍ତେଜିତ କଣ୍ଠସ୍ୱର) କ'ଣ ତୁମେ କହୁଛ !

ଅଜିତ—ମୁଁ ଯାହା କହୁଛି ସେ କଥା ତୁମେ ଭଲ ଭାବରେ ଜାଣ । ପ୍ରମାଣ ଚାହୁଁଛ ତୁମେ ? ଠିକ୍ ଅଛି । ପ୍ରମାଣ ମୁଁ ତୁମକୁ ଦେବି । ନିଜର କାହାଣୀ ତୁମେ ନିଜେ ପଢ଼ିବ । ଅପେକ୍ଷା କର, ମୁଁ ଆସୁଛି (ପ୍ରସ୍ଥାନ)

ରଞ୍ଜନା—(ପିଆନୋ ପାଖକୁ ଯାଇ ଛିଡ଼ା ହେଲେ) ମୋ ନିଜର କାହାଣୀ ମତେ ଶୁଣେଇବ ! ବେଶ୍, ସମସ୍ତେ କିନ୍ତୁ ଯାଇଚନ୍ତି, ତୁମେ ଆଜି ବାଦ୍ ଯିବ କାହିଁକି !

ବିଜ—(ଆସିଛନ୍ତି) ଗୁଡ଼ଇଭିନିଂ !

ରଞ୍ଜନା—ହ୍ୟାଲୋ...ତୁମେ ? ହଠାତ୍ ଅସମୟରେ ଏ ଗରିବ ଲୋକର କଥା ମନେ ପଡ଼ିଲା କିପରି !

ବ୍ରଜ—ଜୟମାଲ୍ୟର ପାଣ୍ଡୁଲିପି ମତେ ଦୟା କରି ଫେରେଇ ଦିଅ ।

ରଞ୍ଜନା—ଜ-ୟ-ମା-ଲ୍ୟ- .

ବ୍ରଜ—ତୁମେ କଣ ମନେ କରିଚ ଏଇ ଭଳି ଭାବରେ ମୋର ସର୍ବନାଶ କରି ତୁମର ଗୌରବ ବଢ଼ିବ ! ଏଇଭଳି ଭାବରେ ତୁମେ ପ୍ରତିଶୋଧ ନବାକୁ ଚାହଁ ?

ରଞ୍ଜନା—ତୁମ ବହି ବିଷୟରେ ମୁଁ କିଛି ଜାଣେନା—

ବ୍ରଜ—ଜାଣ ନା ! କିନ୍ତୁ ଏ କଥା ବୋଧହୁଏ ଖୁବ୍ ଭଲ ଭାବରେ ଜାଣ ଯେ ତୁମରି ଆନୁକୂଲ୍ୟରେ ଜୟମାଲ୍ୟ ପ୍ରେସରୁ ବାହାରିଛି । ବହି ଛପିବାକୁ କିଏ ଅନୁମତି ଦେଇଥିଲା ଶୁଣେ ?

ରଞ୍ଜନା—ଲଜ୍ଜା ହୁଏନା ! ତୁମେ ଆସିଚ ମୋଠୁଁ କୈଫିୟତ୍ ଆଦାୟ କରିବାକୁ ! କିନ୍ତୁ ଥରେ ହେଲେ ଭାବିଚ କି ବ୍ରଜବାବୁ, ତୁମକୁ ଆଜି ସବୁଠୁଁ ବଡ଼ ସମ୍ମାନ ଦେଇଚି କିଏ ? କିଏ ତୁମକୁ ଆଜି ଦେଶବାସୀଙ୍କ ଆଗରେ ପରିଚିତ କରାଇଚି ? ଅଳ୍ପ କେତେଟା ଦିନ ଭିତରେ ଜୟମାଲ୍ୟର ତୃତୀୟ ସଂସ୍କରଣ ପ୍ରକାଶ ପାଇବ—ପରେ ପରେ ହଜାର ହଜାର ବହି ଯେତେବେଳେ ପ୍ରେସ୍‌ରୁ ବାହାରି ଆସିବ—ଲକ୍ଷ ଲକ୍ଷ ଲୋକ ସେତେବେଳେ ବହି ପାଇଁ ପାଗଳ ହୋଇ ଉଠିବେ·······ସ୍ୱାର୍ଥ ରଞ୍ଜନାର , ନା ତୁମର ?

ବ୍ରଜ—କିନ୍ତୁ ଲକ୍ଷ ଲକ୍ଷ ଲୋକଙ୍କୁ ପାଗଳ କରି ଦେବାକୁ ହଠାତ୍ ତୁମର ଯେ କାହିଁକି ଆଗ୍ରହ ହେଲା ବୁଝି ପାରୁନି ମୁଁ !

ରଞ୍ଜନା—ତୁମେ ବୁଝି ପାରିବନି । ତୁମ ହାତକୁ ଯଦି ଶହ ଶହ ଟଙ୍କା ଆସେ, ସେଥିରେ ରଞ୍ଜନାର ସ୍ୱାର୍ଥ କିଛି ନାହିଁ, ସ୍ୱାର୍ଥ ତୁମରି । ସେଇ ଟଙ୍କାରେ ତୁମେ ଶିପ୍ରାର ଚିକିତ୍ସା କରିବ··ଦରକାର ପଡ଼ିଲେ changeରେ ନେଇପାର !

( ଚାଳିଶ ଟଂକା ଆଣି ବ୍ରଜ ହାତରେ ଦେଲେ ) ନଅ, ଏ ସବୁ ତୁମର, ଏ ଟଂକାରେ ଶିପ୍ରାର ବ୍ୟବସ୍ଥା କରିବ !

ବ୍ରଜ—ମୋ ଅଜ୍ଞାତରେ ପାଣ୍ଡୁଲିପିଟିକୁ ଲୁଚାଇ ଆଣି, ମୋ ଇଚ୍ଛା ବିରୁଦ୍ଧରେ ବହି ଛପାଇ ତୁମେ ମତେ ତୁମ ବଶ୍ୟାର ଉପକାରୀ କରିବାକୁ ଚାହୁଁଚ ! ଯଦି କେବେ ମନେ କରିଥାଅ ଯେ ଚାଳିଶ ଟଂକା ଲୋଭରେ ବ୍ରଜ ପରାଜୟ ସ୍ୱୀକାର କରିବ, ତା'ହେଲେ ତୁମେ ଭୁଲ୍ କରୁଚ ରଂଜନା ଦେବି !

ରଂଜନା—ତା'ହେଲେ ଏ ଟଂକା·····

ବ୍ରଜ—ନା ! ( ନୋଟଗୁଡ଼ିକୁ ତଳେ ପକାଇ ଦେଲେ ) ଏଇ ଘରେ ଶିପ୍ରା ଜୀବନର ଟ୍ରାଜେଡ଼ି ଆରମ୍ଭ ହୋଇଚି—ଏଇ ଘରେ ଆରମ୍ଭ ହୋଇଗଲା ତାର କରୁଣ ପର୍ଯ୍ୟାଲୋଚନା ! ଆଜି ପୁଣି କେଉଁ ଆଶାରେ ଏଇ ଘରର ଦାନ ନେଇ ମୁଁ ତାକୁ ସୁଖୀ କରାଇବାର ସ୍ୱପ୍ନ ଦେଖିବି, ରଂଜନା ଦେବି ?

ରଞ୍ଜନା—ଯେ ଦାନ ନୁହେଁ ବ୍ରଜବାବୁ !·····Please—

ବ୍ରଜ—ବ୍ରଜର ଗରିବ ସଂସାର—ତୁମେ ବଡ଼ଲୋକ, ଲକ୍ଷ ଲକ୍ଷ ଟଙ୍କାର ଅଧିକାରୀ ! ସେଥିପାଇଁ ଟଙ୍କାର ଲୋଭ ଦେଖାଇ ତୁମେ ଚାହଁ ବ୍ରଜକୁ ଜୟ କରିବାକୁ, ଉପକୃତ କରିବାକୁ ! ବୁଝିଚି ତୁମର ଅହଂକାର ରଂଜନା ଦେବି ! ସେଇ ଅଭିମାନ ନେଇ ସେଦିନ ଦୌଡ଼ି ଯାଇଥିଲ ମତେ ଉପହାସ କରିବାକୁ ! କିନ୍ତୁ ମୁଁ କାହିଁକି ଆସିଚି ଜାଣ ? ଯୋଉ ବହି ତୁମ ହାତ ଦେଇ ଆତ୍ମପ୍ରକାଶ କରିଚି, ଯୋଉ ଟଂକା ତୁମ ହାତ ଦେଇ ମତେ ବିଦ୍ରୂପ କରିବାକୁ ଆସିଚି···ସେହି ବହି, ଆଜି—ସେହି ଟଂକାକୁ ମୁଁ ଉଚ୍ଛିଷ୍ଟ ମନେ କରି ତୁମରି ହାତରେ ଫୁଙ୍ଗି ଦେଇ ଯାଉଚି !

ରଞ୍ଜନା—ବ୍ରଜ !

ବ୍ରଜ—ସେଇ ହାତରେ ତୁମେ ଦିନେ ଶିପ୍ରାକୁ ଆଘାତ କରିଥିଲ ! ସେଇ ହାତରେ ଶିପ୍ରାର ସଂସାରରେ ତୁମେ ଦିନେ ନିଆଁ ଲଗେଇଥିଲ । ଆଜି ସେଇ ହାତରେ ତୁମେ ଯଦି ଅମୃତ ନେଇ ମୋତେ ଦିଅ···ମୁଁ ତାକୁ ବିଷ ବୋଲି କହିବି ! ( ପ୍ରସ୍ଥାନ )

ରଂଜନା—ଉଃ ! (ବସି ପଡ଼ିଲେ ,ଆର୍ତ୍ତନାଦ କରି । ଏତିକିବେଳେ ହସି ହସି ଓହ୍ଲାଇ ଆସିଲେ ଅଜିତ । )

ଅଜିତ—ପ୍ରମାଣ ମିଳେ ଆଜି ଦିବାକୁ ପଡ଼ିଲା ନାଇଁ ରଞ୍ଜନା ! ଜୀବନର ଶେଷ ପରାଜୟ ତୁମେ ଆଜି ହାତେ ହାତେ ପାଇଗଲ । ( ହସିଲେ )

ରଞ୍ଜନା—( କାନ୍ଦି କାନ୍ଦି ) ମୋର ଏଇ ପରାଜୟରେ ତୁମେ ପ୍ରାଣ ଖୋଲି ହସୁଚ । ଉଃ, ତୁମେ ଏଡ଼େ ନିଷ୍ଠୁର ! ଏଡ଼େ ହୃଦୟ ହୀନ ! ମୋର ଅସମ୍ମାନ ଦେଖି ତୁମେ ବିଦ୍ରୂପ କରିବ—ଏଇଥିପାଇଁ ତୁମକୁ ବିବାହ କରିଥିଲି ? ତୁମକୁ ବିବାହ କରିବା କ'ଣ ମୋର ଏତେ ବଡ଼ ଅପରାଧ ? କୁହ, କହୁନା କାହିଁକି !

ଅଜିତ—କିଂତୁ ମୁଁ ଯଦି କୁହେ···ତୁମେ ମୋତେ ବିବାହ କରି ନ ଥିଲ, କରିଥିଲ ମୋର ଦୌଲତକୁ ?

ରଞ୍ଜନା—କାହିଁକି ? ସ୍ତ୍ରୀ ହିସାବରେ ମୁଁ କଣ ତୁମକୁ ତୁମର ପ୍ରାପ୍ୟ ଦେଇନି ? ମୁଁ କଣ ତୁମକୁ ପ୍ରତାରିତ କରିଚି !

ଅଜିତ—ନିଜେ ନିଜେ ତୁମେ ପ୍ରତାରିତା ହେଉଚ ରଂଜନା ! ବିବାହିତ ଜୀବନର ଏଇ କେତୋଟି ବର୍ଷ ଭିତରେ ସ୍ୱାମୀ ସ୍ତ୍ରୀର ଆବରଣ ତଳେ···ଯେଉଁ ଦେବତାଙ୍କ ପୂଜା କରିବାର

ତୁମେ କଣ ଆସିଚ, ଉଚ୍ଛିଷ୍ଟ ମନେ କରି ସେ ଆଜି ତୁମକୁ ଫିଙ୍ଗି ଦେଇ ଗଲେ, ଦୁନିଆର କୁତ୍ସିତ ଡଷ୍ଟବିନ୍ (dustbin) ଭିତରେ । ପ୍ରତାରଣାର ଆଉ କଣ ବାକି ରହିଲା ରଂଜନା ? ଏବେ ବି କଣ ତୁମେ ସ୍ୱାମୀ ସ୍ତ୍ରୀର ଦେଣା ପାଉଣା ହିସାବ କରିବାକୁ ଚାହଁ ? ଆଉରି ସ୍ପଷ୍ଟ ଭାବରେ ଦେଖିବ ତୁମ ମନ ମନ୍ଦିରର ଦେବତା ଆଜି କେମିତି ଘୃଣାରେ ଆଖି ଫେରେଇ ନେଇଚନ୍ତି ତୁମ ଉପରୁ ? ( ଫଟୋ ଖଣ୍ଡିଏ ଦେଖାଇଲେ ) ବ୍ରଜବାବୁଙ୍କର ଏ ଫଟୋ ଦେଖୁଚ ?

ରଞ୍ଜନା—କୋଉଠୁ ପାଇଲ ?

ଅଜୟ—ସାତ ସମୁଦ୍ର ଖୋଜି ସୁନା ଫରୁଆ ଭିତରୁ ପାଇଲି ରାଜକୁମାରୀଙ୍କର ପ୍ରେମର ଏଇ ସନ୍ତକ—ନିର୍ଜନ ପ୍ରକୋଷ୍ଠ ମଧ୍ୟରେ ରାଜକୁମାରୀ କରୁଥିଲେ ଯାହାର ବ୍ୟର୍ଥ ତପସ୍ୟା ! ଯାହାର ଅପେକ୍ଷାରେ ଜାଗର ଜାଗି କଟିଯାଇଚି ଶତ ସହସ୍ର ଉଜାଗର ରଜନୀ ! ଚମତ୍କାର ଦେବ ! ବିବାହ କଲି ମତେ...ନୀରବ ଅଶ୍ରୁଜାଳି ପୂଜା କଲି ଏଇ ଦରିଦ୍ର କଳାକାରର ! ଖଂଗି ଚୂରି ଉଚ୍ଛନ୍ନ କରିଦେଲି ମୋ ଅଳଅଳ ଭଉଁରର ସୁନାର ସ୍ୱପ୍ନ ! କ'ଣ ଲାଭ ହେଲା ତମର ରଂଜନା, ଦୁଇ କୂଳ ହରାଇ କଣ ହେଲା ତୁମର ସ୍ୱାର୍ଥସିଦ୍ଧି !......

ରଞ୍ଜନା—ଇସ୍, ତୁମେ ଏତେ mean ! ତୁମେ ମତେ ସନ୍ଦେହ କରୁଚ !

ଅଜୟ—ହା...ହା...ହା...ହା...ଧନ୍ୟ କହିବ ମୁଁ ଆଜି ଇଉରୋପୀୟ ସଭ୍ୟତାକୁ, ଯିଏ ସତୀ ସାବିତ୍ରୀ ଦେଶର ନାରୀକୁ

ଶିଖେଇ ପାରିଚ ହାଇସ୍କୁଲ—କଲେଜ ପାରିଚ ସଙ୍ଗ ସମିତିରେ ନେତ୍ରୀ···ନାଇଟ୍ କ୍ଲବର ମେମ୍ବର ! ବିବାହିତ ଜୀବନରେ ମଧ୍ୟ ଶିଖେଇ ପାରିଚ ଅନ୍ୟ ଜଣେ ପ୍ରେମିକର ପୂଜା ଉତ୍ସର୍ଗ ! ସାବାସ୍ ରଂଜନା, ତୁମ ଭଳି ମହୀୟସୀ ନାରୀ-ମାନଙ୍କୁ ମୁଁ ବି ଆଜ ମୋର ଭକ୍ତି ନିବେଦନ କରୁଚି — from the core of my heart ! ହା···ହା···ହା···

ରଞ୍ଜନା—ନିର୍ଲଜ୍ଜତାର ସୀମା ଡେଇଁ ତୁମେ ଯେତେବେଳେ ସବୁ କହି ପାରିଚ—ମୋ କଥା ବି ଥରେ ଶୁଣି ନିଅ —

ଅଜିତ — yes, why not ? କାହିଁକି ନୁହେଁ !

ରଞ୍ଜନା—ତୁମେ ପୁରୁଷ ହେଇ ସ୍ତ୍ରୀର ନିବେଦନକୁ ଯଦି ଏତେ ହାଲୁକା ଭାବରେ ଉଡ଼େଇ ଦେଇପାର, ସ୍ତ୍ରୀ କାହିଁକି ପ୍ରତିଶୋଧ ନବାକୁ ପଛେଇଯିବ । ସାବର୍ଣୀ ଯୁଗରେ ଥିଲା, ସ୍ତ୍ରୀ ପୁରୁଷର ଦାସୀ; କିନ୍ତୁ ଏ ଯୁଗରେ ଏଭଳି theory ଅଚଳ ।

ଅଜିତ—ସ୍ୱମତ ଯୁକ୍ତି ଆରମ୍ଭ କରିଦେଲ ଯେ !

ରଞ୍ଜନା—ଯୁକ୍ତି ! ନିଜର ସ୍ତ୍ରୀକୁ ଯେ ସନ୍ଦେହ କରି ଦୁନିଆର କୁତ୍ସିତ ଉଚ୍ଛିଷ୍ଟ ବୋଲି ବୁଝେ ତାକୁ ସ୍ୱାମୀ ବୋଲି ସ୍ୱୀକାର କରିବାକୁ ମୁଁ ମଧ୍ୟ ଲଜ୍ଜାବୋଧ କରୁଚି !

ଅଜିତ—ଲଜ୍ଜା ! ହା···ହା···ହା···ହା··· ଲଜ୍ଜାର ମୁଣ୍ଡ ଯେ ଚୋବାଇ ଖାଇଚି ତା'ର ପୁଣି ଲଜ୍ଜା !

ରଞ୍ଜନା—ବାସନା ଗୋଟାଏ ଜଘନ୍ୟ ମାତାଲ ପରି—

ଅଜିତ—( କଥା ନ ସରୁଣୁ ଗଣ୍ଡ ଦେଶରେ ଚପେଟାଘାତ କଲେ ଗମ୍ଭୀର ଉତ୍ତେଜନାରେ ) ର-ଞ୍ଜ-ନା !

ରଞ୍ଜନା—ଇସ୍, ତୁମେ ଏତେ କଦର୍ଯ୍ୟ ! ଆଜ ପର୍ଯ୍ୟନ୍ତ ମୁଁ ତୁମର ଅସଲ ରୂପ ଦେଖି ନ ଥିଲି ।

ଅଜିତ—ଯଦି ତୁମେ ମନେ କରିଥାଅ ଯେ ମତେ ବିବାହ କରି ତୁମେ ଅନୁଗ୍ରହ କରିଛ ତା' ହେଲେ ତୁମେ ଠକିଛ ! ଅନେକ ପ୍ରଶ୍ରୟ ତୁମକୁ ଦେଇଥିଲି, ତା'ର କାରଣ ମୁଁ ଦେଖିଥିଲି ତୁମେ କେତେବାଟ ଯାଇପାର !

ରଞ୍ଜନା—Shut up ! ତମେ କିଛି ଦେଖିନା, ଖାଲି ଏଇ ଫଟୋ ଖଣ୍ଡିକ ଦେଖିଛ ଆଉ ଶସ୍ତା ଉପନ୍ୟାସର ବିଷୟବସ୍ତୁ ପରି ଗୁଡ଼ାଏ କଦର୍ଯ୍ୟ କଳ୍ପନା କରିଛ ! ଦୁଏତ ଜୀବନରେ ବ୍ରଜକୁ ମୁଁ ଦିନେ ଭଲ ପାଇଥିଲି, ତା' ବୋଲି ମୁଁ ଯେ ମୋର ନାରୀ ଜୀବନର ସର୍ବସ୍ୱ ତା' ପାଦତଳେ ବଳି ଦେଇଛି, ଏସୁ ଧାରଣା ତୁମର ହେଲା କାଇଁକି ? କାଇଁକି ମତେ ସନ୍ଦେହ କରି ମୋର ନାରୀତ୍ୱର ଏତେବଡ଼ ଅସମ୍ମାନ କଲ ! ( ଆଖିରେ ଲୁହ ) ଜୀବନ ଯୁଦ୍ଧରେ ରଞ୍ଜନା ଆଜି କ୍ଷତ ବିକ୍ଷତ, ଲାଞ୍ଛିତ, ଅପମାନିତ, ପରାସ୍ତ, ଏସବୁ କାହାପାଇଁ ? ତୁମେ—ପୁରୁଷ···ମିଥ୍ୟାବାଦୀ ! ବିଶ୍ୱାସଘାତକ ! ଉଃ, ମୁଁ ଯେ ଆଉ ପାରୁନାହିଁ ! ( ଟଳି ଟଳି ଭିତରକୁ ଚାଲିଗଲେ )

ଅଜିତ୍—ରଞ୍ଜନା !

ଦରୱାନ—(ଆସି ସଲାମ୍ କରି ଚିଠି ଖଣ୍ଡିଏ ତାଙ୍କ ହାତକୁ ଦେଲା)

ଅଜିତ—( ଚିଠି ପଢ଼ି ) ସେ ଲୋକ ଅଛି ?

ଦରୱାନ—ନେହିଁ ସା'ବ !

ଅଜିତ୍—ଆଚ୍ଛା, ତୁମେ ଯାଅ— । ( ଦରୱାନର ପ୍ରସ୍ଥାନ) ଅଜିତ ବାବୁ ଫୋନ ପାଖକୁ ଯାଇ କଥାବାର୍ତ୍ତା କଲେ "161·····Yes please······Doctor Das

speaking···ଡାକ୍ତର ଭାର୍ଗବ ଅଛନ୍ତି ? ନାହାନ୍ତି ? ହଁ
ଆସିଲା ମାତ୍ରେ ତାଙ୍କୁ କହିବେ, ଆଗେ, ଆଗେ ଆସିବେ—
ବିଶେଷ ଦରକାର ! ବୁଝିଲେ···Yes, thank you !

ଅଜିତ୍—ରଞ୍ଜନା ! ରଞ୍ଜନା !

ରଞ୍ଜନା—( ସେମିତି ଠିକ ଠିକ ଉପରୁ ଆସିଲେ । ବାଳ ମୁକୁଳା
ସାଜସଜ୍ଜାରେ ଅଦ୍ଭୁତ ପରିବର୍ତ୍ତନ—ବୟସ ଯେମିତି ବଢ଼ି
ଆଗେଇ ଯାଇଚି ତାଙ୍କର ) ମତେ ଡାକୁଚ ?

ଅଜିତ—ଆରେ, ଏ କଣ ହେଲା ତୁମର ? ଚାଲ, ଆମକୁ ସାଂଗେ
ସାଂଗେ ଯିବାକୁ ହବ ।

ରଞ୍ଜନା—କୋଉଠିକି ?

ଅଜିତ—ଶିପ୍ରା ପାଖକୁ । Quick ! ଦେହର ଅବସ୍ଥା ଭା'ରି ଭଲ
ନାହିଁ—ଡାକ୍ତର ଭାର୍ଗବ call ରେ ଯାଇଛନ୍ତି ।

ରଞ୍ଜନା—ତୁମେ ଯାଅ···ମୁଁ ଯିବିନି !

ଅଜିତ—ଯିବନି ! କଣ କହୁଚ ରଞ୍ଜନା !

ରଞ୍ଜନା—ନା, ଶିପ୍ରା ତୁମ ଭଉଣୀ, ମୋର କିଏ ?

ଅଜିତ୍—ତର୍କ କରିବାର ସମୟ ଯେ ନୁହେଁ ରଂଜନା
For God's sake, ଆସ ତୁମେ—quick !

ରଞ୍ଜନା—No !!

ଅଜିତ—ଏ ଦୁର୍ଦ୍ଦିନରେ ମଧ୍ୟ—

ରଞ୍ଜନା—No ! ( ହସି ହସି ଗୁଣୁ ଗୁଣୁ ହୋଇ ମନକୁ ମନ କ
କହି କହି ସିଢ଼ି ଉପରକୁ ଚାଲିଗଲେ )

## —ଷଷ୍ଠ ଦୃଶ୍ୟ—

[ ରାସ୍ତା—ପ୍ରକାଶ ବାବୁ ଓ ଜଣେ ଭଦ୍ରଲୋକ କଥାବାର୍ତ୍ତା କରୁ କରୁ ଆସିଲେ ବ୍ୟସ୍ତ ଭାବରେ ]

ଭଦ୍ରଲୋକ—ପ୍ରକୃତରେ, ପ୍ରକାଶ ବାବୁ ! ଦେଶ ଏ ଥାଏ ଗୁଣୀକୁ ତା'ର ପ୍ରାପ୍ୟ ସମ୍ମାନ ଦେଇ ଶିଖିନାହିଁ ! ଆମେ ସବୁବେଳେ ଗୋଟାଏ ଶସ୍ତା ଜାତୀୟତାର ଦାହି ଦେଇ ଫାଇଦା ଉଠେଇବାକୁ ଚେଷ୍ଟାକରୁ, ମାତ୍ର ଉପଯୁକ୍ତ କ୍ଷେତ୍ରରେ ପଛେଇ ରହୁ !

ପ୍ରକାଶ—ଠିକ୍ କହୁଛନ୍ତି ଆପଣ । ଯୋଉଦିନ ଆମ ଭିତରୁ ଏଇ ସ୍ୱାର୍ଥପର ଭାବ ଯିବ, ସେଇଦିନ ଆମେ ବଡ଼ ହବୁଁ ।

ଭଦ୍ର—ମୁଁ ଖାଲି ଗୋଟାଏ ଆବେଗରେ ମାତି ଉଠୁନାହିଁ, ବାହାବା ନେବା ଲାଗି ଏ ଅଭିନନ୍ଦନ ଆୟୋଜନର ଅଗ୍ରଣୀ ହୋଇନାହିଁ, ବରଂ ସତ୍ୟଟି ମୋ ମନରେ ଜଗାଇ ଦେଇଚି ଅପୂର୍ବ ଉଦ୍ଦୀପନା ! ଲେଖକ ଲେଖିଯାଏ, ଶିଳ୍ପୀ ଆଙ୍କିଯାଏ, ଅଭିନେତା ଅଭିନୟ କରେ···କିନ୍ତୁ କେତେଜଣ ବୁଝନ୍ତି ତାଙ୍କର ଏଇ ନିଷ୍ଠା ପଛରେ ଏଇ ସାଧନା ପଛରେ ଅଛି କି ଦୁଃଖ, କି ଦୈନ୍ୟ ଆଉ ବିଡ଼ମ୍ବନା ? ବାହାବା ଦେଇ ଆମେ କଳାକାର ମୁହଁ ଉପରେ ପ୍ରଶଂସାର ଅଜସ୍ର ବାକ୍ୟ ଢାଳି ଦେଉଁ, ମାତ୍ର ମୁହଁ ଫେରାଇ ନେବା ସଙ୍ଗେ ସଙ୍ଗେ କୁତ୍ସିତ ସମାଲୋଚନା କରିବାକୁ ମଧ୍ୟ କୁଣ୍ଠାବୋଧ କରୁନା ! କେବେ ଏ ମିଥ୍ୟା ଛଳନା ଦୂର ହେବ କେଜାଣି ?

ପ୍ରକାଶ—ଚାଲନ୍ତୁ, ବ୍ରଜ ବାବୁଙ୍କ ଘରକୁ ଯାଇ ତାଙ୍କୁ ଅନୁରୋଧ କରିବା ! ( ବସନ୍ତ ଆସିଲେ ) ଏଇ ଯେ ବସନ୍ତବାବୁ, ଖୁବ୍ ଭଲ ହୋଇଚି ଆପଣ ଆସିଛନ୍ତି !

ବସନ୍ତ—କଥା କଣ ଆଜ୍ଞା ? ଆପଣମାନେ ଭାରି ବ୍ୟସ୍ତ ଜଣା ଯାଉଛନ୍ତି !

ପ୍ରକାଶ—ସମସ୍ତେ ଥିର୍ କରିଚନ୍ତି ଗୋଟାଏ ଅଭିନନ୍ଦନ ସଭାର ଆୟୋଜନ କରିବାକୁ, ମାତ୍ର ବ୍ରଜବାବୁଙ୍କର ଉପସ୍ଥିତି ବ୍ୟତୀତ ଯା ହୋଇ ପାରିବନି । ତାଙ୍କୁ ଜନତା ଆଗରେ ପରିଚିତ କରାଇବା ଏ ସଭାର ଉଦ୍ଦେଶ୍ୟ !

ବସନ୍ତ—ଯେ ତ ଅତି ସୁନ୍ଦର ପ୍ରସ୍ତାବ । କିନ୍ତୁ ମୋର ପାଗଳ ବନ୍ଧୁଟିକୁ ଆପଣମାନେ ତ ଭଲ ଭାବରେ ଜାଣନ୍ତି ।

ଭଦ୍ର—ଖାଲି ବ୍ରଜବାବୁ ନୁହନ୍ତି, କବିପତ୍ନୀଙ୍କୁ ମଧ୍ୟ ଆମେ ଅନୁରୋଧ କରିବୁଁ ।

ବସନ୍ତ—ସେ ଭାରୀ ଅସୁସ୍ଥା ! ଅବସ୍ଥା ମୋଟେ ଭଲ ନୁହେଁ । ମୁଁ ସେଇଠିକି ଯାଉଚି !

ପ୍ରକାଶ—ସତେ ! ତା'ହେଲେ ତ ଆମ୍ଭମାନଙ୍କର ସେଠିକି ଯିବା ନିତାନ୍ତ ଦରକାର । ଚାଲନ୍ତୁ ବସନ୍ତବାବୁ, ଏ ଦୁର୍ଦ୍ଦିନରେ ତାଙ୍କୁ ସାହାଯ୍ୟ କରିବା ନିତାନ୍ତ ଦରକାର ।

ବସନ୍ତ—ଆସନ୍ତୁ । ( ସେମାନଙ୍କର ପ୍ରସ୍ଥାନ )

---

## —ସପ୍ତମ ଦୃଶ୍ୟ—

[ବ୍ରଜର ଘର । ପରଦା ଉଠିଲା ପରେ ଦେଖାଗଲା—ଖଟ ଉପରେ ଶାୟିତା ଶିପ୍ରା ମୁମୂର୍ଷୁ, ବ୍ରଜ ପାଖରେ ବସି ରୋଗିଣୀର ଶୁଶ୍ରୂଷା କରୁଥିଲେ ।]

ବ୍ରଜ—ଷୀରକୁ ଡାକେଁ, ଏଇଠି ତମ ପାଖରେ ବସିବ ।

ଶିପ୍ରା—ତୁମେ କୁଆଡ଼େ ଯିବ ?

ବ୍ରଜ—ଡାକ୍ତର ବାବୁଙ୍କ ଆସିବା ଡେରି ହେଲାଣି, ଦେଖେ ବୋଧହୁଏ ରୋଗୀ ଦେଖି ଫେରିବେଣି ।

ଶିପ୍ରା—ନା, ନା, ମତେ ଛାଡ଼ି ତୁମେ କୁଆଡ଼େ ଯାଅ ନାହିଁ । ତୁମେ ଡାକ୍ତର ନେଇ ଆସିଲା ବେଳକୁ ମୁଁ ହୁଏତ ଆଉ ନ ଥିବି । ଏତେବେଳେ ମୋ ପାଖେ ରୁହ । ମୋ ରାଣ, ଯାଅନା ତୁମେ ।

ବ୍ରଜ— ଶି-ପ୍ରା !

ଶିପ୍ରା—ମତେ ବଞ୍ଚାଇବାକୁ ଯାହା କରିବାର କଥା ସବୁ ତ କରିଛ । ଅନିଦ୍ରାରେ, ଅନାହାରରେ ତୁମର ଦେହ ଅବସ୍ଥା ନାହିଁ ଆଉ ଜାଣିଛ ? ମୁଁ ଜାଣେ, ମୁଁ ଆଉ ବଞ୍ଚିବି ନାହିଁ । ବେଳ ଖୁବ୍ ପାଖେଇ ଆସୁଚି ।

ବ୍ରଜ—ଶିପ୍ରା, ଦୁଃଖ ହେଉ ହେଉ ତମ ଜୀବନ ଯାକ ଲଭିଥିବ ଖାଲି ବ୍ୟର୍ଥତାରେ ! ଏ ଜନ୍ମରେ ମୁଁ ତମର କିଛି କରି ପାରିଲିନି !

ଶିପ୍ରା—( ମୁହଁରେ ହାତ ଦେଇ ) ଛିଃ, ସେ କଥା ତୁମେ କୁହନା ! ଆଜି ପର୍ଯ୍ୟନ୍ତ କାହାରି ପାଖରେ ତୁମେ ମୁଣ୍ଡ ନୁଆଇଁନ, କାହାରି ଦୁଆରେ ହାତ ପତେଇନ, ସେଇତକ ଆଦର୍ଶ ନେଇ ପରଜନ୍ମରେ ମୁଁ ତମପାଇଁ ଅପେକ୍ଷା କରିଥିବି !

ବ୍ରଜ—ଶିପ୍ରା !

ଶିପ୍ରା—ଉଃ !

ବ୍ରଜ—ଭାରି କଷ୍ଟ ହଉଚି ନା ? ଔଷଧ ଦିଏଁ । ସ୍ଥିର ।

ଶିପ୍ରା—ଥାଉ, ତୁମ ହାତ ମୋ ମୁଣ୍ଡ ଉପରେ ଟିକଏ ରଖ, ତୁମର ହାତର ପରଶ ଲଭ କରୁ କରୁ ମୁଁ ଶାନ୍ତିରେ ଆଖିବୁଜି ଦିଏଁ—ଉଃ ! ଭାଇ ଆସିଲେନି…ନା ?

ବ୍ରଜ—ଖବର ଦେଇଚି, ଆସିବେ ବୋଧହୁଏ—

ଶିପ୍ରା—ନ ଆସନ୍ତୁ, କେହି ନ ଆସନ୍ତୁ—ତୁମେ ଅଛ, ମୋର ଆଉ କିଛି ଅବଶୋଷ ନାହିଁ…ଉଃ ଭଗବାନ ! ନାରୀ ଜନ୍ମର ଶ୍ରେଷ୍ଠ କାମନାର ବସ୍ତୁ—ଗର୍ବର ଧନ—ତୁମରି ହାତରେ ଛାଡ଼ିଯାଉଚି……ତୁମେ ଦେଖିବ…ତୁମେଇ ତାଙ୍କୁ ସୁଖୀ କରିବ ଭଗବାନ ! ଉଃ, କି ଅନ୍ଧାର… ତୁମେ କେଉଁଠି ! ଆହୁରି ପାଖକୁ ଆସ…ମୁଁ ଯେ କିଛି ଦେଖି ପାରୁ ନାହିଁ…ଉଃ…( ମୃତ୍ୟୁ )

ବ୍ରଜ—ଶିପ୍ରା ! ଶିପ୍ରା ! (ପରୀକ୍ଷା କରି) ଶିପ୍ରା ! ନା, ଚାଲି ଯାଇଛୁ । ଜୀବନର ପାପ ତୋର ଲିଭିଗଲା ଶିପ୍ରି ! ଏଇ ତୋର ସାଧନାର ଜୟମାଲ୍ୟ ! ଆଖି ପୂରେଇ ଥରେ ଶେଷଥର ପାଇଁ ଦେଖିନେ ହତଭାଗ୍ୟ, ଆଖି ପୂରେଇ ଦେଖିନେ—

ଅଜିତ—( ବାହାରୁ ଡାକ ଆସିଲେ ) ଶିପ୍ରା ! ଶିପ୍ରା !

ବ୍ରଜ—ଏ ଡାକ ତାକୁ ଆଉ ଶୁଭିବନି ଅଜୁ ଭାଇ, ଶିପ୍ରା ଚାଲି ଯାଇଚି ।

ଅଜିତ—କଣ କହିଲ ବ୍ରଜ !

ବ୍ରଜ—ଶିପ୍ରା ଆଉ ନାହିଁ !

ଅଜିତ—ଭଉଣୀ ମୋର ଚାଲିଗଲା । ମୋ ଉପରେ ଅଭିମାନ କରି ହତଭାଗୀ ଚାଲିଗଲା ବ୍ରଜବାବୁ, ମୋ ଉପରେ ଖାଲି ଅଭିମାନ କରି ଆଖି ବୁଜିଦେଲା । ଟଙ୍କା, ସୁନା, ଆଭିଜାତ୍ୟ ସବୁ ମୋର ପଛରେ ପଡ଼ି ରହିଲା···ସଂସାରର ସବୁ ମାୟା ତୁଟେଇ ସୁନା ଭଉଣୀ ମୋର ନିଃସହାୟ ଭାବରେ ଚାଲିଗଲା । ଓଃହୋ । ଶିପ୍ରା ! ଶିପ୍ରା ! ( କହୁଁ କହୁଁ ବାକ୍‌ରୁଦ୍ଧ ହୋଇ ସେଇଠି ଲୋଟି ପଡ଼ିଲେ । କରୁଣ ମୂର୍ଚ୍ଛନାରେ ମଞ୍ଚ ଭରିଗଲା । ପାଗଳଙ୍କ ପରି ଡାକୁ ଡାକୁ ଆସିଲେ ରଞ୍ଜନା । ହାତରେ ତାଙ୍କର ଜୟମାଲ୍ୟ ବନ୍ଧା ଖଣ୍ଡେ ।)

ରଞ୍ଜନା—( ଖଟ ପାଖକୁ ଆଗେଇ ଆସି ) ଶିପ୍ରା ! ଶିପ୍ରା ! ଏଇ ଦେଖ, ତୁମ ପାଇଁ ମୁଁ ଉପହାର ଆଣିଚି !

ବ୍ରଜ—କି ଉପହାର ଆଣିଚ ଝିଅଜବୋଉ ?

ରଞ୍ଜନା—ଏଇ ଦେଖ, 'ଜୟମାଲ୍ୟ'—ତା' ଜୀବନରେ ଯାହା ଥିଲା ଏକମାତ୍ର କାମ୍ୟ···ଏକାନ୍ତ ବାଞ୍ଛିତ । (ବ୍ରଜ ପାଗଳଙ୍କ ପରି ହସି ଉଠିଲେ )

ଅଜିତ—( ମୁଣ୍ଡ ଉଠାଇ ) ତୁମେ ···ଆସିଚ !

ରଞ୍ଜନା—ହଁ, ମୁଁ ଆସିଚି···ତୁମ ସାଗରେ ଆସିନି, ଏକା ଆସିଚି । ମୁଁ ଶିପ୍ରାକୁ କହିବାକୁ ଆସିଚି ମୋର ଶେଷ କଥା—ଦୁନିଆର ଅନ୍ୟମାନଙ୍କ ପରି ସେ ଯେମିତି ରଞ୍ଜନାକୁ ଭୁଲି ନ ଯାଏ ।

ଅଜିତ—ନିର୍ଭୁଲ ଭାବରେ ତୁମର ଦୋଷ ଗୁଣ ବିଚାର କରିବାକୁ ଶିପ୍ରା ଆଜ ନାହିଁ ରଞ୍ଜନା, ବହୁତ ଦୂରକୁ ସେ ଚାଲିଯାଇଚି ।

ରଞ୍ଜନା—କଣ କହିଲ । ନା, ନା, ତୁମେ ଏ କ'ଣ କହୁଚ । (ପରୀକ୍ଷା କରି) ଏଁ, ସତେ ତ ! ସତେ ତ ! ଭାବିଥିଲି ମୁଁ ଆଗେ ଯିବି···ହେଲେ, ଶିପ୍ରା ଚାଲିଗଲା ।

ଅଜିତ—ରଞ୍ଜନା ! ତୁମର କଣ ହେଉଚି ।

ରଞ୍ଜନା—କିଛି ନୁହେଁ, ଖାଲି କହିବାକୁ ଆସିଚି—ସମସ୍ତେ ମୋ ଦୋଷ ଦେଉଚ···ସବୁ ଅପବାଦ ମୁଣ୍ଡରେ ବହି ମୁଁ ନିର୍ଭୀକ ଭାବରେ ଛିଡ଼ା ହେବି—ମୁକ୍ତ କଣ୍ଠରେ କହିବି, କୌଣସି ପାପ ମତେ ସ୍ପର୍ଶ କରିନି—କାହାରି ସର୍ବନାଶ ପାଇଁ ମୁଁ ଦାୟୀ ନୁହେଁ···ଯାହା କରିଚି ସବୁ ମଙ୍ଗଳ ପାଇଁ···

ଅଜିତ—ରଞ୍ଜନା !

ରଞ୍ଜନା—ତୁମେ ମନେ କରିଥିଲ ତୁମ ଅଟଳ ବିଶ୍ୱାସରେ ବିଷ ଦେଇ ମୁଁ ମୋର ନାରୀତ୍ୱର ଅବମାନନା କରିଚି; କିନ୍ତୁ ତୁମେ ଏତିକି ବୁଝିଲ ନାହିଁ, ବିବାହିତା ସ୍ତ୍ରୀର ଆଦର୍ଶ ପଥରୁ ତିଳେ ହେଲେ ବିଚଳିତ ହୋଇନି ରଞ୍ଜନା ! ଆଜି ସେଇ ଆଦର୍ଶରେ ମିଥ୍ୟା କଳଙ୍କ ଲାଗିବା ପରେ ଘରେ ମୁଁ ବିଷ ପିଇଚି ! ବିଷ······

ବ୍ରଜ—ଭାଉଜବୋଉ !

ଅଜିତ—ରଞ୍ଜନା !

ରଞ୍ଜନା—ବିଜୟିନୀର ନକ୍ଷତ୍ର ଧରି ଗୋଟାଏ ବିରାଟ ପ୍ରହେଳିକା ପରି ରଞ୍ଜନା ଆସିଥିଲା ସଂସାରକୁ—ଆଜି ବି ସେଇ ନକ୍ଷତ୍ର

ଧରି ଚାଲି ଯାଉଛି ସେ' ସୀମାହୀନ ଅନନ୍ତ ପଥରେ ! ( ଅଜୟର ପାଦତଳେ ବସି ପଡ଼ିଲେ ) ଦେଖୁଛ··· ଦେଖୁଛ···କେତେ ତା'ର ଆୟୋଜନ ? କେତେ ତା'ର ସମାରୋହ ! ଉଃ ! କ୍ଷମା···କ୍ଷମା···ଭଗବାନ୍···( ମୃତ୍ୟୁ )

ଅଜୟ୍—ର-ଞ୍ଜ-ନା !

ବ୍ରଜ—ଶ୍ରାଉଣ୍ଡ୍ରେଲ୍ ! ନା, ସବୁ ଶେଷ—( ଏତିକିବେଳେ ବାହାରେ କୋଳାହଳ ଶୁଭିଲା । ଆଗ ପଛ ହୋଇ ବସନ୍ତ, ପ୍ରକାଶ ଓ ଭଦ୍ରଲୋକ ଆସିଲେ । )

ବସନ୍ତ—ବ୍ରଜ ! ବ୍ରଜ ! ଦେଖ୍, କିଏ ସବୁ ଆସିଛନ୍ତି ତୋ ସ୍ୱାଗରେ ଦେଖା କରିବାକୁ—ତତେ ଅଭିନନ୍ଦନ ଜଣେଇବାକୁ !

ପ୍ରକାଶ—ବ୍ରଜବାବୁ, ଜନତା ଆଜି ଆସିଛି ଆପଣଙ୍କୁ ସ୍ୱାଗତ ଜଣେଇବାକୁ । ଓଡ଼ିଆ ସାହିତ୍ୟରେ ଜୟମାଲ୍ୟ ଆପଣଙ୍କର ଅନବଦ୍ୟ ସୃଷ୍ଟି !

ବ୍ରଜ—ସ୍ୱାଗତ ! ଅଭିନନ୍ଦନ । ହା···ହା···ହା···ତୁ ଠିକ୍ ସମୟରେ ଆସିଚୁ ବସନ୍ତ, ଭଲ ହେଲା । ଏ ମହାଶ୍ମଶାନରେ ଏ ଯୋଉ ମହାମିଳନ ଶଂଖଟାଏ ବଜାରେ ବସନ୍ତ, ଶଂଖଟାଏ ବଜା । ଶଂଖର ମନ୍ଦ୍ରତାନରେ ଶିଳ୍ପୀର ଜୟ ଜୟକାର ଆଜି ଘୋଷିତ ହେଉ ସାରା ସୃଷ୍ଟିରେ ।

ବସନ୍ତ—ଏ ସବୁ କଣ ବ୍ରଜ !

ବ୍ରଜ—ଦେଖ୍ ବସନ୍ତ, ଶିପ୍ରା, ଆଉ ରଞ୍ଜନା ଦେଖୁଛନ୍ତି ଦେଖ··· ଦୁହିଁଙ୍କ ଦୁହେଁ ଚାଲି ଯାଇଚନ୍ତି ସୃଷ୍ଟିର ପରପାରକୁ— ବହୁଦୂରକୁ·····

ବସନ୍ତ—କ'ଣ କହୁଲୁ ?

ପ୍ରକାଶ—ବସନ୍ତବାବୁ ! କ'ଣ ପାଇଁ ଆସି କ'ଣ ଆଜି ମୁଁ ଦେଖୁଛି ।
ଲେଖା ଭିତର ଦେଇ ଦୁନିଆରେ ବଞ୍ଚି ରହିବାର ବାଟ ଯେ ଦେଖେଇ ପାରିଲା, ସଂସାରକୁ ଯେ ଦେଇ ପାରିଲା ଦୁଃଖ, ଅବସାଦକୁ ଜିଣି ନିଜକୁ ପ୍ରତିଷ୍ଠିତ କରିବାର ମନ୍ତ୍ର, ତା'ର ସଂସାର ଭାଙ୍ଗିଗଲା ଇମିତି ଭାବରେ । ଇମିତି ଭାବରେ ଛାରଖାର ହୋଇଗଲା ତା'ର ପୃଥିବୀ । ସତକଥା ବସନ୍ତବାବୁ, କଳାକାର ଅକୁଣ୍ଠିତ ଭାବରେ ସବୁ ଦିଏ, କିଛି କିଛି ପାଏ ନା—

ବ୍ରଜ—କିଏ କହିଲା ମୁଁ କିଛି ପାଇନି ପ୍ରକାଶବାବୁ ? ମୁଁ ସବୁ ପାଇଛି—ଦୁନିଆ ମୋର ଆଜି ପୂରି ଉଠିଛି କି ମହାମୂଲ୍ୟ ସମ୍ଭାରରେ—ଦେଖୁଚନ୍ତି ?

ବସନ୍ତ—ବ୍ରଜ !

ବ୍ରଜ—ଏଇ ହଉଛି ମୋର ଦୁନିଆରେ ବସନ୍ତ, ଏଇ ହଉଛି ମୋର ଦୁନିଆ···ଯାହାକୁ ନେଇ ମତେ କହୁଥିଲୁ କି ସୁଖୀ ହବାକୁ । (ପାଗଳଙ୍କ ପରି ହସିଲେ) ମହାନାଟକର ଯବନିକା ଏଇ ହସ ଭିତରେ ବସନ୍ତ, ଖାଲି ଏଇ ହସ ଭିତରେ । ହା-ହା-ହା-ହା·····

* ଯ ବ ନି କା *

କଟକ କୃଷକ ପ୍ରେସରେ ଶ୍ରୀ ପ୍ରଫୁଲ୍ଲକିଶୋର ଦାସଙ୍କ ଦ୍ୱାରା ମୁଦ୍ରିତ